ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 4/2025 Page 14 ₹ 7.00 | BERHAMPUR
୫୧ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 308 ମୂଲ୍ୟ₹୭/-

# ପ୍ରସ୍ତୁତ ରୁହ

## ଭାରତୀୟ ଯବାନଙ୍କୁ ସେନାମୁଖ୍ୟଙ୍କ ନିର୍ଦ୍ଦେଶ

**ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ବନ୍ଦ ନ କଲେ ଏହାକୁ ମାନଚିତ୍ରରୁ ଲିଭାଇଦେବୁ ବୋଲି ଶୁକ୍ରବାର ଭାରତ ଚେତାବନୀ ଦେଇଛି। ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ସ୍ଥିତି ଏମିତି ହେଉଛି ଯେ, ପରବର୍ତ୍ତୀ ସମୟରେ ଭାରତ ଆଉ ସଂଯମ ରକ୍ଷା କରିବ ନାହିଁ । 'ଅପରେଶନ୍ ସିନ୍ଦୂର'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ସଙ୍କେତ ଦେବା ପୃଷ୍ଠଭୂମିରେ ସେ ଭାରତୀୟ ଯବାନମାନଙ୍କୁ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।**


ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

**ନୂଆଦିଲ୍ଲୀ,୩।୧୦**

ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର କହିଛନ୍ତି, ପଶ୍ଚିମରେ ଥିବା ପଡ଼ୋଶୀ ଆତଙ୍କବାଦର ମାଷ୍ଟରମାନଙ୍କୁ ପ୍ରୋତ୍ସାହନ ଦେବା ନେଇ କୁଖ୍ୟାତ। ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ରପ୍ତାନି ବନ୍ଦ କରୁ। ଅନ୍ୟଥା ଭାରତ ଆଉ ସଂଯମ ହେବ ନାହିଁ କହି ସେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଭାରତୀୟ ସଶସ୍ତ୍ର ବଳ ଏହାର ଜବାବ ଦେବାକୁ ଯାଇ ମେ' ୭ରୁ ୧୦ ପର୍ଯ୍ୟନ୍ତ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ☞ପୃଷ୍ଠା-୪

## ୧୨ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଛି ଭାରତ: ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୩।୧୦**

ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ଭାରତୀୟ ସେନା ପାକିସ୍ତାନର ଏଫ୍-୧୬ ଓ ଜେଏଫ୍ ବର୍ଗର ୧୨ ଯୁଦ୍ଧବିମାନ ଖସାଇଥିବା ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ୍ ସିଂ କହିଛନ୍ତି। ଅମରପ୍ରୀତ୍ ପୂର୍ବରୁ ୫ ପାକିସ୍ତାନୀ ଫାଇଟର ଜେଟ୍‌କୁ ଖସାଯାଇଥିବା ବିଷୟ କହିଥିଲେ ମଧ୍ୟ କେଉଁ ବର୍ଗର ଯୁଦ୍ଧବିମାନକୁ ଭାରତୀୟ ସଶସ୍ତ୍ର ବଳ ଖସାଇଥିଲା ତାହା ସେ ପ୍ରଥମ ଥର ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅମରପ୍ରୀତ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏଫ୍-୧୬ ଆମେରିକା ନିର୍ମିତ ହାଇଟେକ୍ ଯୁଦ୍ଧବିମାନ ହୋଇଥିବାବେଳେ ଜେଏଫ୍-୧୭ ମୂଳତଃ ଚାଇନା ଦ୍ୱାରା ପ୍ରସ୍ତୁତ। ଅନ୍ୟପକ୍ଷେ ପାକିସ୍ତାନ ଭାରତର ୬ ଯୁଦ୍ଧବିମାନ ଖସାଇଥିବା ନେଇ କରୁଥିବା ଦାବି ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ପଦବୀ ଚାଲିଗଲା

### ଆଜିର ମନ୍ତବ୍ୟ

" ବାଣିଜ୍ୟ ଓ ଶକ୍ତି ସୁରକ୍ଷାରେ ବିଶ୍ୱ ଗମ୍ଭୀର ଅସନ୍ତୁଳନର ସମ୍ମୁଖୀନ ହୋଇ ଏକ ଢାଞ୍ଚାଗତ ପରିବର୍ତ୍ତନ ଦେଇ ଗତି କରୁଛି। ତେବେ ଭାରତ ବାହ୍ୟ ଆଘାତକୁ ସମ୍ଭାଳିପାରିବା ଭଳି ଏକ ସ୍ଥିର ଶକ୍ତି ଭାବେ ଉଭାହୋଇଛି।

-ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

## ଚୌଦ୍ୱାର ଜେଲରୁ ୨ ବିହାରୀ କଏଦୀ ଫେରାର

- **କଏଦୀଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର**
- **ଚିଫ୍ ୱାର୍ଡରଙ୍କ ସମେତ ୨ ନିଲମ୍ବିତ**

**ଚୌଦ୍ୱାର/ ମଙ୍ଗୁଳି-ଜଗତପୁର, ୩।୧୦ (ଆଶୁତୋଷ ଦାସ/ ମାନସ ସାମଲ)**

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ) ପାଚେରି ଡେଇଁ ଗୁରୁବାର ବିଳମ୍ବିତ ରାତିରେ ୨ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଉଭୟ କିଛି ମାସ ତଳେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ସେମାନେ ହେଲେ ବିହାରର ଲୋହିଆନଗରର ରାଜା ସାହାଣୀ ଓ ରାମପୁର ଅଞ୍ଚଳର ମଧୁକାନ୍ତ କୁମାର। ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାର୍ଯ୍ୟରେ ଅବହେଳା ପାଇଁ ଜଣେ ୱାର୍ଡର ଓ ଚିଫ୍ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଖବର ପାଇ ଜେଲ ଡିଜି ସୁଶାନ୍ତ କୁମାର ନାଥ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ☞ପୃଷ୍ଠା-୪




DSPL - 289



## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷର ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହ ଆମକୁ ପ୍ରକୃତି ଓ ସର୍ବୋପରି ବନ୍ୟପ୍ରାଣୀ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ । ଆମ ରାଜ୍ୟ ଓଡ଼ିଶା ଜୈବବିବିଧତାରେ ପରିପୂର୍ଣ୍ଣ । ଶିମିଳିପାଳର କଳା ମହାବଳ ବାଘଠାରୁ ଆରମ୍ଭ କରି ଚିଲିକାର ଇରାୱାଡ଼ି ଡଲଫିନ୍ ଯାଏଁ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କର ଆଶ୍ରୟସ୍ଥଳ ଭାବେ ପ୍ରକୃତିର ଅପୂର୍ବ ଦାନରେ ଭରପୂର ଆମ ରାଜ୍ୟ । ପ୍ରତିବର୍ଷ ଆମ ରାଜ୍ୟର ଉପକୂଳରେ ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗଣ ଅଣ୍ଡାଦାନ ଏବଂ ଶୀତଋତୁରେ ବିଭିନ୍ନ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କର ଉପସ୍ଥିତି ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିଥାଏ ।

ବିଗତବର୍ଷମାନଙ୍କରେ ଆମ ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀର ଉନ୍ନତିକରଣ ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହଭାଗୀତା ଦ୍ୱାରା ସଂରକ୍ଷଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି । ସାଧାରଣ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉଦ୍ୟମରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି ।

ଆମର ଜଙ୍ଗଲ, ଜଳ ଏବଂ ଜୀବଜନ୍ତୁମାନଙ୍କ ସୁରକ୍ଷା ଓ ସଂରକ୍ଷଣ, କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ । ଆସନ୍ତୁ, ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇ ଆମେ ଏକ ସୁସ୍ଥ, ସୁନ୍ଦର ଓ ସବୁଜ ଓଡ଼ିଶା ଗଠନ କରିବା ।

**ଶ୍ରୀ ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ , ଓଡ଼ିଶା**



**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଶୁଭ ଜନ୍ମଦିନଠାରୁ ଆରମ୍ଭ ହୋଇ ଅକ୍ଟୋବର ୮ ତାରିଖ ଯାଏଁ ହେବାକୁ ଥିବା ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ଆମ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଜୈବ ବିବିଧତାର ଏକ ବିଶାଳ ଭଣ୍ଡାର । ଆମ ରାଜ୍ୟର ଘଞ୍ଚ ଜଙ୍ଗଲ ବାଘ, ହାତୀ, ଭାଲୁ ଇତ୍ୟାଦିଙ୍କର ନିରାପଦ ଆଶ୍ରୟସ୍ଥଳୀ ହୋଇଥିବାବେଳେ, ଚିଲିକା ଓ ଭିତରକନିକା ଭଳି ଆର୍ଦ୍ରଭୂମି ବିଭିନ୍ନ ପ୍ରଜାତିର ପ୍ରବାସୀପକ୍ଷୀଙ୍କ ସହ ଯଥାକ୍ରମେ ବିରଳ ଇରାୱାଡ଼ି ଡଲଫିନ୍ ଓ ବଉଳା କୁମ୍ଭୀର ଆଦିଙ୍କର ବାସଭୂମି । ଆମ ରାଜ୍ୟରେ ବିବିଧ ପ୍ରଜାତିର ପଶୁପକ୍ଷୀଙ୍କର ଉପସ୍ଥିତି ଆମ ପରିବେଶକୁ ସମୃଦ୍ଧ କରିଛି ।

କିନ୍ତୁ, ଜଳବାୟୁ ପରିବର୍ତ୍ତନ ସହ ଆବାସସ୍ଥଳୀର ସଙ୍କୁଚନ ଆଦି ଅନେକ କାରଣ ଆମପାଇଁ ଆଜି ବିରାଟ ଆହ୍ୱାନ ସୃଷ୍ଟି କରୁଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ନୂତନ ଜାତୀୟ ଉଦ୍ୟାନ ଘୋଷଣା କରିବା ସହ, ବନ୍ୟପ୍ରାଣୀ ଦ୍ୱାରା କ୍ଷୟକ୍ଷତିଜନିତ ସହାୟତା ରାଶିର ଅଭିବୃଦ୍ଧି, ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣରେ କୃତ୍ରିମ-ବୁଦ୍ଧିମତା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ହେବା ସହ ବନ୍ୟପ୍ରାଣୀଙ୍କ ଉପରେ ଉଚ୍ଚତର ଗବେଷଣାମାନ କରାଯାଉଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦୃଷ୍ଟିରୁ ଶିକାରୀମାନଙ୍କ ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇ ନିୟମ ଅନୁସାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉଛି ।

ଆମେ ସମସ୍ତେ ଶପଥ ନେବା ଯେ, ଆମେ ଆମର ବନ୍ୟପ୍ରାଣୀ ତଥା ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀକୁ ସୁରକ୍ଷା ଦେବା । ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା । ପ୍ରତ୍ୟେକ ସଚେତନ ନାଗରିକଙ୍କର ସହଯୋଗ ଓ ସମର୍ଥନ ହିଁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ଆସନ୍ତୁ ଏକାଠି ହୋଇ ଆମ ରାଜ୍ୟର ଏହି ଅମୂଲ୍ୟ ବନ୍ୟପ୍ରାଣୀ ସମ୍ପଦକୁ ରକ୍ଷା କରିବା ।

**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**

OIPR-08141/13/0020/2526

## ଚେଭ୍ରନ ରିଫାଇନେରିରେ ଭୟାବହ ଅଗ୍ନିକାଣ୍ଡ

ଏଲ୍ ସେଗୁଣ୍ଡୋ,୩।୧୦

ଆମେରିକାର ଲସ୍ ଏଞ୍ଜେଲ୍ସ ନିକଟରେ ଥିବା ଚେଭ୍ରନ ତୈଳ ବିଶୋଧନାଗାରରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବାବେଳେ ଅନେକ ମାଇଲ୍ ପର୍ଯ୍ୟନ୍ତ ଏହ ଦୃଶ୍ୟ ହେଉଥିଲା। କାଲିଫର୍ନିଆର ଏଲ୍ ସେଗୁଣ୍ଡୋ ଅଞ୍ଚଳର ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଶୁକ୍ରବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ପ୍ରଥମେ ଘଡ଼ଘଡ଼ି ଭଳି ଶବ୍ଦ ଶୁଣିବା ପରେ ନିଆଁ ଦେଖିବାକୁ ପାଇଥିଲେ। ନିଆଁ ଯୋଗୁ ଉକ୍ତ ଅଞ୍ଚଳର ଆକାଶ ନାରଙ୍ଗୀ ହୋଇଯାଇଥିଲା। ତେବେ ନିଆଁ ବିଶୋଧନାଗାର ପାଚେରି ବାହାରକୁ ଯାଇ ନ ଥିଲା ବୋଲି ସୂଚନା ମିଳିଛି। କ'ଣ ପାଇଁ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କାଲିଫର୍ନିଆ ଗଭର୍ନରଙ୍କ କାର୍ଯ୍ୟାଳୟ ସ୍ଥିତି ଉପରେ ନଜର ରଖିଥିବାବେଳେ ଚତୁଃପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖିଥିଲା।



ଲସ୍ ଏଞ୍ଜେଲ୍ସ ନିକଟ ଚେଭ୍ରନ ତୈଳ ବିଶୋଧନାଗାର ଜଳୁଥିବାବେଳର ଦୃଶ୍ୟ।

## ହ୍ରଦରେ ଖସିଲା ଦୁର୍ଗାମୂର୍ତ୍ତି ଥିବା ଟ୍ରାକ୍ଟର:୧୧ ମୃତ

ଇନ୍ଦୋର,୩।୧୦(ପି.ଟି.)

ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ବିଜୟାଦଶମୀ ଅବସରରେ ଗୁରୁବାର ଦୁର୍ଗା ମୂର୍ତ୍ତି ଭସାଣି ପାଇଁ ନିଆଯାଉଥିବା ଟ୍ରାକ୍ଟର ଟ୍ରଲି ଏକ ହ୍ରଦରେ ଖସିପଡ଼ିବାରୁ ୧୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ଯୁବତୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ପନ୍ଧାନା ଅଞ୍ଚଳରେ ମୂର୍ତ୍ତି ଓ ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଟ୍ରାକ୍ଟର ଟ୍ରଲି ଢଳିଯାଇ ହ୍ରଦକୁ ଖସିପଡ଼ିଥିଲା। ହ୍ରଦଟି ବହୁତ ଗଭୀର ବୋଲି ଗ୍ରାମବାସୀ ସତର୍କ କରାଇବା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଅତ୍ୟଧିକ ଉତ୍ସାହରେ ଥିବାରୁ ସେମାନଙ୍କ କଥାକୁ ଶୁଣି ନ ଥିଲେ। ସେମାନେ ଟ୍ରାକ୍ଟର ଟ୍ରଲିକୁ ପାଣି ଭିତରେ ଆଗକୁ ନେବାରୁ ତାହା ଓଲଟି ପଡ଼ିଥିଲା। ପୋଲିସ, ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ, ହୋମ୍‌ଗାର୍ଡ ଏବଂ ସ୍ଥାନୀୟ ବୁଡ଼ାଳିମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଦୁର୍ଘଟଣା ପରେ ୧୨ ଶ୍ରଦ୍ଧାଳୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୧ ଜଣଙ୍କ ମୃତଦେହ ମିଳିଥିଲା।

## ଭସାଣି ବେଳେ ୧୭ ବୁଡ଼ିଗଲେ

ଲକ୍ଷ୍ନୌ,୩।୧୦

ବିଜୟାଦଶମୀ ଅବସରରେ ଗୁରୁବାର ଉତ୍ତରପ୍ରଦେଶର ଆଗ୍ରା ଅନ୍ତର୍ଗତ ୨ଟି ସ୍ଥାନରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୧୭ ଜଣ ନଦୀରେ ବୁଡ଼ିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଥିବାବେଳେ ବୁଡ଼ାଳିମାନେ ଜଣକୁ ଉଦ୍ଧାର କରିଛନ୍ତି। ଅନ୍ୟ ୧୩ ଜଣ ନିଖୋଜ ଥିବାବେଳେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଥମ ଘଟଣା ଆଗ୍ରା ଜିଲାର ଖେରଗଡ଼ରେ ଘଟିଛି, ଯେଉଁଠି ଭସାଣି ବେଳେ ୧୪ ଜଣ ଯୁବକ ଉତଙ୍ଗନ ନଦୀରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହକୁ ଉଦ୍ଧାରକାରୀ ଟିମ୍ ବାହାର କରିଥିବାବେଳେ ଅନ୍ୟ ୧୦ ଜଣଙ୍କୁ ଖୋଜାଚାଲିଛି। ଦୁର୍ଗାଙ୍କ ମୂର୍ତ୍ତି ନେଇ ଯୁବକମାନେ ନଦୀ ଭିତରକୁ ଯାଇଥିବାବେଳେ ସେମାନେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୂଳରେ ଛିଡ଼ାହୋଇଥିବା ଲୋକେ ସେମାନଙ୍କୁ କୌଣସି ସହାୟତା କରିପାରି ନ ଥିଲେ। ବହୁ ଖୋଜାଖୋଜି ପରେ ଜଣେ ଯୁବକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ଦ୍ୱିତୀୟ ଘଟଣା ଆଗ୍ରା ଜିଲାର ତାଜଗଞ୍ଜ ଅନ୍ତର୍ଗତ କରଭନା ଗ୍ରାମରେ ଘଟିଛି। ଭସାଣି ବେଳେ ନଦୀରେ ୭ ଜଣ ଭାସିଯାଇଥିବାବେଳେ ୫ ଜଣ କୌଣସି ପ୍ରକାରେ ପହଁରି କୂଳକୁ ପଳାଇ ଆସିଥିଲେ। ଅନ୍ୟ ୨ ଜଣ ନିଖୋଜ ଅଛନ୍ତି।

## ଏନ୍‌ଏସ୍‌ଏରେ ୱାଙ୍ଗଚୁକ୍‌ଙ୍କ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସ୍ତ୍ରୀ

ନୂଆଦିଲ୍ଲୀ,୩।୧୦

ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଗିରଫ କରି ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଗୀତାଞ୍ଜଳି ନିବେଦନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ସମ୍ବିଧାନର



ଗୀତାଞ୍ଜଳି ଜେ ଆଙ୍ଗମୋ

ଷଷ୍ଠ ପରିଚ୍ଛେଦ ଦାବିରେ ଗତ ମାସ ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ଏହି ଘଟଣାର ୨ ଦିନ ପରେ ୱାଙ୍ଗଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ବିରୋଧରେ ଏନ୍‌ଏସ୍‌ଏ ଲଗାଯିବା ନିଷ୍ପତ୍ତି ଉପରେ ତାଙ୍କ ସ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ପିଟିଶନ୍‌ର ଶୀଘ୍ର ଶୁଣାଣି କରାଯିବା ସହ ୱାଙ୍ଗଚୁକ୍‌ଙ୍କୁ ସର୍ବୋଚ୍ଚ ଅଦାଲତରେ ହାଜର କରାଇବା ଲାଗି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ପିଓକେ ପାଲଟିଲା ରଣକ୍ଷେତ୍ର

### ସେନା-ବିକ୍ଷୋଭକାରୀ ମୁହାଁମୁହିଁ: ୧୨ ମୃତ, ୨୦୦ ଆହତ

ଇସ୍‌ଲାମାବାଦ/ ମୁଜାଫରାବାଦ,୩।୧୦

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ୩୮ଟି ଦାବି ନେଇ ସପ୍ତାହେ ଧରି ଆନ୍ଦୋଳନ ଚାଲିଥିବାବେଳେ ସଂଘର୍ଷରେ ୪ ପୋଲିସ କର୍ମଚାରୀଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ଅଞ୍ଚଳ ବସ୍ତୁତଃ ସେନା ଓ ବିକ୍ଷୋଭକାରୀଙ୍କ ପାଇଁ ଏକ ରଣକ୍ଷେତ୍ର ପାଲଟିଯାଇଛି।

ପିଓକେବାସୀଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା ରାଜନୈତିକ ସଂସ୍କାର ଏବଂ ଅଟା ଓ ବିଦ୍ୟୁତ୍‌ରେ ସବ୍‌ସିଡି, କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ ବିଧାନସଭା ଆସନ ଉଚ୍ଛେଦ କରିବା। ମୋଟ ୩୮ଟି ଦାବି ପୂରଣ କରିବାରେ ଶେହବାଜ ଶରିଫ୍ ସରକାରଙ୍କ ବିଫଳତାକୁ ନେଇ ଏହି ଅଞ୍ଚଳରେ ସେପ୍ଟେମ୍ବର ୨୯ରେ ଜେକେଜେଏଏସି ଏକ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଅନେକ ଜିଲାରେ ପଞ୍ଚମ ଦିନ ଧରି ଦୋକାନବଜାର ଆଦି ବନ୍ଦ ରହିଥିବାବେଳେ ସରକାରଙ୍କ ପକ୍ଷରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି।

ସେବେଠୁ ଏହି ବିକ୍ଷୋଭ ପିଓକେରେ ସୀମିତ ନ ରହି ଇସ୍‌ଲାମାବାଦ ଓ କରାଚୀ ଭଳି ସହରଗୁଡ଼ିକୁ ବ୍ୟାପିବାରେ ଲାଗିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଶେହବାଜ ସରକାର ଆଲୋଚନା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଶୁକ୍ରବାର ଜେକେଜେଏଏସି ଏବଂ ଏହାର ନେତା ଶୌକତ୍ ନୱାଜ ମିରଙ୍କ ସହ ଆଲୋଚନା ପାଇଁ ପିଓକେ ରାଜଧାନୀ ମୁଜାଫରାବାଦରେ ପହଞ୍ଚିଛି। ବ୍ୟବସାୟୀ, ସ୍ଥାନୀୟ ନେତା ଓ ସାମାଜିକ କର୍ମୀଙ୍କ ପ୍ରତିନିଧିତ୍ୱ କରୁଥିବା ଜେକେଜେଏଏସିକୁ ଆନ୍ଦୋଳନରୁ ଓହରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରଜା ପରଭେଜ ଅଶରଫ୍‌ଙ୍କ ନେତୃତ୍ୱାଧୀନ କମିଟି ବୁଝାଶୁଝା କରିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ତାରିକ୍ ଅଫ୍‌ଜଲ ଚୌଧରୀ କହିଛନ୍ତି, ମୁଜାଫରାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। କଶ୍ମୀରବାସୀଙ୍କ ଅଧିକାରଗୁଡ଼ିକୁ ଆମେ ପୂର୍ଣ୍ଣ ସମର୍ଥନ କରୁଛୁ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଧିକାଂଶ ଗ୍ରହଣ ହୋଇସାରିଛି। ଅବଶିଷ୍ଟ କିଛି ଦାବି ପୂରଣ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। ସେନେଇ ମଧ୍ୟ ଆଲୋଚନା ଜାରି ରହିଛି। ଇତିମଧ୍ୟରେ ପାକିସ୍ତାନ ମାନବ ଅଧିକାର କମିଶନ ଲୋକଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ ଏବଂ ମୋବାଇଲ ଇଣ୍ଟରନେଟ ବନ୍ଦ କରାଯିବା ଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି।

ପାକିସ୍ତାନ ସରକାର ବ୍ୟବସ୍ଥିତ ଢଙ୍ଗରେ ଦମନଲୀଳା ଚଳାଇବା ସହ ସମ୍ବଳଗୁଡ଼ିକୁ ଲୁଟ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଭାରତ କହିଛି। ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନୀ ସେନା ପ୍ରଥମେ ନିରୀହ ପିଓକେବାସୀଙ୍କୁ ହତ୍ୟା କରିବା ବନ୍ଦକରୁ। ପିଓକେରେ ମାନବାଧିକାର ଉଲ୍ଲଂଘନ ନେଇ ଅନ୍ତର୍ଜାତୀୟ ସମୁଦାୟ ଇସ୍‌ଲାବାଦକୁ ଉତ୍ତରଦାୟୀ କରିବା ଉଚିତ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତରେ ପାକିସ୍ତାନ ସହ ଯଦି କିଛି ଆଲୋଚନା ହେବ ତାହା ପିଓକେକୁ ନେଇ ହେବ ବୋଲି ନୂଆଦିଲ୍ଲୀ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛି।



ମୁଜାଫରାବାଦରେ ପାକିସ୍ତାନ ସରକାର ବିରୋଧୀ ବିକ୍ଷୋଭ।

## ପ୍ରଥମ ମହିଳା ମୁଖ୍ୟ ନିଯୁକ୍ତ କଲା ଚର୍ଚ୍ଚ ଅଫ୍ ଇଂଲଣ୍ଡ



ସାରା ମୁଲ୍ଲାଲି

ଲଣ୍ଡନ,୩।୧୦

ସାରା ମୁଲ୍ଲାଲିଙ୍କୁ ଶୁକ୍ରବାର କ୍ୟାଣ୍ଟେରବୁରିର ନୂଆ ଆର୍କବିଶପ୍ ଭାବେ ବ୍ରିଟେନ୍ ନିଯୁକ୍ତି ଦେଇଛି। ଚର୍ଚ୍ଚ ଅଫ୍ ଇଂଲଣ୍ଡର ୧,୪୦୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ନେତା ହୋଇଛନ୍ତି। ଏହି ନିଯୁକ୍ତି ସହ ସେ ବିଶ୍ୱବ୍ୟାପୀ ୮୫ ନିୟୁତ ଆଙ୍ଗ୍ଲିକାନ୍‌ଙ୍କ ଔପଚାରିକ ମୁଖ୍ୟ ହୋଇଛନ୍ତି। ତେବେ ମହିଳା ମୁଖ୍ୟଙ୍କ ନିଯୁକ୍ତିକୁ ନେଇ ଆଫ୍ରିକୀୟ ଦେଶଗୁଡ଼ିକର ରକ୍ଷଣଶୀଳ ଚର୍ଚ୍ଚ ଶାଖାଗୁଡ଼ିକରୁ ଧାର୍ମିକ ମତଭେଦ ଆଶଙ୍କା ରହିଛି। ୧୧ ବର୍ଷ ତଳେ ଅଣାଯାଇଥିବା ସଂସ୍କାର ଯୋଗୁ ଜଣେ ମହିଳା ଚର୍ଚ୍ଚ ଅଫ୍ ଇଂଲଣ୍ଡର ମୁଖ୍ୟ ହେବା ସମ୍ଭବ ହୋଇପାରିଛି। ସାରା କ୍ୟାଣ୍ଟେରବୁରିର ୧୦୬ତମ ଆର୍କବିଶପ୍ ହୋଇଛନ୍ତି।

## ଚୋରି ସନ୍ଦେହରେ ପିଟି ହତ୍ୟା

ଲକ୍ଷ୍ନୌ,୩।୧୦

ଉତ୍ତରପ୍ରଦେଶର ରାଏବରେଲିରେ ଡ୍ରୋନ୍ ଚୋର ସନ୍ଦେହରେ ଜଣେ ୨୮ ବର୍ଷୀୟ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ହରିଓମ୍ ନାମକ ଉକ୍ତ ଯୁବକଙ୍କ ଘର ଫତେପୁର କୋଟୱାଲିରେ। ତାଙ୍କ କ୍ଷତବିକ୍ଷତ ମୃତଦେହ ଗୁରୁବାର ସକାଳେ ଉଞ୍ଚାହାର କୋଟୱାଲି ଅଞ୍ଚଳର ଈଶ୍ୱର ଦାସପୁର ରେଳଷ୍ଟେଶନ ନିକଟରୁ ମିଳିଥିଲା। ଏହି ଘଟଣାରେ ୧୨ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହେବା ସହ ୬ ଜଣଙ୍କୁ ଗିରଫ କରାଯାଇଥିବା ଉଞ୍ଚାହାର ସିଓ କହିଛନ୍ତି।

## କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଅଭିଯୋଗ

### ଆଡଭାଇଜରି ଜାରି କଲା କେନ୍ଦ୍ର

ନୂଆଦିଲ୍ଲୀ,୩।୧୦

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ନକଲି କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ତେବେ ଉକ୍ତ ସିରପ୍‌ରେ ସେଭଳି କ୍ଷତିକାରକ ଉପାଦାନ ନ ଥିବା ପରୀକ୍ଷାରୁ ଜଣାପଡ଼ିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡଭାଇଜରି ଜାରି କରି ଛୋଟ ପିଲାମାନଙ୍କ ପାଇଁ କଫ୍‌ସିରପ୍‌ର ତର୍କସଙ୍ଗତ ବ୍ୟବହାର ଲାଗି ପରାମର୍ଶ ଦେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ କଫ୍ ସିରପ୍ ନ ଦେବା ଏବଂ ୫ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ଖାଇବାକୁ ସାଧାରଣ ଭାବେ ପରାମର୍ଶ ନ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।




ମଧ୍ୟପ୍ରଦେଶର ଛିନ୍ଦୱାରରେ କଫ୍ ସିରପ୍ ଖାଇଥିବା ୯ ଜଣ ଶିଶୁଙ୍କଠାରେ କିଡ୍‌ନୀଜନିତ ଜଟିଳତା ଦେଖାଦେବା ପରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ତେବେ କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) କିମ୍ବା ଇଥାଇଲିନ୍ ଗ୍ଲାଇକୋଲ (ଇଜି) ନ ଥିବା ଜଣାପଡ଼ିଛି। ଏହି ଉପାଦାନ କିଡ୍‌ନୀକୁ ଗୁରୁତର କ୍ଷତି ପହଞ୍ଚାଇଥାଏ। ସେହିପରି ରାଜସ୍ଥାନରେ ୨ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ନମୁନା ପରୀକ୍ଷାରୁ ପ୍ରୋପାଇଲିନ୍ ଗ୍ଲାଇକୋଲ୍ ମିଳିନାହିଁ, ଯାହାକି ଡିଇଜି କିମ୍ବା ଇଜିର ସମ୍ଭାବ୍ୟ ଉତ୍ସ ହୋଇପାରେ। ତେବେ ଉକ୍ତ ଉତ୍ପାଦଗୁଡ଼ିକ ଡିକ୍ସ୍ଟ୍ରୋମେଥୋର୍ଫାନ୍ ଆଧାରିତ ଫର୍ମୁଲା, ଯାହା ଶିଶୁମାନଙ୍କ ବ୍ୟବହାର ପାଇଁ ସୁପାରିସ କରାଯାଇନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡ୍‌ଭାଇଜରି ଜାରିକରି ଶିଶୁମାନଙ୍କ କ୍ଷେତ୍ରରେ କଫ୍ ସିରପ୍‌ର ବ୍ୟବହାର ସୀମିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଶିଶୁରୋଗ ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡ. ପୱନ ନନ୍ଦୁର୍‌କର କହିଛନ୍ତି, କୋଲ୍ଡରିଫ୍ ସିରପ୍ ଉପରେ ତଦନ୍ତ ଚାଲିଥିବାବେଳେ କିଡ୍‌ନୀ କ୍ଷତ ଅନ୍ୟ କାରଣରୁ ହୋଇଥାଇପାରେ। କୋଲ୍ଡରିଫ୍ ଏବଂ ନେକ୍ଷ୍ଟୋ ଡିଏସ୍ କଫ୍ ସିରପ୍ ବିକ୍ରିକୁ ଜିଲା ପ୍ରଶାସନ ବନ୍ଦ ରଖିଥିବାବେଳେ ପରୀକ୍ଷା ରିପୋର୍ଟରେ ଉକ୍ତ ସିରପ୍‌ରେ କ୍ଷତିକାରକ ଉପାଦାନ ନ ଥିବା ସ୍ପଷ୍ଟ ହୋଇଛି। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନର ବୈଜ୍ଞାନିକ ଏବଂ ମଧ୍ୟପ୍ରଦେଶର ଅନ୍ୟ ସଂସ୍ଥାଗୁଡ଼ିକ କଫ୍ ସିରଫ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରିଥିଲେ।

## କରୁର ଦଳାଚକଟାର ସିବିଆଇ ତଦନ୍ତ ଆବେଦନ ହାଇକୋର୍ଟରେ ଖାରଜ

ଚେନ୍ନାଇ,୩।୧୦

ଅଭିନେତାରୁ ରାଜନେତା ହୋଇଥିବା ବିଜୟ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରରେ ରାଲି କରୁଥିବାବେଳେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ନେତା ଉମା ଆନନ୍ଦ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟର ମଦୁରାଇ ବେଞ୍ଚ୍‌ରେ ଆବେଦନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ହାଇକୋର୍ଟ କହିଛନ୍ତି। ଷ୍ଟାଣ୍ଡାର୍ଡ ଅପେରେଶନ ପ୍ରୋସିଜିଓର (ଏସ୍‌ଓପି) ଜାରି ରହିଥିବା ପର୍ଯ୍ୟନ୍ତ ତାମିଲନାଡୁ ଓ ଏହା ଭିତର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ରାଜନୈତିକ ରାଲିକୁ ହାଇକୋର୍ଟ ନିଷେଧ କରିଛନ୍ତି। ବିଜୟଙ୍କ ଦଳ ଟିକେଭିର ନମକ୍କଲ ଜିଲା ସମ୍ପାଦକ ସତୀଶ କୁମାରଙ୍କ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଜୟଙ୍କ ରାଲି ବେଳେ ହସ୍ପିଟାଲରେ ଆକ୍ରମଣ ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗିରଫ ଆଶଙ୍କାରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫିଲିପାଇନ୍ସରେ ଭୂକମ୍ପ: ୭୨ ମୃତ

ସେବୁ,୩।୧୦

କେନ୍ଦ୍ରୀୟ ଫିଲିପାଇନ୍ସରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୭୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୯୪ ଜଣ ଆହତ ହୋଇଛନ୍ତି। ୮୭ ବିଲ୍ଡିଂ ଏବଂ ୬୦୦ ଘର ଭାଙ୍ଗିଥିବାବେଳେ ୧,୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଭୂକମ୍ପର ତୀବ୍ରତା ୬.୯ ଥିଲା। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭୂକମ୍ପ ହୋଇଥିଲା। ଏଥିରେ ଚେବୁ ପ୍ରଦେଶର କେତେକ ସହର ଏବଂ ବୋଗୋ ସିଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବହୁ ଲୋକ ଭଗ୍ନାବଶେଷ ତଳେ ରହିଯାଇଥିବାବେଳେ ଲଗାଣ ବର୍ଷା ସାଙ୍ଗକୁ ବ୍ରିଜ୍ ଓ ରାସ୍ତା ଭାଙ୍ଗିଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏବେ ବି ଭଗ୍ନାବଶେଷ ତଳେ ଲୋକେ ରହିଥିବା ଆଶଙ୍କା କରାଯାଉଛି। ବୋଗୋଠାରୁ ଉତ୍ତରପୂର୍ବରେ ୧୯ କିଲୋମିଟର ଦୂର ଏବଂ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି।





## ୨୦୨୩ରେ ବାଲ୍ୟବିବାହ ୬ ଗୁଣ ବୃଦ୍ଧି

- ବିବାହ ପାଇଁ ୧୬,୭୩୭ ଝିଅଙ୍କୁ ଅପହରଣ କରାଯାଇଛି
- ଏନ୍‌ସିଆର୍‌ବି ରିପୋର୍ଟ

ନୂଆଦିଲ୍ଲୀ,୩।୧୦(ପି.ଟି.)

୨୦୨୨ ତୁଳନାରେ ୨୦୨୩ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୬ ଗୁଣ ଅଧିକ ମାମଲା ରୁଜୁ ହୋଇଛି। ମୋଟ ମାମଲାର ୯୦ ପ୍ରତିଶତ କେବଳ ଆସାମରେ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ୨୦୨୩ରେ ବିବାହ ପାଇଁ ୧୬,୭୩୭ ଝିଅ ଏବଂ ୧୨୯ ଜଣ ପୁଅଙ୍କୁ ଅପହରଣ କରାଯାଇଛି। ୨୦୨୧ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୧,୦୫୦ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୧,୦୦୨ଟି ଏବଂ ୨୦୨୩ରେ ୬,୦୩୮ଟି ମାମଲା ରୁଜୁ ହୋଇଛି। ସେଥିରୁ କେବଳ ଆସାମରେ ୫,୨୬୭ ମାମଲା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରେ ସେହିବର୍ଷ ୧୭୪ଟି ମାମଲା, କର୍ଣ୍ଣାଟକରେ ୧୪୫ ଏବଂ ପଶ୍ଚିମବଙ୍ଗରେ ୧୧୮ଟି ମାମଲା ରୁଜୁ ହୋଇଛି। ଛତିଶଗଡ଼, ନାଗାଲାଣ୍ଡ, ଲଦାଖ ଏବଂ ଲାକ୍ଷାଦ୍ୱୀପ ଭଳି ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୩ର ଏଭଳି ମାମଲା ଆଦୌ ରୁଜୁ ହୋଇନାହିଁ। ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ୍ ବୟସର ପୁଅଙ୍କ ବିବାହ ନିଷେଧ କରିବା ପାଇଁ ୨୦୦୬ରେ ବାଲ୍ୟବିବାହ ପ୍ରତିକାର ଆଇନ କାର୍ଯ୍ୟକାରୀ ହୋଇଥିଲା।









# ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଡ଼ବଡ଼ିଆ

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ କଟକ, ୩।୧୦ (କାର୍ତ୍ତିକ ସାହୁ)

## 'ଓପିଆର୍‌ବି'ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ

- ଆଉ ୩ଜଣଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ, ବ୍ରହ୍ମପୁର ଜେଲରେ ଅଭିଭାବକଙ୍କ ଭିଡ଼
- ଭୁବନେଶ୍ୱରରେ ପଞ୍ଚସଫ୍ଟ ଅଫିସ୍ ସିଲ୍, କଟକରେ ସିଲିକନ ମାଲିକଙ୍କୁ ଜେରା

ରାଜ୍ୟରେ ଗୋଟିକ ପରେ ଗୋଟିଏ ପରୀକ୍ଷା ଜାଲିଆତି ଘଟଣା ସାମ୍ନାକୁ ଆସୁଛି। ଏବେ ଖୋଦ୍ ପୋଲିସ ବିଭାଗରେ ଏସ୍‌ଆଇ ପରୀକ୍ଷା ସ୍କାମ୍‌କୁ ନେଇ ଓଡ଼ିଶା ଚର୍ଚ୍ଚାକୁ ଆସିଥିବାବେଳେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ୩ ଦଲାଲ ଓ ୧୧୪ ଜଣ ପରୀକ୍ଷାର୍ଥୀ ବୁଧବାରଠାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ବେଳେ ଏହି ବଡ଼ କେଳେଙ୍କାରୀର ତଦନ୍ତ କରୁଛି କ୍ରାଇମ୍‌ବ୍ରାଞ୍ଚ। ଇତିମଧ୍ୟରେ କଟକ, ଭୁବନେଶ୍ୱରରୁ ଆରମ୍ଭ କରି ବ୍ରହ୍ମପୁର ପର୍ଯ୍ୟନ୍ତ ତନାଘନା ଚାଲିଥିବାବେଳେ ଏଥିରେ ବଡ଼ ଅଧିକାରୀ, କେତେଜଣ ପ୍ରଭାବଶାଳୀ ବ୍ୟକ୍ତି, କୋଚିଂ ସେଣ୍ଟର ମାଲିକ, ଦଲାଲ ସମ୍ପୃକ୍ତ ଥିବା ଅଭିଯୋଗ ଉଠୁଥିବାରୁ କ୍ରାଇମ୍‌ବ୍ରାଞ୍ଚ ସେହି ଦିଗକୁ ନେଇ ତଦନ୍ତ ଜୋର୍‌ଦାର କରିଛି। ତେବେ ତଦନ୍ତକାରୀ ଅଧିକାରୀମାନେ ସେହିପରି କିଛି ତଥ୍ୟ ପାଇଥିବା କୁହାଯାଉଥିବାବେଳେ ଚାକିରି ପାଇଁ ଜଣପିଛା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡିଲ୍ ହୋଇଥିଲା ବୋଲି ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର ବ୍ରହ୍ମପୁରରୁ ଆଉ ୩ ଜଣଙ୍କୁ ଉଠାଇ ନେଇଛି। ଗୋଳନ୍ଥରା ଥାନାରେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପଚରାଉଚରା କରିଥିଲେ। ବହୁ ଘଣ୍ଟା ଧରି ଜେରା କରିବା ପରେ ଡିଜି ଫେରିଥିଲେ। ଆଉ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା ପରେ ଛଡ଼ାଯାଇଥିଲା। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ସରକାରୀ ଚାକିରିଆଙ୍କ ପୁଅ ଥିବା ସୂଚନା ମିଳିଛି। ଜଣେ ଅବସରପ୍ରାପ୍ତ ଜେଲ ଡିଆଇଜିଙ୍କ ପୁଅ ବି ଅଭିଯୁକ୍ତଙ୍କ ତାଲିକାରେ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ପରୀକ୍ଷା ପାଇଁ ଓପିଆର୍‌ବି ଆଇଟିଆଇ ଲିମିଟେଡ୍‌କୁ ଟେଣ୍ଡର ଦେଇଥିଲା। ଆଇଟିଆଇ ସଂସ୍ଥା ସିଲିକନ୍ ଟେକଲାବ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦେଇଥିଲା। ପରେ ସିଲିକନ୍ ଏହି ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃକୁ କାମ ଦେଇଥିଲା। ତେବେ ଏହି ସଂସ୍ଥାଗୁଡିକର କର୍ତ୍ତୃପକ୍ଷମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଛି। ଅପରପକ୍ଷରେ ସିଲିକନ୍ ସଂସ୍ଥାର ମାଲିକ ସୁରେଶ ନାୟକଙ୍କୁ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଜେରା କରାଯାଉଥିବା ଜଣାପଡିଛି। ତେବେ ଏହି ଘଟଣାରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ପ୍ରଚ୍ଛଦ ହାତ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଶଙ୍କର ଫେରାର ଥିବା ବେଳେ ତାଙ୍କୁ କ୍ରାଇମବ୍ରାଞ୍ଚ ଧରିବାକୁ ଖୋଜାଖୋଜି ଚଳାଇଛି। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମୁହଁ ଖୋଲି ନ ଥିବା ବେଳେ ଆଗକୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯିବ ବୋଲି ଜଣାପଡିଛି। ସେପଟେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏଲଏଫ୍ ସାଇବର ସିଟିର ପ୍ରଥମ ମହଲାରେ ପଞ୍ଚସଫ୍ଟ ଅଫିସ୍ ରହିଥିବା ବେଳେ ଏହାକୁ ଗୁରୁବାର ପୋଲିସ ସିଲ୍ କରିବା ସହ କିଛି ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ପଞ୍ଚସଫ୍ଟ ଅଫିସ ସିଲ୍ ପରେ ଚତୁର୍ଥ ମହଲାରେ ଥିବା ସିଲିକନ୍ ଅଫିସକୁ ମଧ୍ୟ ପୋଲିସ ଯାଇଥିଲା ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୫ ଓ ୬ ତାରିଖରେ ପୋଲିସ ଏସ୍‌ଆଇ ପରୀକ୍ଷା ହେବାର ଥିଲା। ତେବେ ସେପ୍ଟେମ୍ବର ୨୯ ରାତିରେ ଗୁପ୍ତ ସୂଚନା ଆଧାରରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରେ ପହଞ୍ଚି ଉକ୍ତ ୩ଟି ବସ୍ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ୧୧୭ ଜଣଙ୍କ ମଧ୍ୟରୁ ୧୧୪ଜଣ ଓପିଆର୍‌ବି ପକ୍ଷରୁ ହେବାକୁ ଥିବା ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଗୁପ୍ତଭାବେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱର ଫେରି ପରୀକ୍ଷା ଦେବା ପାଇଁ ସେମାନଙ୍କ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେଇଥାନ୍ତେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେବା ପାଇଁ ଚୁକ୍ତି କରିଥିଲେ। ପରୀକ୍ଷା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯାଇ ୩ ଦଲାଲ ଓ ୧୧୪ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ପରୀକ୍ଷାର୍ଥୀ ଗିରଫ ହେବା ଖବର ପାଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ସେମାନେ ନିଜ ପିଲାଙ୍କୁ ଭେଟିବା ପାଇଁ ବ୍ରହ୍ମପୁର ଜେଲ ଆଗରେ ଶୁକ୍ରବାର ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।

# ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଅଭିଯୋଗ

ପରଜଙ୍ଗ,୩।୧୦ (ନିଗମାନନ୍ଦ ଦଳବେହେରା)

## ୨ ଅଟକ; ଚପଲ, ଗାମୁଛା ଓ ମୋବାଇଲ୍ ଜବତ

ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନାଠାରୁ ମାତ୍ର ୧ କିମି ଦୂର ଗଣ୍ଡତୈଳାସାହିରେ। ନିକଟସ୍ଥ କାଜୁ ବାରିରୁ ଛାତ୍ରଙ୍କ ମୃତଦେହ ଶୁକ୍ରବାର ଅପରାହ୍ଣ ୧ଟା ବେଳେ ପୋଲିସ ଜବତ କରିଛି। ମୃତ ଛାତ୍ରଙ୍କ ନାଁ ଚନ୍ଦନ ଖଟୁଆ। ତେବେ ଚନ୍ଦନଙ୍କୁ ହତ୍ୟା କରାଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ପୋଲିସ ଏହାକୁ ଅସ୍ୱାଭାବିକ ମୃତ୍ୟୁ ଦର୍ଶାଇ କେସ୍ ନଂ. ୨୧/୨୫ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

ଗଣ୍ଡତୈଳାସାହିର ମୃତ ଚନ୍ଦନଙ୍କ ବାପା ଦୀନବନ୍ଧୁ ଖଟୁଆ ଅଭିଯୋଗ କରିଛନ୍ତି, ୬ ମାସ ପୂର୍ବରୁ ସାମାନ୍ୟ ବଚସାକୁ କେନ୍ଦ୍ରକରି ଚନ୍ଦନଙ୍କୁ ପଡ଼ୋଶୀ ରଞ୍ଜନ ଖଟୁଆ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରଞ୍ଜନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଦେଇଥିଲା। ଜେଲରୁ ଫେରିବା ପରେ ରଞ୍ଜନ ବିଭିନ୍ନ ସମୟରେ ଧମକ ଚମକ ଦେଇଆସୁଥିଲେ। ଶୁକ୍ରବାର ସକାଳେ ରଞ୍ଜନଙ୍କ ଶଳା ପଞ୍ଚୁ ବେହେରା ଚନ୍ଦନଙ୍କ ଘରକୁ ଯାଇ ତାଙ୍କୁ ଡାକିଆଣି କେଉଁଆଡ଼େ ଯାଇଥିଲେ। ତେବେ ମଧ୍ୟାହ୍ନ ସମୟରେ ସାହିକୁ ଯିବା ରାସ୍ତାପାର୍ଶ୍ୱ କାଜୁଗଛରେ ଏକ ଗାମୁଛାରେ ଚନ୍ଦନଙ୍କ ମୃତଦେହ ଝୁଲୁଥିବା ଦୀନବନ୍ଧୁଙ୍କ ସାନଭାଇ କାର୍ତ୍ତିକ ଦେଖିବାକୁ ପାଇଥିଲେ। ସାହିଲୋକ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଚନ୍ଦନଙ୍କୁ ରଞ୍ଜନ ଓ ପଞ୍ଚୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗିଦେଇଥିବା ଚନ୍ଦନଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଅଜୟ ସାମଲ, ଯୁଗଳ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଞ୍ଚୁଙ୍କ ଚପଲ, ଚନ୍ଦନଙ୍କ ବେକରେ ବନ୍ଧାହୋଇଥିବା ଗାମୁଛା, ମୋବାଇଲ ଜବତ ହୋଇଛି। ପୋଲିସ ରଞ୍ଜନ ଓ ପଞ୍ଚୁଙ୍କୁ ଅଟକ ରଖିଛି। ଶନିବାର ଜିଲା ସାଇଣ୍ଟିଫିକ ଟିମ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।

# ୯ରେ ପୁଣି ଲଘୁଚାପ

ଭୁବନେଶ୍ୱର,୩।୧୦(ବନ୍ଦନା ସେଠୀ)

ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ଟି ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ।

ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।








# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟାକଲେ ଏବିଡିଓ

ହାଟଡିହୀ/ବଉଳା,୩।୧୦ (ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)


ଅଭିଯୁକ୍ତ ଦେବୀପ୍ରସାଦ ଜେନା

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଉଅଁର ଗ୍ରାମରେ ଗୁରୁବାର ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ହେଲେ ଦେବୀପ୍ରସାଦ ଜେନା। ସେ ଭଦ୍ରକ ଜିଲା ବନ୍ତରେ ଏବିଡିଓ ଭାବେ କାର୍ଯ୍ୟ କରନ୍ତି। ମାଛଧରା ଜାଲକୁ ନେଇ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହୁଥିବାବେଳେ ପରକୀୟା ପ୍ରୀତି ଯୋଗୁ ଏହି ଅଘଟଣ ଘଟିଥିବା ମୃତାଙ୍କ ପୁଅ ଅଭିଯୋଗ କରିଛନ୍ତି। ଘଟଣା ପରେ ଦେବୀପ୍ରସାଦ ଫେରାର ଅଛନ୍ତି। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏବିଡିଓ ଦେବୀପ୍ରସାଦ ଏବଂ ତାଙ୍କ ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ମଧ୍ୟରେ ମାଛଧରା ଜାଲକୁ ନେଇ ଗୁରୁବାର ଝଗଡ଼ା ହୋଇଥିଲା। ଦେବୀପ୍ରସାଦ କ୍ରୋଧାନ୍ୱିତ ହୋଇ ଏକ ଟାଙ୍ଗିଆରେ ସୁଦେଷ୍ଣାଙ୍କ ବେକକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଦେଷ୍ଣାଘରେ ପଡ଼ିଥିବା ବେଳେ ପଡୋଶୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଶାଳନିଆଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ସତ୍ୟ ପ୍ରକାଶ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ, ନିଜ କୁଟୁମ୍ବରେ ଅନ୍ୟ ଜଣେ ମହିଳାଙ୍କ ସହ ତାଙ୍କ ବାପାଙ୍କ ପରକୀୟା ପ୍ରୀତି ଥିଲା। ତେଣୁ ବାପାଙ୍କ ଦ୍ୱାରା ମା', ଭଉଣୀ ଏବଂ ସେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇଛନ୍ତି। ବାପାଙ୍କର ନିର୍ଯାତନା ବାବଦରେ ବ୍ଲକ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ଥାନାରେ ମଧ୍ୟ ପୂର୍ବରୁ ଅନେକ ଥର ଅଭିଯୋଗ କରି କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ପୁଅଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇଛି। ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ବନ୍ତ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଏବିଡିଓ ଦେବୀପ୍ରସାଦଙ୍କ ବିଷୟରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ବିନା ଛୁଟି ଦରଖାସ୍ତରେ ଶୁକ୍ରବାର ସେ ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଏ ବାବଦରେ ଜିଲାପାଳଙ୍କୁ ଚିଠି ଜରିଆରେ ଜଣାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବଲ୍ଲଭ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନିମାପଡ଼ା ପକ୍ଷରୁ ଶତାବ୍ଦୀ ବର୍ଷ ଉଦ୍‌ଘାଟନୀ ଉତ୍ସବ ଓ ସାଧାରଣ ସଭା, ସ୍ଥାନ: ବାରବାଟୀ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ସତ୍ୟାନନ୍ଦ ଚମ୍ପତିରାୟଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ପାଠାଗାର, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ପ୍ରବଚନ ସଭା ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ମେଲୋଡି ନାଇଟ୍ସ, ସ୍ଥାନ: ତୁଳସୀଚଉରା, ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ, ସ୍ଥାନ: କ.ନୂଆଗାଁ, ସମୟ: ଅପରାହ୍ନ ୪ ଟା ।

## ଢେଙ୍କାନାଳ
- ସ୍ୱଚ୍ଛତା ପରିଚାଳନା ସମ୍ପର୍କିତ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସତ୍ୟ ସାଇବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ସହର ଓ ନୟାଗଡ଼ ସହରର ଆଖପାଖରେ ଥିବା ନୟାଗଡ଼ ବ୍ଲକର ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ୩୭ତମ ବାର୍ଷିକ ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଜିଲାର ପଙ୍ଗାରସିଂହ ବନାମ ଆୟୋଜକ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ ଟିମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳୀପୁର ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ମନୁ ଜ୍ୟୋତି ଆଶ୍ରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡ଼ା, ସମୟ : ଅପରାହ୍ନ ୪ଟା ।

## ନବରଙ୍ଗପୁର
- ଆୟାପ୍ପା ସ୍ୱାମୀ ଭକ୍ତମାନଙ୍କ ଦୀକ୍ଷା ଗ୍ରହଣ, ସ୍ଥାନ: ଡାବୁଗାଁ ଶିବ ମନ୍ଦିର, ସମୟ: ପ୍ରାତଃ ୫ଟା।

## କୋରାପୁଟ
- ଦସ୍ତଖତ ସଂଗ୍ରହ ଅଭିଯାନ, ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗର ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସନ୍ଧ୍ୟା ୭ଟା।
- ନାଲ୍‌କୋରେ ରାବଣ ପୋଡ଼ି ଉତ୍ସବ, ସ୍ଥାନ: ବିଆର୍ ଆମ୍ବେଡକର ଷ୍ଟାଡିୟମ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୧ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭୀମ ଆର୍ମିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର
- ପ୍ରଥମ ଜିଲାସ୍ତରୀୟ ସୁଟିଂ କ୍ୟାମ୍ପ ଏବଂ ପ୍ରତିଯୋଗିତା ୨୦୨୫ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଶ୍ୱର ମନ୍ଦିରରୁ ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ରଚନା ପକ୍ଷରୁ ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା ଓ ସର୍ଜନ ପୁରସ୍କାର ସମାରୋହ, ସ୍ଥାନ: ସରୋଜିନୀ ରେସିଡେନ୍ସି ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

## ରାଉରକେଲା
- ଶନିଦେବ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ଉଦିତନଗର ଶନି ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସଫେଇ ଅଭିଯାନ, ସ୍ଥାନ: ଡିଏଭି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଦ୍ୱାଦଶୀ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୧ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଇଡିଏଲ୍ ସମାଜ ମଙ୍ଗଳ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରେଷ୍ଠ ଓଡିଆଣୀ ସିଜନ-୩ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ ସେହନାଇ ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଅଷ୍ଟାଦଶ ହେମନ୍ତ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଡ୍ୟାନ୍ସ ଧମାକା, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ବଞ୍ଜାରୀ ଦେବୀଙ୍କ ଶାରଦୀୟ ପୂଜା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଭୂସ୍ଖଳନରେ ଧସିଲା ପାହାଡ଼, ୨ ମୃତ

## ମାଟି ତଳେ ବାପ ପୁଅ ଚାପିହୋଇ ରହିଥିବା ସନ୍ଦେହ

**ପାରଳାଖେମୁଣ୍ଡି/ରାୟଗଡ଼ (ଗଜପତି) ୩।୧୦(ଗିରିଧାରୀ ପରିଚ୍ଛା /ଜ୍ୟୋତି ପ୍ରସାଦ ପାଣି)**

ଗଜପତି ଜିଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଳମ୍ବିତ ରାତିରୁ ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ ହୋଇଥିବା ପ୍ରବଳ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ବହୁ କ୍ଷୟକ୍ଷତି ଘଟିଛି। ମାର୍ଲବା ପଞ୍ଚାୟତ ପେକଟ ଗ୍ରାମ ନିକଟରେ ଥିବା ବାଘମରା ପାହାଡ଼ରୁ ଭୂସ୍ଖଳନ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବସ୍ତ୍ରିଗୁଡା ପଞ୍ଚାୟତର ତ୍ରିନାଥ ନାୟକ ଓ ମେରାପଲ୍ଲି ପଞ୍ଚାୟତର ଲକ୍ଷ୍ମଣ ନାୟକ। ଭୂସ୍ଖଳନରେ ଗୋଟିଏ ପରିବାରର ବାପ ପୁଅ ନିଖୋଜ ରହିଛନ୍ତି। ସେମାନେ ହେଲେ ପେକଟ ଗାଁର କାର୍ତ୍ତିକ ଶବର (୭୦) ଓ ତାଙ୍କ ପୁଅ ରାଜିକ ଶବର। ଏମାନେ ମାଟି ତଳେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି। କାର୍ତ୍ତିକ ଓ ରାଜିକ ନିଜ ଜମିରେ କାମ କରୁଥିବା ବେଳେ ଅଚାନକ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନିକଟରେ ଥିବା ନାଳରେ ପ୍ରଖର ସ୍ରୋତରେ ପାଣି ଆସିବା ସହ ପାହାଡ଼ ଧସିଯାଇଥିଲା । ଫଳରେ ବାପପୁଅ ଦୁଇ ଜଣ ମାଟି ତଳେ ଚାପି ହୋଇ ରହି ଯାଇଥିବା ଆଶଙ୍କା କରାଯାଉଛି । ଖବରପାଇ ଗ୍ରାମବାସୀ ସଙ୍ଗେସଙ୍ଗେ ଉଭୟଙ୍କୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟା ହୋଇଯିବା ଏବଂ ପ୍ରବଳ ବର୍ଷା ଯୋଗୁ ଏଥିରେ ବାଧା ସୃଷ୍ଟି ହୋଇଛି। ଭୂସ୍ଖଳନ ଯୋଗୁ ରାୟଗଡ଼ଠାରୁ ନୂଆଗଡ଼ ଓ ଆର. ଉଦୟଗିରି ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଗଜପତି ଜିଲାପାଳଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜେନା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହ ଗଜପତି ଜିଲାର ଉକ୍ତ ରାୟଗଡ଼ ବ୍ଲକ ସବୁବେଳେ ଭୂସ୍ଖଳନ ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଚିତ ହେଲାଣି, ଏହି ସମସ୍ୟା ଆଗକୁ ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ଲକର ପେକଟ, ମହେନ୍ଦ୍ରଗିରି ଆଦି ସ୍ଥାନରେ ଭୂସ୍ଖଳନ ହୋଇଥିବା ଖବର ମିଳିଛି। ବିଭିନ୍ନ ଜନବସତିରେ ବନ୍ୟା ଜଳ ପ୍ରବେଶ କରିଛି । ମହେନ୍ଦ୍ରଗିରି ବୁଲିବାକୁ ଆସି ଫସି ରହିଥିବା ୨୪ଜଣ ପର୍ଯ୍ୟଟକଙ୍କୁ ବୁଧବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ସେମାନଙ୍କୁ ଗାରାବନ୍ଧ ଥାନାରେ ରଖାଯାଇଥିଲା। ମନ୍ତ୍ରୀ ଜେନା ସେଠାରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଛନ୍ତି। ସେହିପରି ଶୁକ୍ରବାର ଭୋର ସମୟରେ ମନ୍ତ୍ରୀ ଜେନା ପେକଟ ଗାଁକୁ ଯାଇ ସ୍ଥିତି ପରଖିବା ସହ ନିଖୋଜ ବାପପୁଅଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ନିଖୋଜ ବାପପୁଅଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଗ୍ନିଶମ ବିଭାଗ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଖୋଜା କାର୍ଯ୍ୟ ଜାରି ରହିଛି। ସେହିପରି ଅଞ୍ଚଳରେ ଯୋଗାଯୋଗକୁ ସ୍ୱାଭାବିକ କରିବାକୁ ରାସ୍ତା ସଫା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଘଟଣାସ୍ଥଳରେ ମନ୍ତ୍ରୀ ଜେନାଙ୍କ ସମେତ ଉପଜିଲାପାଳ ଅନୁପ ପଣ୍ଡା, ଆଇଟିଡିଏ ପିଏ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡିସିସି ନିର୍ଦ୍ଦେଶକ, ଅନ୍ତର୍ଯାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସରପଞ୍ଚ ଜଳନ୍ଧର କାର୍ଜି, ସମିତି ସଭ୍ୟା ପାର୍ବତୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।


ଭୂସ୍ଖଳନ ସ୍ଥଳ

### ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

**ଭୁବନେଶ୍ୱର,୩।୧୦(ରବିନାରାୟଣ ଜେନା)**

ଗଜପତି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ବସ୍ତ୍ରୀଗୁଡା ଗ୍ରାମପଞ୍ଚାୟତର ତ୍ରିନାଥ ନାୟକ (ପିତା-କାର୍ତ୍ତିକ ନାୟକ) ଏବଂ ମେରିପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ(ପିତା-କାନ୍ତାରୁ ନାୟକ)ଙ୍କ ପ୍ରାଣହାନି ଘଟିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗଜପତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗ କଉଡ଼ି ଭଙ୍ଗରେ ଯାଏ**
**ଚିତା କଉଡ଼ି ସଙ୍ଗରେ ଯାଏ ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ନିଜ ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସଙ୍ଗ ମଙ୍ଗ ମଙ୍ଗିତା**
**ଅସଙ୍ଗ ସାଙ୍ଗେ ସାଙ୍ଗ ହେଲେ,**
**କାଠ ଘଣ୍ଟ ଲମ୍ବିତା ।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନ୍‌ର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତୁତ ରୁହ...

ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଅନେକ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ସେବେଠୁ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକ୍‌ରେ ପାକିସ୍ତାନୀ ସେନାର ସାମରିକ ଗତିବିଧି ବୃଦ୍ଧି ନେଇ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଥିଲେ। ପାକିସ୍ତାନୀ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କଲେ ଭାରତ ଏପରି ଜବାବ ଦେବ ଯେ ପାକିସ୍ତାନର ଇତିହାସ ଓ ଭୂଗୋଳ ବଦଳିଯିବ ବୋଲି ରାଜନାଥ କହିଥିଲେ। ଏହାର ଦିନକ ପରେ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ରାଜସ୍ଥାନର ଅନୁପଗଡ଼ରୁ ଇସ୍‌ଲାମାବାଦକୁ କଡ଼ା ଚେତାବନୀ ଦେଇଛନ୍ତି। ଦ୍ୱିବେଦୀ କହିଛନ୍ତି, ଭାରତୀୟ ବଳ ଏଥର ଆଉ ଅପରେଶନ୍ ସିନ୍ଦୂର ୧.୦ ଭଳି ସଂଯମ ହେବ ନାହିଁ। ପାକିସ୍ତାନ ଭୂଗୋଳରେ ରହିବାକୁ ଚାହେଁ କି ନାହିଁ ତାହା ସ୍ଥିର କରୁ। ଯଦି ରହିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବନ୍ଦ କରିବା ଜରୁରୀ। ଯବାନମାନଙ୍କୁ ସମ୍ବୋଧନ ବେଳେ ଦ୍ୱିବେଦୀ ଆହୁରି କହିଛନ୍ତି, ଯଦି ଭଗବାନଙ୍କ ଇଚ୍ଛା ଥିବ, ତେବେ ଆପଣମାନେ ଶୀଘ୍ର ଏକ ସୁଯୋଗ ପାଇବେ। ଏଥିପାଇଁ ପ୍ରସ୍ତୁତ ରୁହନ୍ତୁ।

### ୧୨ ପାକିସ୍ତାନୀ ...

ସମ୍ପର୍କରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ବାୟୁସେନା ମୁଖ୍ୟ ଦେଇନାହାନ୍ତି। ପୂର୍ବରୁ ଭାରତ ନିଜର କେତୋଟି ଯୁଦ୍ଧବିମାନ ହରାଇଥିବା ନେଇ ସ୍ୱୀକାର କରିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା କହି ନ ଥିଲା। ବାୟୁସେନା ମୁଖ୍ୟଙ୍କ ସଦ୍ୟ ଦାବିକୁ ନେଇ କଂଗ୍ରେସ ସମାଲୋଚନା କରିଛି। ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ତଥା ବାରାଣସୀରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଅଜୟ ରାୟ କହିଛନ୍ତି, 'ଅପରେଶନ ସିନ୍ଦୂର'କୁ ନେଇ କିଛି ଗଡ଼ବଡ଼ ରହିଛି। ଏହି ସାମରିକ ଅଭିଯାନ ସମ୍ପର୍କରେ ସେନାର ଶୀର୍ଷ ଅଧିକାରୀମାନେ ଭିନ୍ନ ପ୍ରକାର ମନ୍ତବ୍ୟ ଦେଉଛନ୍ତି, ଯହିଁରୁ ଅପରେଶନର ତ୍ରୁଟି ସାମ୍ନାକୁ ଆସୁଛି।


ଚୌଦ୍ୱାର ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିବା ୨ କଏଦୀ (ଇନ୍‌ସେଟ୍) ।

### ଚୌଦ୍ୱାର ଜେଲରୁ ...

ଜୋନ୍‌୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ଦୀପ୍ତିକାନ୍ତ ଖଣ୍ଡାୟତରାୟ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ପ୍ରାଥମିକ ତଦନ୍ତ କରିଛନ୍ତି। କମିଶନରେଟ୍ ପୋଲିସ ପକ୍ଷରୁ ଉଭୟଙ୍କ ବିଷୟରେ ସୂଚନା ଦେବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରାୟ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତଦନ୍ତ ପରେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ପାଇଁ ଜୋର୍‌ଦାର ପ୍ରୟାସ କରାଯାଇଛି। ବ୍ୟବହାର ପାଇଁ ଦିଆଯାଇଥିବା ଏକ କମ୍ବଳକୁ କାଟି ତାହାକୁ ରଶି କରି ଉଭୟ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ବୋଲି ଜେଲ୍ ଡିଜି ନାଥ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଖଣ୍ଡେ ୨ରୁ ୩ ଫୁଟର କାଠରେ ୩ ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ବାନ୍ଧି ମଝିରେ ମଝିରେ ଗଣ୍ଠି ପକାଇ ୨ଟି ପାଚେରି ଡେଇଁ କଏଦୀ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଏତେ ସମୟ ତଦନ୍ତ କରି ମଧ୍ୟ କଏଦୀ ଫେରାର ଥିବା ସ୍ଥାନକୁ ଡିଜି ନା ଅନ୍ୟ ବରିଷ୍ଠ ଅଧିକାରୀ ଯାଇ ନ ଥିବା କୁହାଯାଉଛି।

ସୂଚନା ମୁତାବକ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଜେଲ କଲୋନୀର କେତେଜଣ ବ୍ୟକ୍ତି ମର୍ନିଂ ୱାକ କରୁଥିବା ବେଳେ କଲୋନୀ ପଟ ଜେଲ ଉଚ୍ଚ ପାଚେରିରୁ ଏକ କାଠ ଫାଳିଆ ସହାୟତାରେ ୩ଟି ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ରଶି ପରି ତଳକୁ ଝୁଲିଥିବା ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜେଲ କର୍ତ୍ତୃପକ୍ଷ ଓ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସୁରକ୍ଷାକର୍ମୀ ଲକ୍‌ଅପ୍ ଯାଞ୍ଚ କରିବାରୁ ଜଣାପଡ଼ିଥିଲା ଯେ, ପାଣିକୋଇଲି ସୁନା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ବିହାରୀ କଏଦୀ ଖସି ପଳାଇଛନ୍ତି। ଏ ନେଇ ଜେଲ କର୍ତ୍ତୃପକ୍ଷ ଚୌଦ୍ୱାର ଥାନା ଅଧିକାରୀଙ୍କୁ ଅବଗତ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

ସୂଚନାଥାଉ କି ଗିରଫ ସମୟରେ ଜେଲ ଚାରିକାନ୍ଥ ସେମାନଙ୍କୁ ରଖି ପାରିବନି ବୋଲି କହି ଓଡ଼ିଶା ପୋଲିସକୁ ଚାଲେଞ୍ଜ କରିବା ଏବଂ କଟକ ବଡ ମେଡିକାଲ କର୍ମଚାରୀଙ୍କୁ ହତ୍ୟା କରିବାକୁ ଧମକ ଦେବାର ଭିଡିଓ ଭାଇରାଲ ହେଉଛି। ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହେବାର ଗତ ୯ ମାସ ମଧ୍ୟରେ ସେମାନେ ଜେଲରୁ ୨ ଥର ଖସିବାକୁ ଯୋଜନା କରିଥିଲେ। ଗତ ଜୁଲାଇ ୨୧ରେ ରାତିରେ ୨ଟି ଆରି ବ୍ଲେଡ୍‌ରେ ସେଲ୍ କାଟି ଖସି ଯାଉଥିବା ସମୟରେ ଧରାପଡ଼ିଥିଲେ। ଏ ନେଇ ଜୁଲାଇ ୨୨ରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୪୩୩/୨୫) ରୁଜୁ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶରେ ଚନ୍ଦ୍ର ପାପଗ୍ରହ ରାହୁଙ୍କ ଦ୍ୱାରା କବଳିତହୋଇ ପାରିବାରିକ ଜୀବନରେ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ଭୁଲ୍ ନିଷ୍ପତ୍ତିଜନିତ ସମସ୍ୟା ସୃଷ୍ଟି ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟିବ।

**ବୃଷ** ଭଲ ରୂପେ ନ ବୁଝି ନ ଶୁଝି କୌଣସି କଥାରେ ହଁ ଭରିବା ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ବୃହସ୍ପତିଙ୍କ ପ୍ରଭାବରୁ କାମଟି ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏଥିପାଇଁ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟାଜନିତ ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ମିଥୁନ** ପାପଗ୍ରହ ପ୍ରଭାବରେ ବିବାଦୀୟ ମନ୍ତବ୍ୟ ଦେଇ ଘରେ କିମ୍ବା ବାହାରେ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ସତର୍କତା ଅଭାବରୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ଆପଣଙ୍କ ଅନୁରୋଧକୁ ଉପେକ୍ଷା କରି ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ।

**କର୍କଟ** ପାପଗ୍ରହଯୁକ୍ତ ରାଶ୍ୟାଧିପ ଚନ୍ଦ୍ର ଏକାଧାରରେ ଦୈହିକ ଏବଂ ମାନସିକ ସ୍ଥିତିକୁ କମ୍‌ଜୋର କରିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧର ଚାପ ବୃଦ୍ଧି ପାଇବା ସାଙ୍ଗକୁ ପରିବାର ସକାଶେ ଆଦୌ ସମୟ ଦେଇପାରିବେ ନାହିଁ। ପରିସ୍ଥିତିର ତାଡ଼ନାରେ ଅଥବା ବାଧ୍ୟବାଧକତାରେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ଦୁର୍ବଳ ରବିଙ୍କ ଜନିତ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବାରେ ଅସୁବିଧା ଅନୁଭବ କରିବେ। କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିପାରେ।

**କନ୍ୟା** କର୍ମାଧିପତିଙ୍କ ସବଳତା କାରଣରୁ ନିଜ ଲୋକ ମାନେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** ଭାଗ୍ୟାଧିପ ରାଶିରେ ଥିବାରୁ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ସହଯୋଗର ଅଭାବ ରହିବନାହିଁ। ଆଜି ଅର୍ଥ ସଙ୍କଟକୁ ଦୂରେଇବାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତୀତରୁ ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମ ଅଟକିରହିବ ନାହିଁ, କିନ୍ତୁ ପୂର୍ଣ୍ଣାଙ୍ଗ ମଧ୍ୟ ନ ହୋଇପାରେ। ଯାତ୍ରା କାଳରେ ପରିବହନରେ କିମ୍ବା ବ୍ୟବସାୟରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅବଶ୍ୟ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ବୁଧଙ୍କ ପ୍ରଭାବରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହାୟତାରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ପରିଜନମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** କେତୁଯୁକ୍ତ କର୍ମାଧିପ ହେତୁ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ଆଶଙ୍କା ରହିଛି। ଆଲୋଚନା ପରିସରରେ ବାକ୍ ସଂଯମ ନିତାନ୍ତ ଜରୁରୀ ନଚେତ୍ ପରେ ଅନୁତାପ କରିବାକୁ ପଡ଼ିପାରେ।

**କୁମ୍ଭ** ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ପରିସ୍ଥିତି ପ୍ରତି ଗୁରୁତ୍ୱ ଦେଇ ଦୂରେଇରହିବା ଉପକ୍ରମ କରିପାରନ୍ତି। ଶନିଙ୍କ ଯୋଗୁ ପରିବର୍ତ୍ତନର ସ୍ୱର ଓ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ବିଭିନ୍ନ ସୂତ୍ରରୁ ରୋଜଗାରକରି ଋଣ ପରିଶୋଧର ଯୋଜନା କରିପାରନ୍ତି।

**ମୀନ** ରାହୁଯୁକ୍ତ ଚନ୍ଦ୍ର ଏବଂ କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସ୍ଥିତିଜନିତ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହାର ପୁନର୍ବିଚାର କରିବା ଭଲ। କର୍ମକ୍ଷେତ୍ରର ଦାୟିତ୍ୱ ନିଭାଇବାକୁ ଯାଇ କଠୋର ପରିଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

ଆଜି ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୦୯।୦୮ ଗତେ ଶତଭିଷା/କୁମ୍ଭ। ସକାଳ ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ, ଘ.୧୧।୫୮ ମି. ଗତେ, ଘ.୦୮।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୮।୩୮ ମି. ଗତେ, ଘ.୧୦।୦୬ ମି. ମଧ୍ୟେ ରାହୁକାଳ ।



**ମା'ଙ୍କୁ ମେଲାଣି:** ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଶୁକ୍ରବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ପର୍ଯ୍ୟବେକ୍ଷକ ତାଲିକାରେ ମନୀଷ ଓ ମାନସୀ

ଭୁବନେଶ୍ୱର,୩।୧୦
(ରବିନାରାୟଣ ଜେନା)

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ଲାଗି ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାର ୨ଜଣ ନୂତନ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ଅଧିକାରୀ ସାମିଲ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପକ୍ଷରୁ ଆୟୋଗଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଦୁଇଜଣ ଆଇଏଏସ୍ ଅଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଦୁଇଜଣ ନୂତନ ଅଧିକାରୀ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ନିମ୍ବଲ ଓ ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି। ଉକ୍ତ ଦୁଇ ଅଧିକାରୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ପର୍ଯ୍ୟବେକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି।

ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି, ବିହାର ନିର୍ବାଚନ ସମେତ ଉପନିର୍ବାଚନ ପାଇଁ ଓଡ଼ିଶା ସିଇଓଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସିଇଓଙ୍କ ପ୍ରସ୍ତାବକ୍ରମେ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଏହି ଦୁଇ ନୂତନ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଇଛି।

# ଜାମୁକା ମୁହାଣରେ ମୃତ ଡଲଫିନ

ବାହାନଗା,୩।୧୦(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୋପାଳପୁର ଥାନା ଅଧୀନ ତାଳପଦା ସମୁଦ୍ରକୂଳ ଜାମୁକା ମୁହାଣରେ ପଡିଛି ମୃତ ଡଲଫିନ। ଶୁକ୍ରବାର ପ୍ରାତଃ ୫ଟା ବେଳେ ଧୀବରମାନେ ସମୁଦ୍ରରୁ ମାଛ ମାରି ମୁହାଣ ନିକଟକୁ ଫେରିଲା ବେଳେ ଜାମୁକା ମୁହାଣ ବାଲି ଉପରେ ଏକ ଡଲଫିନ ମୃତ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ତାଳପଦା ଗାଁକୁ ଆସି ଲୋକଙ୍କୁ କହିବା ପରେ ସେଠାରେ ଡଲଫିନ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ହୋଇଥିଲା।



ମୃତ ଡଲଫିନର ଲମ୍ବ ୭ ଫୁଟ ଓ ଓଜନ ୮୦ କିଲୋରୁ ୧ କୁଇଣ୍ଟାଲ। ଖବର ପାଇ ବନବିଭାଗ ତାଳପଦା ସମୁଦ୍ରସ୍ଥିତ ଜାମୁକା ମୁହାଣରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ବନ ବିଭାଗ ରେଞ୍ଜର ଆଇଶା. ଏ ମିଶା, ଗୋପାଳପୁର ପ୍ରାଣୀ ଅତିରିକ୍ତ ଚିକିତ୍ସା ଅଧିକାରିଣୀ ଡ଼. ଶୁଭଶ୍ରୀ ରାଉତ, ବନରକ୍ଷକ ଜ୍ୟୋତ୍ସା ଦତ୍ତ ପ୍ରମୁଖ ଉପସ୍ଥିତ ରହି ବ୍ୟବଚ୍ଛେଦ କରାଇଥିଲେ। ଶେଷରେ ଡଲଫିନକୁ ମାଟି ଖୋଳି ପୋତାଯାଇଥିଲା। ସମୁଦ୍ରରେ ଯନ୍ତ୍ରଚାଳିତ ଭୁଟୁଭୁଟି କିମ୍ବା ମାଛ ଧରା ଟ୍ରଲର ଦେହରେ ମାଡ଼ ହୋଇ ଡଲଫିନର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପ୍ରାଣୀ ଚିକିତ୍ସକ ଡ଼.ଶୁଭଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଟିକସ ବାବଦ ଅଗ୍ରିମ ୪,୬୦୧ କୋଟି ପ୍ରଦାନ କଲା କେନ୍ଦ୍ର

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୦(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଟିକସ ବାବଦ ଅର୍ଥ ବାବଦରେ ଓଡ଼ିଶାକୁ ଅଗ୍ରିମ ଭାବେ ୪୬୦୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅଗ୍ରିମ ରାଶି ପ୍ରଦାନ କରିଥିବା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଯଥା ସମୟରେ କେନ୍ଦ୍ର ଏହି ଅର୍ଥ ପ୍ରଦାନ କରିବା ଦ୍ୱାରା ରାଜ୍ୟ ପାଇଁ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ସମନ୍ୱୟ ଯୋଗୁ ଓଡ଼ିଶାର ବିକାଶ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଗତି ମିଳିବ। ବିଶେଷ ଭାବେ ପାର୍ବଣ ସମୟରେ ଏହା ବିଶେଷ ଲାଭଦାୟକ ହେବ। ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏହି ଅର୍ଥ ରାଶି ଖର୍ଚ୍ଚରେ ସ୍ୱଚ୍ଛତା ରହିବ, ଯାହା ରାଜ୍ୟର ଲୋକଙ୍କ ଲାଭରେ ଏବଂ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶକୁ ଅଗ୍ରିମ ଭାବେ ୪୧୧୨, ଅରୁଣାଚଳ ପ୍ରଦେଶକୁ ୧୭୮୫, ଆସାମକୁ ୩୧୭୮, ବିହାରକୁ ୧୦୨୧୯, ଛତିଶଗଡ଼କୁ ୩୪୬୨, ଗୋଆକୁ ୩୯୨, ଗୁଜରାଟକୁ ୩୫୩୪, ହରିୟାଣାକୁ ୧୧୧୧, ହିମାଚଳ ପ୍ରଦେଶକୁ ୮୪୩, ଝାଡ଼ଖଣ୍ଡକୁ ୩୩୬୦, କର୍ଣ୍ଣାଟକକୁ ୩୭୦୫, କେରଳକୁ ୧୯୫୬, ମଧ୍ୟ ପ୍ରଦେଶକୁ ୭୯୭୬, ମହାରାଷ୍ଟ୍ରକୁ ୬୪୧୮, ମଣିପୁରକୁ ୭୨୭, ମେଘାଳୟକୁ ୭୭୯, ମିଜୋରାମକୁ ୫୦୮, ନାଗାଲାଣ୍ଡକୁ ୫୭୮, ପଞ୍ଜାବକୁ ୧୮୩୬, ରାଜସ୍ଥାନକୁ ୬୧୨୩, ସିକିମ୍‌କୁ ୩୯୪, ତାମିଲନାଡୁକୁ ୪୧୪୪, ତେଲଙ୍ଗାନାକୁ ୨୧୩୬, ତ୍ରିପୁରାକୁ ୭୧୯, ଉତ୍ତର ପ୍ରଦେଶକୁ ୧୮୨୨୭, ଉତ୍ତରାଖଣ୍ଡକୁ ୧୧୩୬ ଏବଂ ପଶ୍ଚିମବଙ୍ଗକୁ ୭୬୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଉତ୍ତରପ୍ରଦେଶକୁ ସର୍ବାଧିକ ଅର୍ଥ ରାଶି ଦିଆଯାଇଥିବା ବେଳେ ଗୋଆକୁ ସର୍ବନିମ୍ନ ମିଳିଛି।

# ପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବାକୁ ଗୁରୁତ୍ୱ

### ଆଜି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'



ପ୍ରତିବର୍ଷ ଅକ୍ଟୋବର ୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'। ପ୍ରାଣୀଙ୍କର କଲ୍ୟାଣ, ସେମାନଙ୍କୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ପ୍ରାଣୀଙ୍କ ପ୍ରତି କ୍ରୂରତାକୁ ରୋକିବା, ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଗୁରୁତ୍ୱ ଦିଆଯାଉଛି। ପ୍ରାଣୀଙ୍କ ସଂରକ୍ଷଣ ନେଇ କାର୍ଯ୍ୟ କରୁଥିବା ହେନେରିକ୍ ଜିମରମେନ୍ ୧୯୨୫ରେ ଜର୍ମାନୀରେ ପ୍ରଥମେ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରିଥିଲେ। ଏହାପରେ ୧୯୩୧ରେ ଇଟାଲୀର ଫ୍ଲୋରେନ୍ସଠାରେ ହୋଇଥିବା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ଏହାକୁ ବିଶ୍ୱସ୍ତରରେ ପାଳନ କରାଯାଇଥିଲା। ତେବେ ପ୍ରାଣୀ ଏବଂ ପ୍ରକୃତିର ସଂରକ୍ଷକ ସେଣ୍ଟ୍ ଫ୍ରାନ୍ସିସ୍ ଅଫ୍ ଅସିସିଙ୍କ ଜନ୍ମ ଦିବସ ଅର୍ଥାତ୍ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଉକ୍ତ ଦିନକୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରାଯାଉଛି।

**– ବନ୍ଦନା ସେଠୀ,** ଭୁବନେଶ୍ୱର

# କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

ଶେରଗଡ଼,୩।୧୦
(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଗୁରୁବାର ଭୋରରୁ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ବୟସ ହୋଇଥିଲା। ସେ ଜଣେ



ଗୋପୀନାଥ ସ୍ୱାଇଁ

କୃଷ୍ଣଲୀଳା ଗୁରୁ ରୂପେ ଜିଲା ସମେତ ରାଜ୍ୟରେ ସୁପରିଚିତ ଥିଲେ। କୃଷ୍ଣଲୀଳାର ପ୍ରଚାରପ୍ରସାରରେ ଗୋପୀନାଥଙ୍କ ଅନବଦ୍ୟ ଭୂମିକା ପାଇଁ ସେ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଥିଲେ।

କିଛି ଦିନ ହେଲା ଏହି ଶତାୟୁ ପୁରୁଷ ଗୋପୀନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହୋଇ ସେ ନିକଟରେ ଘରକୁ ଫେରିଥିଲେ। ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ଏହି ସମୟରେ ତାଙ୍କୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଜେଡି ନେତା ଦେବାନନ୍ଦ ମହାପାତ୍ର, ସରପଞ୍ଚ କୁନି ସ୍ୱାଇଁ, ବୁଢ଼ା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଭାଜପା ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବିଡିଓ ତୃପ୍ତିମୟୀ ଜେନାଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଏନ୍‌ଆଇଇଏଲ୍‌ଆଇଟି

ଭୁବନେଶ୍ୱର,୩।୧୦
(ରବିନାରାୟଣ ଜେନା)

### ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱରରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନଫର୍‌ମେଶନ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି)କେନ୍ଦ୍ର ସ୍ଥାପନା ଘୋଷଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ଅନୁଭବ କରିଛନ୍ତି। ଶୁକ୍ରବାର ଏନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ(ଏକ୍ସ)ରେ କହିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ନୂତନ ପଥ ଉନ୍ମୋଚନ ହେବ। ଏହି କେନ୍ଦ୍ରରୁ ସମଗ୍ର ଓଡ଼ିଶାର ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଲାଭାନ୍ୱିତ ହେବେ। ଏହି ଏନ୍‌ଆଇଇଏଲ୍‌ଆଇଟି ହେବା ଦ୍ୱାରା ଯୁବପିଢ଼ିମାନେ



ମୋହନ ଚରଣ ମାଝୀ

ପ୍ରଯୁକ୍ତିବିଦ୍ୟାରେ ପାରଦର୍ଶିତା ହାସଲ କରିପାରିବେ ଏବଂ ରାଜ୍ୟର ବୃଦ୍ଧିଶୀଳ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିପାରିବେ। ଯୁବବର୍ଗ ପାଇଁ ଡିଜିଟାଲ୍ ଭାବେ ସଶକ୍ତ ଭବିଷ୍ୟତ ଗଢ଼ିବାରେ ଓଡ଼ିଶା ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସହଭାଗୀ ହେବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟର ୬,୨୫୫ ଗ୍ରାମରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

**ଆଦି କର୍ମଯୋଗୀ ଅଭିଯାନ**

### ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନା ଅନୁମୋଦିତ


ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)



ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଁ ଅନୁଷ୍ଠିତ ଏକ ଗ୍ରାମସଭା।

ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଗ୍ରାମ ସଭାର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଛି। ସେହିପରି ୭,୬୨୩ଟି ଗ୍ରାମରେ ଆଦି ସେବା କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୬,୨୫୫ଟି ଗ୍ରାମରେ ଆଦି ସେବା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ସେବା ପ୍ରଦାନ ଏବଂ ସାମୂଦାୟିକ ସମ୍ପୃକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ଗ୍ରାମରେ ସାମୂଦାୟିକ ପଦଯାତ୍ରା, ଗ୍ରୁପ୍ ଆଲୋଚନା, ସମ୍ବଳ ଏବଂ ଭିଜନ ମ୍ୟାପିଂ ଭଳି ପଦକ୍ଷେପ ଗ୍ରହଣ କରି ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସବୁ ବିଭାଗର ସମନ୍ୱୟ ଓ ସହଯୋଗ ଗ୍ରାମୀଣ ଅଞ୍ଚଳର ସୁଶାସନକୁ ଶକ୍ତିଶାଳୀ କରିବା ସହିତ ବିଶ୍ୱାସକୁ ପୁନଃ ସ୍ଥାପନ କରୁଛି।

ସୂଚନାଯୋଗ୍ୟ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ସେବା ସମର୍ପଣ ଏବଂ ସଂକଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳସ୍ତରରେ ଅତ୍ୟାବଶ୍ୟକ ସେବାଗୁଡିକ ପ୍ରଦାନ କରିବାରେ ସହଯୋଗ କରିବ। ଏହି ଅଭିଯାନରେ ଓଡ଼ିଶାରେ ୨୨ଟି ଜିଲାର ୨୧୩ଟି ବ୍ଲକ୍ ଓ ୭,୬୨୩ଟି ଗ୍ରାମ ସାମିଲ ହୋଇଛି। କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦି ସାଥୀ ଓ ୩୦ହଜାର ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ୫୦ରୁ ଅଧିକ ସିଭିଲ ସୋସାଇଟି ଅର୍ଗାନାଇଜେଶନ /ଏନ୍‌ଜିଓଙ୍କୁ ସହଭାଗୀ ଭାବେ ସାମିଲ କରାଯାଇଛି।



ସ୍ୱର୍ଗରେ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ । ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ । କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାରି ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ । -ଶ୍ରୀଅରବିନ୍ଦ



# ପଦବୀ ଚାଲିଗଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାଂଶଘାଟରେ ପ୍ରଧାନମନ୍ତ୍ରୀଙ୍କ ରାଲିର ସ୍କ୍ରିନ୍ ୧୦ ମିନିଟ୍ ପାଇଁ ଅନ୍ଧକାର ରହିବା ଯୋଗୁ ତାହାର ପରିଣାମ ତତ୍‌କ୍ଷଣାତ୍ ପ୍ରକାଶ ପାଇଥିଲା । ରାଜସ୍ଥାନର ଇନ୍‌ଫୋଟେକ ସଚିବ ଅର୍ଚ୍ଚନା ସିଂଙ୍କ ୧୦ ସେକେଣ୍ଡରେ ପଦବୀ ଚାଲିଗଲା । ଦେଖିବାକୁ ଗଲେ, ଅନେକ ବର୍ଷ ହେଲା ଏଗୁଡ଼ିକ ଏବେ ବି ଟିକସଦାତା ଏବଂ ବୃତ୍ତିଧାରୀମାନେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଚାଲୁଥିବା ଆୟକର, ଜିଏସ୍‌ଟି ଏବଂ ଏମ୍‌ସିଏ ପୋର୍ଟାଲ ସହ ସଂଗ୍ରାମ କରିଆସୁଛନ୍ତି, ଯେଉଁଠି ବ୍ୟବହାରିକ କ୍ଷେତ୍ରରେ ତ୍ରୁଟି ହେବା ଏକ ଧାରା ପାଲଟିଯାଇଛି । କୋର୍ଟ ଏହା ଉପରେ ପଦକ୍ଷେପ ନେଇଛନ୍ତି, ବୃତ୍ତିଧାରୀମାନେ ପ୍ରତିବାଦ କରିଛନ୍ତି ଏବଂ ଅନେକ ହଜାର କୋଟି ଟଙ୍କା ଅନାଦାୟ ରହିଆସୁଥିବା ସ୍ଥଳେ ଟିକସଦାତାମାନେ ତାହା ବିଳମ୍ବରେ ଦେଉଛନ୍ତି । ଏଭଳି ବେଫଲ ସ୍ଥିତିରେ କୌଣସି ସଚିବଙ୍କୁ ତାଗିଦ୍ କରାଯାଇନାହିଁ । କିନ୍ତୁ ବିଡ଼ମ୍ବନାର ବିଷୟ ତାହା ବାସ୍ତବରେ ହିଁ ଘଟୁଛି । ଗୋଟିଏ ତ୍ରୁଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ୧୦ ମିନିଟ୍ ଅସୁବିଧା ଯୋଗୁ କ୍ୟାରିୟର ଶେଷ ହୋଇଯାଇଛି । ହେଲେ ବର୍ଷ ବର୍ଷ ଧରି ନାଗରିକଙ୍କୁ ଅସୁବିଧାରେ ପକାଉଥିବା ତ୍ରୁଟିଗୁଡ଼ିକୁ କେବଳ 'ସାମାନ୍ୟ ସମସ୍ୟା' ହୋଇଯାଉଛି । ଏହି ସମୟରେ ମାନ୍ଦା ଟ୍ୟାକ୍ସ ପୋର୍ଟାଲରେ କାମ କରୁଥିବା ସାଧାରଣ ବୃତ୍ତିଧାରୀମାନେ ସମ୍ଭବତଃ ବିଫଳତା ପାଇଁ କାର୍ଯ୍ୟାଳୟରୁ ବିଦା ହେବା ବିଷୟ ଭାବୁଛନ୍ତି । ରାଲି ହେଉଛି ଏକ ରଙ୍ଗମଞ୍ଚ ଏବଂ ଏଠାରେ ଷ୍ଟାରଙ୍କ ଉପରେ ପଡୁଥିବା ଆଲୋକକୁ ତୁମେ ଅସ୍ୱଷ୍ଟ କରିପାରିବ ନାହିଁ । କିନ୍ତୁ ସମ୍ଭବତଃ ପ୍ରତିଦିନ ନାଗରିକମାନେ ଟ୍ୟାକ୍ସ ଫାଇଲ କରୁଥିବା କ୍ଷେତ୍ର,ବ୍ୟବସାୟିକ ନିୟମ ଅନୁପାଳନ ଏବଂ ଅର୍ଥବ୍ୟବସ୍ଥାକୁ ଆଗକୁ ବଢ଼ାଉଥିବା ବୃତ୍ତିଧାରୀଙ୍କ କ୍ଷେତ୍ରରେ ଏଭଳି ସମାନ ଆବଶ୍ୟକତା ପ୍ରୟୋଗ କରାଯିବା ଉଚିତ । ଯଦି ଉତ୍ତରଦାୟିତ୍ୱ ମୂଳମନ୍ତ୍ର ହୁଏ , ତେବେ ଏହାକୁ ସମାନ ଭାବେ ଲାଗୁ କରାଯାଉ ।

### ପରୀକ୍ଷାର ଧାରା

ୟୁପିଏସ୍‌ସି ପରୀକ୍ଷା ଧୀରେ ଧୀରେ ନିର୍ଣ୍ଣୟକୈନ୍ଦ୍ରିକ ହେବା ପରିବର୍ତ୍ତେ ଏକ ସ୍ମୃତି ପରୀକ୍ଷଣ ପାଲଟିଯାଇଛି । ଏକଦା ଜ୍ଞାନ, ବିଶ୍ଳେଷଣ ଏବଂ କୌଣସି ଘଟଣାରେ ଯୁକ୍ତି କରିବାର ଦକ୍ଷତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏବେ ଶୀଘ୍ର କ୍ଷୁଦ୍ର ଉତ୍ତରର ମାଧ୍ୟମ ହୋଇଯାଇଛି । ଯେଉଁଠି ଯେଉଁ ପ୍ରାର୍ଥୀମାନେ ଯେତେ ଭଲ ଭାବେ ପ୍ରସ୍ତୁତ ହେଉଛନ୍ତି ସେମାନେ ସେତେ ଶୀଘ୍ର ଉତ୍ତର ଦେଇପାରୁଛନ୍ତି । କିନ୍ତୁ ସର୍ଚ୍ଚ ପ୍ରକ୍ରିୟା ଏବଂ ଏଆଇ ସାଧନ ଦ୍ୱାରା ବିଶ୍ୱରେ ତୁରନ୍ତ ତଥ୍ୟ ବାହାରିପାରୁଛି, ତର୍କ ଅପେକ୍ଷା ସ୍ମରଣ ଶକ୍ତିକୁ ମହତ୍ତ୍ୱ ଦେଉଥିଲେ ମଧ୍ୟ ଅଧିକ ତ୍ରୁଟିପୂର୍ଣ୍ଣ ମନେ ହେଉଛି । ଶାସନ କହିଲେ କେବଳ ତାଲିକା କିମ୍ବା ପରିଭାଷାକୁ ମନେରଖିବାର ଧାରାକୁ ବୁଝାଏ ନାହିଁ, ବରଂ ଚାପରେ ନିଷ୍ପତ୍ତି ନେବା, ପ୍ରତିଯୋଗିତା ସ୍ୱାର୍ଥକୁ ଗୁରୁତ୍ୱ ଦେବା ଏବଂ ଦରକାର ପଡ଼ିଲେ ନାହିଁ କହିବାର ନୈତିକ ଶକ୍ତି ପ୍ରଦର୍ଶନ କରିବା ଏହାର କାର୍ଯ୍ୟ । ତଥାପି କୋଚିଂ ସେଣ୍ଟରଗୁଡ଼ିକ ପାଇଁ ପରୀକ୍ଷାର ଢାଞ୍ଚା ସୂତ୍ରବଦ୍ଧ ଉତ୍ତରକୁ ପ୍ରାଥମିକତା ଦେଉଛି , ଫଳରେ ଭିନ୍ନ ଢଙ୍ଗରେ ଚିନ୍ତା କରୁଥିବା ଅଶାୟୀଙ୍କର କ୍ଷତି କରୁଛି । ଅନେକ ବର୍ଷ ଧରି କୋଚିଂ ସେଣ୍ଟରଗୁଡ଼ିକରେ ସମ୍ବଳର ଅଭାବ ରହିଛି । ଏହା ସାମାଜିକ ଭାବେ ବିଚାରର ପରିସରକୁ ସଙ୍କୁଚିତ କରୁଛି । ଏଣୁ ବୌଦ୍ଧିକ ଭାବେ ଏବେ ଦେଶରେ ବ୍ୟାପକ ଦୃଷ୍ଟିକୋଣ ଆବଶ୍ୟକ କରେ । ଭାରତ ଡିଜିଟାଲ ନୂତନତ୍ୱ ଏବଂ ବୈଶ୍ୱିକ ନେତୃତ୍ୱର ହବ୍ ବା କେନ୍ଦ୍ର ହେବାକୁ ଚାହେଁ, କିନ୍ତୁ ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପଥ ଏଯାବତ ପୂର୍ବ ଧାରାରେ ରହିଛି । ଭବିଷ୍ୟତରେ ଜଟିଳ, ଅସ୍ୱଷ୍ଟ ତଥା ଉତ୍ତରଦାୟୀ ସ୍ଥିତିରେ ଅଧିକାରୀମାନେ କିଭଳି ନିୟନ୍ତ୍ରଣ କରିବେ ତାହା ପ୍ରକୃତ ପରୀକ୍ଷା ହେବା ଉଚିତ ।

### ଉଦାସୀନ ଅଧିକାରୀ

ଅଧିକାରୀମାନେ ବିଜ୍ଞାନ ମନ୍ତ୍ରଣାଳୟକୁ ଆଡ଼ ଆଖିରେ ଦେଖୁଥିବା ବିଷୟକୁ ସର୍ବସାଧାରଣରେ ଜଣେ କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିବା ଘଟଣାରୁ ଜଣାପଡ଼େ ଯେ, ସେଥିରେ କିଛି ସମସ୍ୟା ରହିଛି । ଜିତେନ୍ଦ୍ର ସିଂ ସ୍ୱଷ୍ଟ ଭାବେ କହିଛନ୍ତି ଯେ, ୨୮ଟି ରାଜ୍ୟ ମଧ୍ୟରୁ ୨୪ଟିରେ ବିଜ୍ଞାନ ବିଭାଗକୁ ନିଷ୍କ୍ରିୟ ଅଧିକାରୀମାନେ ପରିଚାଳନା କରୁଛନ୍ତି । ଏହା ସୂଚିତ କରୁଛି, ତଥାକଥିତ ନୂତନତ୍ୱ ପରିବେଶରେ ବିଜ୍ଞାନ ଓ ପ୍ରଯୁକ୍ତି ଭାରତୀୟ ଅମଲାତନ୍ତ୍ରକୁ ପ୍ରେରିତ କରିପାରିନାହିଁ । କାହିଁକି ଏହା ଘଟୁଛି ତାହା ବୁଝିବା କଷ୍ଟକର ନୁହେଁ । ମହତ୍ତ୍ୱାକାଂକ୍ଷୀ ଆଇଏଏସ୍ ଅଧିକାରୀମାନଙ୍କ ମତରେ ବିଜ୍ଞାନ ମନ୍ତ୍ରଣାଳୟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଅର୍ଥ ମନ୍ତ୍ରଣାଳୟର ପ୍ରଭାବ ରହୁନାହିଁ । ଏହିସବୁ ମନ୍ତ୍ରଣାଳୟର ନିର୍ଦ୍ଦେଶାତ୍ମକ ଶୀର୍ଷକ ଶକ୍ତି ସମ୍ବନ୍ଧରେ ଅଧିକ ପ୍ରକାଶ କରୁଛି । ହେଲେ ବିଜ୍ଞାନ କ୍ଷେତ୍ରରେ ତାହା ଘଟୁନାହିଁ । ବିଜ୍ଞାନ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଅନୁସନ୍ଧାନ ଓ ବିକାଶକୁ ଆଗକୁ ବଢ଼ାଉଛି ଏବଂ ଭବିଷ୍ୟତରେ କିଛି ବୃହତ କାର୍ଯ୍ୟ ହାସଲ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ସମ୍ପର୍କରେ କମ୍ ଖବର ପ୍ରକାଶ ପାଇବା ସହ କମ୍ ପ୍ରୋତ୍ସାହନ ମିଳୁଛି । ହେଲେ ଭାରତରେ ପ୍ରଯୁକ୍ତି ଓ ନୂତନତ୍ୱ ବିଶ୍ୱରେ ସବୁଠୁ ଦ୍ରୁତଗତିରେ ବିକାଶ ହେଉଛି । ଆମେ ଷ୍ଟାର୍ଟଅପ, ଏଆଇ ବିକାଶ ଓ ଡିଜିଟାଲ ସେବା କ୍ଷେତ୍ର ପାଇଁ ବୈଶ୍ୱିକ କେନ୍ଦ୍ର ହୋଇଛୁ । ତଥାପି ରାଜ୍ୟ ସ୍ତରରେ ସମ୍ପୃକ୍ତ ଅଧିକାରୀମାନେ ଏହି ବିକାଶ ନେତୃତ୍ୱ ନେବାରେ ଉଦାସୀନତା ପ୍ରକାଶ କରୁଛନ୍ତି । ସିଂଙ୍କ ମତରେ ଏହାକୁ ମାନସିକତାର ଅଭାବ ବୋଲି ଦର୍ଶାଇଛନ୍ତି । ଅମଲାତାନ୍ତ୍ରିକ ଜଡ଼ତା, ବିପଦକୁ ସାମ୍ନା କରିବା ମନୋଭାବର ଅଭାବ ବିଜ୍ଞାନର ପରିବର୍ତ୍ତିତ ଭୂମିକାରେ ବାଧା ଆଣୁଛି । ଏଣୁ ବିଜ୍ଞାନ ବିଭାଗରେ ନିଯୁକ୍ତିକୁ ଦଣ୍ଡ ମନେ କରୁ ନ ଥିବା ଅଧିକାରୀ ଭାରତ ପାଇଁ ଦରକାର ।

Email: dilipcherian@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| | | | 4 | | | 2 | | 6 |
| 1 | 6 | | | | 7 | 3 | | |
| | 7 | | | | | | | 2 |
| | 8 | | 3 | | | | | |
| 2 | | 4 | 6 | 8 | | | | |
| | | 9 | | 2 | 8 | | | 5 |
| 5 | | | | | 6 | | | |
| | 4 | 2 | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 4 | 9 | 6 | 7 | 3 |
| 3 | 6 | 4 | 5 | 7 | 8 | 9 | 2 | 1 |
| 9 | 7 | 2 | 3 | 1 | 6 | 5 | 4 | 8 |
| 8 | 5 | 3 | 6 | 2 | 4 | 7 | 1 | 9 |
| 4 | 9 | 6 | 7 | 8 | 1 | 3 | 5 | 2 |
| 1 | 2 | 7 | 9 | 3 | 5 | 8 | 6 | 4 |
| 7 | 4 | 9 | 1 | 6 | 3 | 2 | 8 | 5 |
| 2 | 8 | 5 | 4 | 9 | 7 | 1 | 3 | 6 |
| 6 | 3 | 1 | 8 | 5 | 2 | 4 | 9 | 7 |

ଗତ ସଂସ୍କରଣର ଉତ୍ତର

# ରାଷ୍ଟ୍ର ସାଧନାର ଶହେ ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା । ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃ ପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ । ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର । ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ୍ ଅବସରର ସାକ୍ଷୀ । ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣକରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି ।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି । ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହିଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ । ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି । ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଙ୍ଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ିହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି । ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟକୁ ପୂରଣକରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା । ସଂଘ ଶାଖାର ସେହି ପଡ଼ିଆ ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍‌ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ । ସଂଘର ଶାଖାଗୁଡ଼ିକ ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ ।

ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ୱଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି । ଏହିସବୁ ସ୍ତମ୍ଭ ଉପରେ ଛିଡ଼ାହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇନେଉଛନ୍ତି । ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି । ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଘ ସଂରକ୍ଷଣ ଦେଇଥିଲା । ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା । ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି । ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା । ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା । କିନ୍ତୁ ସଂଘ ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରି ନ ଥିଲେ । କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଙ୍କଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି, ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି ।

ପ୍ରତିଷ୍ଠା ଦିନରୁ ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି । ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ । ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ ସର୍ବାଗ୍ରେ ଠିଆହୋଇଥିଲେ । ଏହା କେବଳ ସାହାଯ୍ୟ ନ ଥିଲା ; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା । ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂରକରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ । ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ ।

ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି, ସ୍ୱାଭିମାନ ଜଗାଇଛି । ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମକରି ଆସିଛି, ଯାହା ଦୁର୍ଗମ, ଯେଉଁଠି ପହଞ୍ଚିବା ସବୁଠୁ କଠିନ । ସଂଘ ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି । ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି । ଆଜି ସେବା ଭାରତୀ, ବିଦ୍ୟା ଭାରତୀ, ଏକକ ବିଦ୍ୟାଳୟ, ବନବାସୀ କଲ୍ୟାଣ ଆଶ୍ରମ, ଆଦିବାସୀ ସମାଜର ସଶକ୍ତୀକରଣ ପାଇଁ ଆଧାର ପାଲଟିଛନ୍ତି ।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚନୀଚ ଭାବନା ସୃଷ୍ଟିକରିବା ସହ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି । ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତର କାମ କରିଆସିଛି । ଡକ୍ଟର ସାହେବଙ୍କଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ୍ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି । ପରମପୂଜ୍ୟ ଗୁରୁଜୀ ନିରନ୍ତର 'ନ ହିନ୍ଦୁ ପତିତୋ ଭବେତ୍' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି । ପୂଜ୍ୟ ବାଲା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ । ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ୱଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା । କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ । ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ ।

ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା ।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା । ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି । ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫି ମିଶନ ଘୋଷଣା କରିଛି । ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜଭୁତ କରିବାକୁ ହେବ । ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି । ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି । ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଉର୍ଜା ବଢ଼ାଇ ଦେଶକୁ ଅନୁପ୍ରାଣିତ କରିବ । ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା ।

# ବିଶ୍ୱ ଜଳବାୟୁ ସମସ୍ୟା



ନିରାକାର ଦାସ

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଏକ ଆକଳନରୁ ଜଣାଯାଏ ବିଶ୍ୱସ୍ତରରେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧିଘଟିଛି । ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଚଳିତ ଶତାବ୍ଦୀ ସୁଦ୍ଧା ତାପମାତ୍ରା ବୃଦ୍ଧିକୁ ଯଥା ସମ୍ଭବ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ବିଶ୍ୱର ସମସ୍ତ ଦେଶକୁ ଆହ୍ୱାନ ଦିଆଯାଇଛି । ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ପ୍ରାୟ ୧୭ ଶତାଂଶ ଜଙ୍ଗଲ ଲୋପପାଇସାରିଛି । ପ୍ରତି ମିନିଟ୍‌ରେ ପୃଥିବୀର ୨୩ ଲକ୍ଷ ମିଟର ପରିମିତ ଜମିରୁ ଜଙ୍ଗଲ କ୍ଷୟ ହେଉଛି । ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ନ ରଖିଲେ ପୃଥିବୀରେ ଉପଲବ୍ଧ ହିମପ୍ରବାହ(ଗ୍ଲେସିଅର)ଗୁଡ଼ିକ ଦ୍ରୁତଗତିରେ ତରଳିବ । ଫଳରେ ଆଇସ୍‌ଲାଣ୍ଡରେ ବିଦ୍ୟମାନ ୩୦୦ ହିମପ୍ରବାହ ଆଗାମୀ ୨୦୦ବର୍ଷ ମଧ୍ୟରେ ତରଳି ମୃତ ପାଲଟିଯିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଗ୍ରୀନ୍‌ଲାଣ୍ଡର ହିମପ୍ରବାହଗୁଡ଼ିକ ମଧ୍ୟ ଭୟାନକ ଭାବେ ତରଳିବାରେ ଲାଗିଛନ୍ତି । ୨୦୧୫ ପରଠାରୁ ଅଣ୍ଟାର୍କଟିକା ମହାଦେଶରେ ଗ୍ରୀନ୍‌ଲାଣ୍ଡ ଆକାରରେ ବରଫ ତରଳି ସାରିଛି ; ଯାହା ଗତ ଦଶନ୍ଧିର ସବୁଠାରୁ ବଡ଼ ପରିବେଶଗତ ପରିବର୍ତ୍ତନ । ଏଥିଯୋଗୁ ଭବିଷ୍ୟତରେ ସମୁଦ୍ରପତ୍ତନ ୧ରୁ ୧.୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଏପରି ହେଲେ ପୃଥିବୀର ନଦୀଗୁଡ଼ିକରେ ଭୟଙ୍କର ବନ୍ୟା ଆସିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଅନେକ ସହର ଜଳଗର୍ଭରେ ଲୀନହୋଇଯିବ । ୨୦୫୦ ବେଳକୁ ୧.୫ କୋଟି ଲୋକ 'କ୍ଲାଇମେଟ୍ ରିଫ୍ୟୁଜି' ହେବେ ବୋଲି ଜଳବାୟୁ ବିଶେଷଜ୍ଞମାନେ ମତ ଦେଇଛନ୍ତି । ପୃଥିବୀର ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ପ୍ରାୟ ୧୭ କ୍ୟୁବିକ୍ କିଲୋମିଟର ଖସିବାକୁ ଲାଗିଛି । ବହୁଳ ଭାବେ ବ୍ୟବହୃତ ରେଫ୍ରିଜରେଟର, ଏୟାର କଣ୍ଡିସନର, ଦ୍ରାବକ, ଶିଳ୍ପଗୁଡ଼ିକରୁ ବହିର୍ଗତ ନାଇଟ୍ରୋଜେନ୍ ଯୌଗିକ ବସ୍ତୁ, ଅନିୟନ୍ତ୍ରିତ ରକେଟ୍ କ୍ଷେପଣ, ପରମାଣୁ ପରୀକ୍ଷଣ ଇତ୍ୟାଦି ସହ ଅନ୍ୟାନ୍ୟ କୃତ୍ରିମ ଓ ପ୍ରାକୃତିକ କାରଣ ପାଇଁ ଓଜୋନ୍ ସ୍ତର ପତଳା ହେବାରେ ଲାଗିଛି । ସେଥିପାଇଁ ଉତ୍ତାପସ୍ତର ଆଶାତୀତ ଭାବେ ବୃଦ୍ଧି ଘଟୁଛି । ବର୍ତ୍ତମାନ ଘଟିଯାଇଥିବା ଇରାନ ଓ ଇସ୍ରାଇଲ ଯୁଦ୍ଧର ପ୍ରଥମ ୫ ଦିନରେ ୩୫,୦୦୦ ଟନ୍‌ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗତ ହୋଇଛି ଯାହାକି ବର୍ଷକୁ ୮,୩୦୦ କାର୍ ଚଳାଇବା ଦ୍ୱାରା ନିଃସରଣ ଅଙ୍ଗାରକାମ୍ଳ ସହ ସମାନ । ଏହି ଯୁଦ୍ଧର ପ୍ରାରମ୍ଭରେ ଜେଟ୍ ଫୁଏଲ୍, ରକେଟ୍ ଫାୟାର ଏବଂ କ୍ଷେପଣାସ୍ତ୍ର ପ୍ରୟୋଗରେ ଯେତିକି ଅଙ୍ଗାରକାମ୍ଳ ନିର୍ଗତ ହୋଇଛି, ୨୦ ହଜାର ଟନ୍ କୋଇଲା ଜାଳିଲେ ସେତିକି ନିର୍ଗତ ହେବ । ଏଥିରୁ ଅନୁମାନ କରାଯାଉ ଯୁଦ୍ଧ ବିଭୀଷିକା ଆମ ଜଳବାୟୁକୁ କେତେ ପ୍ରଭାବିତ କରିଥିବ ? ଏହି ସଙ୍କଟ ଦୂରକରିବାକୁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ



ରାଷ୍ଟ୍ରଗୁଡ଼ିକ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି । ଏହାର କାରଣ ବ୍ରିଟିଶ ରାଜନୀତିଜ୍ଞ ଡେରେକ୍ ୱାଲ୍‌ଙ୍କ 'ଗ୍ରୀନ୍ ଲେଫ୍ଟ୍' ପୁସ୍ତକରେ ଉଲ୍ଲେଖ ଅଛି – 'ପୁଞ୍ଜିବାଦ ଶ୍ରମର ଶୋଷଣ ଓ ପ୍ରକୃତିର ଲୁଣ୍ଠନ ଲବ୍ଧ ଲାଭ ମାଧ୍ୟମରେ ନିଜର ଆୟ ବଢ଼ାଇ ଚାଲେ ।' ସେହିପରି ଆମେରିକାନ୍ ଲେଖକ ଜୋଏଲ୍ କ୍ଷ୍ଟିଫେନ୍ କେଭେଲ କୁହନ୍ତି, ''ପୁଞ୍ଜିବାଦ ପ୍ରକୃତିର ଶତ୍ରୁ ଓ ପରିବେଶ ଧ୍ୱଂସର ଏକମାତ୍ର କାରଣ ପାଲଟିଛି ।''

ଏହିପରି ପରିବେଶର ଦ୍ରୁତ ସ୍ଖଳନ ଓ ଜଳବାୟୁର ଅସନ୍ତୁଳନ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ପରିବେଶବିତ୍ ରଣଧୀର ସିଂ କହିଥିଲେ, ''ପୁଞ୍ଜିବାଦ ପ୍ରକୃତିର ଲାଳନ ପାଳନ କରିବାକୁ ଚାହେଁନା, ଏହା ପ୍ରକୃତିକୁ ସ୍ୱ-ସ୍ୱାର୍ଥରେ ବ୍ୟବହାର କରେ । ବଜାର ଶାସିତ ଅର୍ଥନୀତି ସଦାସର୍ବଦା ପ୍ରକୃତି ଓ ପରିବେଶର ବିରୋଧୀ । ଅଧିକନ୍ତୁ ଏହା ପ୍ରକୃତି ଓ ପରିବେଶ ଧ୍ୱଂସକାରୀ ।'' ମାତ୍ରାଧିକ ଶିଳ୍ପନିର୍ମାଣ ପରିବେଶ ଅସନ୍ତୁଳନ ପାଇଁ ଅନ୍ୟ ଏକ ବଡ଼ କାରଣ ପାଲଟିଛି । ଶିଳ୍ପ ପରିଚାଳନା ପାଇଁ ଜଳ, ଜମି ଓ ଜଙ୍ଗଲକୁ ବିନିଯୋଗ ନିଶ୍ଚିତ କରିବେ ଏଥିରେ ସନ୍ଦେହ ନାହିଁ । ଏହିସବୁ ଶିଳ୍ପକ୍ଷେତ୍ରରୁ ନିର୍ଗତ ଧୂଆଁରୁ ଜଳବାୟୁ ତ ଦୂଷିତ ହେବ ହିଁ ହେବ । ଏହି ଶିଳ୍ପଗୁଡ଼ିକ ଲାଭ ପାଇଁ ଆବଶ୍ୟକତାଠାରୁ ଅଧିକ ଜଳ, ଜମି, ଜଙ୍ଗଲର ଉପଯୋଗ କରନ୍ତି, ଧ୍ୱଂସ କରନ୍ତି । ଫଳରେ ଗଛ କଟାଯାଏ, ଖଣିଖାଦାନ ଖୋଳାଯାଏ ଓ ଜଳବାୟୁ ଅଶୁଦ୍ଧ ହୁଏ । ଉତ୍ତାପ ବୃଦ୍ଧିର ଏହା ଏକ ସର୍ବଶ୍ରେଷ୍ଠ କାରଣ ବୋଲି କୁହାଯାଏ । ଆମେରିକାରେ ୧୮୭୩ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଯାହା ବିଶ୍ୱର ୧୦ ବୃହତ୍ ଦେଶ ସହ ସମାନ ଏବଂ ପୃଥିବୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । ଏଥିରୁ ଅନୁମାନ କରାଯାଏ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଦ୍ୱାରା ଆଧିପତ୍ୟ ଦେଶଗୁଡ଼ିକ ପରିବେଶ ସନ୍ତୁଳନ ପାଇଁ ବିଶ୍ୱ ସମ୍ମିଳନୀର ପ୍ରସ୍ତାବକୁ ଏଡ଼େଇଯାଉଛନ୍ତି ।

ସାମ୍ୟବାଦୀ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ଦକ୍ଷ ପରିଚାଳନା କରିଥାନ୍ତି । ଏହି ଦେଶଗୁଡ଼ିକରେ ପରିବେଶ ସୁରକ୍ଷା ନିମନ୍ତେ କେନ୍ଦ୍ରୀୟ ଯୋଜନା, ରାଷ୍ଟ୍ରର ମାଲିକାନା ଓ ଦୂର ଭବିଷ୍ୟତକୁ ଚିନ୍ତାକରି ଯୋଜନା ପ୍ରସ୍ତୁତ କରିଥାନ୍ତି । ଏହା ପୁଞ୍ଜିବାଦୀ ଦେଶଗୁଡ଼ିକରେ ଓଲଟା । କ୍ୟୁବାର ଅର୍ଗାନିକ୍ ଫାର୍ମିଂ ଦ୍ୱାରା ମାଟି ସୁସ୍ଥ ରହିବା ସହ କେମିକାଲ ବ୍ୟବହାର କମ୍ ହୁଏ, ଯାହା ବିଶ୍ୱ ପାଇଁ ଏକ ଉତ୍ତମ ଉଦାହରଣ । ଚାଇନା 'ରିନ୍ୟୁଏବେଲ୍ ଏନର୍ଜି ବିନିଯୋଗ ଓ ବୈଷୟିକ ପ୍ରୟୋଗ' ପାଇଁ ବିଶ୍ୱର ନେତୃତ୍ୱ ନେଇପାରୁଛି । ତେଣୁ ଦୁନିଆକୁ ଜଳବାୟୁ ସଙ୍କଟରୁ ସୁରକ୍ଷିତ ରଖିବାକୁ ହେଲେ ସାମ୍ୟବାଦ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା ।

ଏସ୍‌ବିଟି ଇଣ୍ଡସ୍ ଭ୍ୟାଲ, ରଘୁନାଥପୁର
ଭୁବନେଶ୍ୱର , ମୋ: ୯୪୩୭୦୧୩୧୩୯

## ଏଇ ଭାରତରେ

ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହନ୍ତି ୨୫୦ ପରିବାର । ପ୍ରତିଦିନ ପ୍ରତ୍ୟେକ ପରିବାରରୁ ରୋଷେଇଘର ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷ ବାହାରେ ଏବଂ ତାହାକୁ ସଂଗ୍ରହ କରି ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ । ଗତ ୬ ବର୍ଷ ହେଲା ଏହି କଲୋନିରୁ କୌଣସି ବର୍ଜ୍ୟ ବାହାରେ ଠୁଳ ହୋଇ ରହିବାକୁ ଦେଉନାହାନ୍ତି ରୁବି । ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି । ପ୍ରତିଦିନ ୨୫୦ କେଜି ରୋଷଘର ବର୍ଜ୍ୟକୁ ଖତ କରାଯାଉଛି । ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଯାଉଛି । ଏହାବ୍ୟତୀତ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ଲୋକଙ୍କୁ ବାଣ୍ଟି ଦେଉଛନ୍ତି । ଏବେ ସୁଦ୍ଧା ଡ. ରୁବି ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି ଏବଂ ଏହାକୁ ନେଇ ସେ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଛନ୍ତି । ପ୍ରାରମ୍ଭରେ ଡ. ରୁବି କଲୋନିର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ବର୍ଜ୍ୟ ପରିଚାଳନା ସମ୍ପର୍କରେ ଅବଗତ କରିବା ପରେ ସେମାନଙ୍କଠାରୁ ତାଙ୍କ ଏନ୍‌ଜିଓ ମାଧ୍ୟମରେ ବର୍ଜ୍ୟ ସଂଗ୍ରହ କରିବା ଆରମ୍ଭ କରିଥିଲେ । ତେବେ ୬ ବର୍ଷ ଭିତରେ ସେ କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବାକୁ ସକ୍ଷମ ହୋଇପାରିଛନ୍ତି ।

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସଂସ୍କାର ଜରୁରୀ

ମହାଶୟ,

ଏବେ ମେଡିକାଲ କଲେଜ ପ୍ରଶାସନିକ ସ୍ତରରେ ସଂସ୍କାର ଜରୁରୀ ହୋଇପଡ଼ିଛି । ମାତ୍ର ରାଜ୍ୟ ସରକାର ଏଭଳି ସଂସ୍କାର କିମ୍ବା ପଦ୍ଧତି ପ୍ରଚଳନ କରିବାକୁ ଆଗଭର ହେଉନାହାନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବିଷୟବସ୍ତୁ ଓ ଆଭିମୁଖ୍ୟ ରାଜ୍ୟର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଓଡ଼ିଶା ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ୧୪୬୦/୨୦୧୩ ଅନୁସାରେ ଏକକ ପ୍ରଫେସର ଅବସ୍ଥାପିତ ଥିବା ବିଭାଗର ବିଭାଗୀୟ ମୁଖ୍ୟ ଭାବେ ସମାନ କାର୍ଯ୍ୟ ତୁଲାଇପାରିବେ ଏବଂ ଏକାଧିକ ପ୍ରଫେସର ଥିଲେ ପ୍ରତି ୨ ବର୍ଷରେ ଥରେ ରୋଟେଶନ କ୍ରମରେ ବିଭାଗୀୟ ମୁଖ୍ୟ ଅବସ୍ଥାପିତ ହେବେ । ପୁନଶ୍ଚ ପ୍ରଶାସନିକ ସଂସ୍କାରର ପୁନଃ ସରଳୀକରଣକରି ରିଜୋଲୁସନ ନଂ.୮୯୬୭/୨୦୨୨ ଜରିଆରେ ନିର୍ଦ୍ଦେଶ ଦିଆଗଲା ଯେ ଏକକ ପ୍ରଫେସର ଥିବାସ୍ଥଳେ ଉଭୟ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପ୍ରତି ୨ ବର୍ଷରେ ଥରେ ରୋଟେସନ କ୍ରମରେ ବିଭାଗୀୟ ମୁଖ୍ୟ ଦାୟିତ୍ୱରେ ରହିପାରିବେ । ମାତ୍ର ଜୁଲାଇ ୧୬ରେ ପ୍ରକାଶିତ ବିଜ୍ଞପ୍ତି ୨୦୨୨ ମସିହା ବିଜ୍ଞପ୍ତିର ସମସ୍ତ ଆଦର୍ଶ ଓ ନିଷ୍ପତ୍ତିକୁ ରଦ୍ଦ କରିବା ପରି ପ୍ରତୀୟମାନ ହେଉଛି । ବାସ୍ତବରେ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ତଥା ମେଡିକାଲ କର୍ତ୍ତୃପକ୍ଷ ୨୦୨୨ର ରୋଟେସନ ବିଷୟକ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ।

-ଡା. ଶର୍ମିଷ୍ଠା ବେହେରା, ବରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଟିପତି ଲୋଭରେ ୫୨ ଲକ୍ଷ ହରାଇଲେ

■କାଠ ବ୍ୟବସାୟ, ହର୍ସ ରେସ୍‌ରେ ପାର୍ଟନର କରିଦେବାକୁ କହି ଠକେଇ

■୫ ସାଇବର ଠକଙ୍କୁ ଗିରଫ କଲା ଅନୁଗୋଳ ପୋଲିସ



ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

କାଠ ବ୍ୟବସାୟ ଓ ହର୍ସ ରେସ୍‌ର ପାର୍ଟନର କରି ରାତାରାତି ବହୁକୋଟି ଟଙ୍କା ଲାଭ ଦେବାର ଲୋଭ ଦେଖାଇ ଅନୁଗୋଳର ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୫ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସୋର ଅଞ୍ଚଳର ଦିଲୀପ କୁମାର ଲେଙ୍କା, ବିଜୟ କୁମାର ଜେନା, ଚିରଞ୍ଜନ ମୁଦୁଲି, ଭଦ୍ରକର କୃପାସିନ୍ଧୁ ମହାରଣା ଏବଂ ଦାର୍ଜିଲିଂର ମହମ୍ମଦ ନିଶାର ଆଲମ।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ଜୁଲାଇରେ ଅନୁଗୋଳ ଗାନ୍ଧୀ ମାର୍ଗର ଜଣେ ବ୍ୟକ୍ତିଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। କଲ୍ କରିଥିବା ମହିଳା ଜଣକ ସେ ଗୁଜରାଟ ବରୋଦା ଅଞ୍ଚଳର ବିଶିଷ୍ଟ ଅଗ୍ରୱାଲ ବୋଲି ପରିଚୟ ଦେବା ସହ କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ଟଙ୍କା ଲଗାଇ ପାର୍ଟନର ହେବାକୁ ଅଫର ଦେଇଥିଲେ। ଏହି ବ୍ୟବସାୟରେ ଟଙ୍କା ଲଗାଇଲେ ବହୁ କୋଟି ଟଙ୍କା ଲାଭ ପାଇବେ ବୋଲି ପ୍ରଲୋଭନ ଦେଖାଇଥିଲେ। ଲୋଭରେ ପଡ଼ି ଅଭିଯୋଗକାରୀ ସମ୍ପୃକ୍ତ ଠକ ମହିଳା ପଠାଇଥିବା ଲିଙ୍କ୍ ଜରିଆରେ ପ୍ରଥମ ଦଫାରେ ୫ଟି କିସ୍ତିରେ ୩୦ ଲକ୍ଷ ୮୦ ହଜାର ଓ ଦ୍ୱିତୀୟ ଦଫାରେ ୨୧ ଲକ୍ଷ ୪୬ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଏତେ ଟଙ୍କା ନେବା ପରେ ମଧ୍ୟ ଠକମାନେ ଆୟକର ବାବଦକୁ ୨୯ ଲକ୍ଷ ୨୨ ହଜାର ୩୩୬ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ଅଭିଯୋଗକାରୀ ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣିପାରି ଅଗଷ୍ଟ ୨୯ରେ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସଙ୍କ ନେତୃତ୍ୱରେ ଏସ୍‌ଆଇ କାଳେଶ୍ୱର ସେଠୀ, ସବ୍‌ଇନ୍‌ସପେକ୍ଟର ସୌରଭ ସାମଲ, ଗୋପୀନାଥ ଭାରତୀ ପ୍ରମୁଖ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୨୮ ହଜାର ଟଙ୍କା, ସୁନାଗହଣା, ମୋବାଇଲ,ଏକାଧିକ ପାସବୁକ୍ ଜବତ କରାଯାଇଛି।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ସ୍ୱାମୀ ଅଟକ

ଟେନ୍‌ସା,୩।୧୦(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଲା ଗ୍ରାମରେ ଗୁରୁବାର ରାତିରେ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ହେଲେ ମିତା ନାଏକ(୨୯)। ଖବର ଲେଖାହେବା ପୁଣା ମୃତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି। ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ମିତା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସେ ଉତ୍ତେଜିତ ହୋଇ ମିତାଙ୍କୁ ଏକ ଠେଙ୍ଗାରେ ପିଟିବାରୁ ସେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କୋଇଡା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଇଡା ପୋଲିସ ଶୁକ୍ରବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ରାଉରକେଲା ସାଇଣ୍ଟିଫିକ୍ ଟିମ୍ ଆସିଲେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କେନ୍ଦୁଝର/ଡେକିକୋଟ,୩।୧୦(ରମେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେକିକୋଟ ବିଟ୍ ହାଉସ ଅନ୍ତର୍ଗତ ନେଭିନ୍ଦ୍ରପୁର ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଘର ବାରଣ୍ଡାରେ ଶୋଇଥିବା ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଭଦ୍ର ମହାକୁଡ଼। ପୋଲିସ ମୃତଦେହ ଜବତ ସହ ଗ୍ରାମର ଗମ୍ଭା ମହାକୁଡ଼ଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଭଦ୍ରଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଝିଅର ବାହାଘର ସରିଛି। ପୁଅ ଅନ୍ୟ ରାଜ୍ୟରେ ଚାକିରି କରୁଥିବାରୁ ସେ ଘରେ ଏକୁଟିଆ ରହୁଥିଲେ। ଗୁରୁବାର ରାତିରେ ନିଜ ଘର ବାରଣ୍ଡାରେ ଶୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ଡେକିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗମ୍ଭାଙ୍କ ସ୍ତ୍ରୀ ଓ ଭଦ୍ରଙ୍କ ମଧ୍ୟରେ ସମ୍ପର୍କ ଥିଲା। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରାଗରେ ହତ୍ୟା କରିଥିବା ଗମ୍ଭା ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ ସହ ଟାଙ୍ଗିଆ ଜବତ କରିଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୪୩୭/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟ ମହାପାତ୍ର କହିଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**କର୍ମଚାରୀ ଆବଶ୍ୟକ**
କଟକ ଓ ଭୁବନେଶ୍ୱରରେ (Well & Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/ Site Incharge ଏବଂ ଭୁବନେଶ୍ୱର ପଟିଆ ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ ।
Ph: 9937499625

**WANTED**

| | No. of Posts |
|---|---|
| **Engineer (Instrument)** ( B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| **Instrument Technician** (ITI/ Diploma with 10 years experience) | 15 Nos. |
| **AO / MIS / VSAP** (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
Location : SSL (VAL, LANJIGARH), Mobile : 9937718861
Email: soumyakant.mishra@sslegacy.co.in
Salary is not constraint for suitable candidates


# ଭୁଜାଳିମାଡ଼ରେ ସାନ ମୃତ, ବଡ଼ ଗୁରୁତର

## ଆମ୍ବୁଲାନ୍ସ ଭଡ଼ାକୁ ନେଇ ୨ ଭାଇଙ୍କୁ ଆକ୍ରମଣ



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

ଅସୁସ୍ଥ କୁକୁରକୁ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେବା ବାବଦ ଭଡ଼ା ଅର୍ଥକୁ କେନ୍ଦ୍ରକରି ଅନୁଗୋଳ ଟାଉନଥାନା ହରିମହୁରି ଛକ ନିକଟରେ ଗତ ବୁଧବାର ରାତିରେ ଘଟିଛି ହତ୍ୟାକାଣ୍ଡ। ଅସୁସ୍ଥ କୁକୁର ମାଲିକ ସୌଭାଗ୍ୟନଗରର ରାହୁଲଙ୍କ ଭୁଜାଲି ମାଡ଼ରେ ଆମ୍ବୁଲାନ୍ସ ମାଲିକ ହରିମହୁରି ଛକର ସୌରଭ ବସାକ ଗୁରୁତର ହୋଇଥିବା ବେଳେ ତାଙ୍କ ସାନଭାଇ ସୌଭାଗ୍ୟ ବସାକଙ୍କ ମୃତ୍ୟୁ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ଅଭିଯୁକ୍ତ ରାହୁଲ ମଧ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ସହରରେ ପତିଆରା ଦେଖାଇବା ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଆଲୋଚନା ହେଉଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୌଭାଗ୍ୟନଗରର ରାହୁଲଙ୍କ ପୋଷା କୁକୁର ଅସୁସ୍ଥ ଥିବାରୁ ସେ ସୌରଭଙ୍କ ଆମ୍ବୁଲାନ୍ସରେ ତାକୁ ଭୁବନେଶ୍ୱର ନେଉଥିଲେ। ହେଲେ ଢେଙ୍କାନାଳ ପାଖରେ ଆମ୍ବୁଲାନ୍ସ ଅଚଳ ହୋଇପଡ଼ିଥିଲା। ଫଳରେ ରାହୁଲ ଅନ୍ୟ ଏକ ଆମ୍ବୁଲାନ୍ସରେ କୁକୁରକୁ ଭୁବନେଶ୍ୱର ନେଇଥିଲେ। ଭୁବନେଶ୍ୱରରେ ପହଞ୍ଚାଇଥିବା ଆମ୍ବୁଲାନ୍ସ ଚାଳକଙ୍କୁ ରାହୁଲ ଭଡ଼ା ବାବଦ ଅର୍ଥ ଅଚଳ ଆମ୍ବୁଲାନ୍ସ ମାଲିକ ସୌରଭଙ୍କଠାରୁ ନେବାକୁ କହିଥିଲେ। କିନ୍ତୁ ସୌରଭ ଭଡ଼ା ବାବଦ ନିର୍ଦ୍ଧାରିତ ଅର୍ଥ ଦେଉ ନ ଥିବା ଆମ୍ବୁଲାନ୍ସ ଚାଳକ କହିବା ପରେ ଏଥିରେ ଉତ୍ୟକ୍ତ ହୋଇ ରାହୁଲ ସହଯୋଗୀଙ୍କ ସହ ହରିମହୁରୀ ଛକସ୍ଥିତ ସୌରଭଙ୍କ ବାସଭବନରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୌରଭଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ସୌଭାଗ୍ୟ ଆସିବାରୁ ଅଭିଯୁକ୍ତମାନେ ୨ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସାନଭାଇ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଅନୁଗୋଳ ଟାଉନଥାନା ଆଇଆଇସି ଧୀରେଶ ଦାସ କହିଛନ୍ତି, ସିସିଟିଭି ଫୁଟେଜରେ ଗଣ୍ଡଗୋଳର ଦୃଶ୍ୟ ସ୍ପଷ୍ଟ ରହିଛି। ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରାଯାଇଛି। ସେ ଆହତ ହୋଇଥିବାରୁ ମେଡିକାଲରେ ଚିକିତ୍ସା କରାଯାଉଛି। ସହଯୋଗୀ ୨ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି।

# ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ଲାଞ୍ଜିଗଡ, ୩।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଫୁଲସିଙ୍ଗ ମାଝୀ (୫୯)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବୁଡ୍ରୀ ମାଝୀ।



ଗିରଫ ଫୁଲସିଙ୍ଗ ମାଝୀ

ସୂଚନାନୁସାରେ ଫୁଲସିଙ୍ଗ ସ୍ତ୍ରୀ ବୁଡ୍ରୀ ଓ ଅନ୍ୟ ପରିବାର ସଦସ୍ୟ ସହିତ ସର୍ଗିଗୁଡାରେ ରହୁଥିଲେ। ତାଙ୍କର ୫ ଝିଅ ଓ ୨ ପୁଅ ଥିବାବେଳେ ୪ଝିଅ ବିବାହ କରିସାରିଛନ୍ତି। ସୋମବାର ରାତିରେ କୌଣସି କାରଣରୁ ଫୁଲସିଙ୍ଗ ନିଜ ସ୍ତ୍ରୀ ବୁଡ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳେ ବୁଡ୍ରୀଙ୍କ ଭାଇ ଏନେଇ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରୁ ମୃତଦେହ ଜବତ କରି ଲାଞ୍ଜିଗଡରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ପୋଲିସ ଫୁଲସିଙ୍ଗଙ୍କୁ ଗିରଫ କରିଥିବାବେଳେ ସେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୮/୨୫) ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


**ଦ.ପୂ. ରେଳପଥ – ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ଡାଟା-ଲବି-ଟିଏଲ୍‌ସି-୧୦, ତାରିଖ: ୩୦।୦୯।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-।: ବୈଷୟିକ ବିଡ୍ ଏବଂ ପ୍ୟାକେଟ୍-।।: ଆର୍ଥିକ ବିଡ୍) ଆହ୍ୱାନ କରାଯାଉଛି । ଟେଣ୍ଡର ବାବଦରେ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୭୩୦ ଦିନ ପାଇଁ ସମସ୍ତ ଲବି ଯଥା ଜରୋଲି, ଡାଙ୍ଗୋଆପୋଷି, ଟାଟାନଗର, ଆଦିତ୍ୟପୁର, ସିନି, ଚକ୍ରଧରପୁର, ବଣ୍ଡାମୁଣ୍ଡା, ରାଉରକେଲା ଓ ଝାରସୁଗୁଡ଼ା ଏବଂ ଟିଏଲ୍‌ସି/ଚକ୍ରଧରପୁରଠାରେ ଲୋକୋ ଏବଂ କ୍ରିଉ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଦର୍ଶନର ତଦାରଖ ପାଇଁ ବିଭିନ୍ନ ଗୁଗଲ୍ ଶିଟ୍, ଏଫ୍‌ଓଆଇଏସ୍, ଏସ୍‌ଏଲ୍‌ଏଏମ୍, ଆଇସିଏମ୍‌ଏସ୍, ସିଓଏ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଅସ୍ୱାଭାବିକତା ଭଳି ଟ୍ରେନ୍ ପରିଚାଳନା ସମ୍ବନ୍ଧୀୟ ଡାଟା ଏଣ୍ଟ୍ରି ଓ ତତ୍-ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୧୮,୯୯,୪୦୮.୮୦ । **ଇ.ଏମ୍.ଡି.:** ₹୨,୦୯,୫୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ୫,୦୦୦/– । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-687)

**Tender Notice**
BAIF Institute for Sustainable Livelihoods and Development
Invites sealed quotations from reputed vendors for "Power Tiller, Power reaper & Paddy Thresher" procurement for Kujang block, Jagatsinghpur district, Odisha. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra
PO. Dhanupali, Sambalpur, Odisha–768005
Telephone: +91-7894418530

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-32, ତା.25.09.2025ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 07 ଗୋଟି ସେକ୍ସନରେ ଅତ୍ୟଧିକ ପୁରୁଣା କ୍ୱାଡ୍ କେବୁଲ ଏବଂ OFC ର ସ୍ଥାନାନ୍ତରଣ। ସେକ୍ସନ ସମୂହ : ଅତାବିରା-ଦେବାହାଲ, ଦେବାହାଲ-ବରଗଡ଼ ରୋଡ୍, ଲୋଇସିଂହା-ବଲାଙ୍ଗୀର, ଦେଓଗାଁ ରୋଡ୍-ସଇଁତଳା, ସଇଁତଳା-ବଡ଼ମାଳ, ବଡ଼ମାଳ-ସିକିର ଏବଂ ମହାସମୁନ୍ଦ-ବେଲସୋଣ୍ଡା।
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 4,89,97,349/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,95,000/-।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-649/Q/25-26


# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା, ୱାର୍ଡ ସଭ୍ୟ ଅପହରଣ

## ଗ୍ରାମାଞ୍ଚଳରେ ରାଜନୀତି ସରଗରମ

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)





ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ ଅଭିଯୋଗ ନେଇ ଥାନାରେ ଦ୍ୱାରସ୍ଥ ତାଙ୍କ ସ୍ତ୍ରୀ ଏବଂ ସମର୍ଥକ।

ପଞ୍ଚାୟତ ନିର୍ବାଚନକୁ ପ୍ରାୟ ଦେଢ଼ବର୍ଷ ବାକି ରହିଥିବାବେଳେ ଯାଜପୁର ଜିଲାରେ ସରପଞ୍ଚମାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ରାଜନୀତି ଜୋର ଧରିଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ରଣପୁର ଏବଂ ଦଶରଥପୁର ବ୍ଲକ ବିରୁହାଁ ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇସାରିଛି। ସେଥିମଧ୍ୟରୁ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏହିସବୁ ଅନାସ୍ଥା ନାଟକରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି।

ବିଞ୍ଝାରପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ୱାର୍ଡ ସଭ୍ୟ ଧନେଶ୍ୱର ଉପଜିଲାପାଳଙ୍କ ନିକଟରେ ରଣପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ଏଥିପାଇଁ ଉପଜିଲାପାଳ ଆସନ୍ତା ୮।୧୦।୨୦୨୫ରେ ଅନାସ୍ଥା ଭୋଟ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହାପରେ ଗ୍ରାମାଞ୍ଚଳ ନେତାଙ୍କ ମଧ୍ୟରେ ଘୋଡ଼ା ବେପାର ଆରମ୍ଭ ହୋଇଛି। ପୁଷ୍ପଲତାଙ୍କ ଅଭିଯୋଗ ଅନୁସାରେ ରଣପୁର ଗ୍ରାମର ଧନେଶ୍ୱର ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ବିଞ୍ଝାରପୁର ହାଟକୁ ସଉଦା କରିବାକୁ ଯାଇଥିଲେ। ସେ ହାଟରୁ ସଉଦା ସାରି ଫେରୁଥିବାବେଳେ ସରପଞ୍ଚଙ୍କ ସମର୍ଥକମାନେ ତାଙ୍କୁ ଜୋରଜବରଦସ୍ତ ସ୍କୁଟିରେ ବସାଇ ନେଇଯାଇଥିଲେ। ଏହି ସମୟରେ ଧନେଶ୍ୱରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହାପରେ ପାଟିରେ କପଡା ପୂରାଇ କାରରେ ବସାଇ କୁଆଡେ ଅପହରଣ କରି ନେଇଛନ୍ତି। ରଣପୁର ଗ୍ରାମର କେତେଜଣ ଲୋକ ଏହା ଦେଖି ପୁଷ୍ପଲତାଙ୍କୁ ଖବର ଦେଇଥିଲେ। ତେଣୁ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ଥାନାରେ ଏନେଇ କେସ୍ ନଂ. ୪୫୬/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ଜିଲାର ଦଶରଥପୁର ବ୍ଲକ ବିରୁହାଁ ପଞ୍ଚାୟତ ସରପଞ୍ଚ ସୁବାସ ଦେବତାଙ୍କ ବିରୋଧରେ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ନେତୃତ୍ୱରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉପଜିଲାପାଳ ଅନାସ୍ଥା ଭୋଟ ପାଇଁ କୌଣସି ତାରିଖ ଧାର୍ଯ୍ୟ କରି ନାହାନ୍ତି। ତଥାପି ସରପଞ୍ଚଙ୍କ ବିରୋଧରେ ୯ ଜଣ ୱାର୍ଡ ସଭ୍ୟ ଅଜ୍ଞାତବାସରେ ଥିବା ଚର୍ଚ୍ଚା ହେଉଛି। ଏହାସହ ଜିଲାର ଆଉ କେତେକ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଯୋଜନା ଚାଲିଛି ବୋଲି ସୂଚନା ମିଳିଛି।

ଗ୍ରାମାଞ୍ଚଳର ବିକାଶରେ ପଞ୍ଚାୟତର ଅଧିକ ଭୂମିକା ରହିଛି। ଏଥିପାଇଁ ୧୯୯୬ରେ ରାଜ୍ୟରେ ପଞ୍ଚାୟତ ଅଧିନିୟମ ପ୍ରବର୍ତ୍ତିତ କରାଯାଇଥିଲା। ଏହାର ୩ ଦଶନ୍ଧି ବିତିଯାଇଥିଲେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ। ଜିଲାର ଗ୍ରାମାଞ୍ଚଳରେ ପାନୀୟ ସମସ୍ୟାକୁ ଅବଲୋକନ କଲେ ଜିଲା ପରିଷଦର କ୍ଷମତା ବହୁ ପରିମାଣରେ ସଙ୍କୁଚିତ ହୋଇଯାଇଥିବା ମନେ ହେଉଛି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ଜିଲା ପରିଷଦର ପ୍ରମୁଖ ଭୂମିକା ରହିଛି ବୋଲି ସଭା ସମିତିରେ କୁହାଯାଉଛି। କିନ୍ତୁ ସେଗୁଡ଼ିକ କେବଳ ପରିଷଦ ବୈଠକର ଆଲୋଚନାରେ ସୀମିତ ରହୁଛି। ଏ ଦିଗରେ ରାଜ୍ୟ ସରକାର କିମ୍ବା ନିର୍ବାଚନ ଅଧିକାରୀ କେହି କେବେ ସମୀକ୍ଷା କରି ଏହାର ନିରାକରଣ ପନ୍ଥା ବାହାର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି।


**ବିଜ୍ଞାପନ ସଂଖ୍ୟା ୦୩/୨୦୨୫**
ଭାରତ ସରକାର
ଇସ୍ପାତ ମନ୍ତ୍ରଣାଳୟ
ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ନିର୍ଦ୍ଦେଶକ (ବାଣିଜ୍ୟିକ) ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୨।୧୧।୨୦୨୫ରିଖ ୧୭.୦୦ ଘଟିକା ପର୍ଯ୍ୟନ୍ତ ।
ବିବରଣୀ ପାଇଁ ୱେବ୍‌ସାଇଟ୍ https://steel.gov.in/advertisements ରେ ଲଗ୍‌ଇନ୍ କରନ୍ତୁ ।
cbc 40101/11/0012/2526

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 04.10.2025
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/ 2025-26/ 2500001071 | 5,00,000/- | 5,000 | 08.10.2025; 18:00 Hrs. |
| 2 | Rate Contract for Hiring of Safety Professionals at PAN TPSODL, Odisha | TPSODL/OT/ 2025-26/ 2500001072 | 2,00,000/- | 5,000 | 15.10.2025; 18:00 Hrs |

For detailed tender, please visit Tender Section on TPSODL website https://www.tpsouthernodisha.com

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) **ସିକେପି-ୱେଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ବଣ୍ଡମୁଣ୍ଡା-ଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୧୮,୭୯,୯୭୩.୦୬; ₹୨,୦୯,୪୦୦/– । (୨) **ସିକେପି-ୱେଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଉରକେଲାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୩୮,୫୯,୯୯୯.୮୨; ₹୨,୧୯,୩୦୦/– । (୩) **ସିକେପି-ୱେଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଜଗାଙ୍ଗପୁରଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/– । (୪) **ସିକେପି-ୱେଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/– । (୫) **ସିକେପି-ୱେଷ୍ଟ-୨୫-୨୬-୨୭, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ସରଡେଗା ମଧ୍ୟରେ ସିଏଚ୍ ୦ – ସିଏଚ୍ ୫୦ ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୨,୫୯,୬୬,୭୯୯.୮୪; ₹୨,୭୯,୮୦୦/– । (୬) **ସିକେପି-ୱେଷ୍ଟ-୨୫-୨୬-୨୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା-ପାନପୋଷ ମଧ୍ୟରେ ୱେ' ସାଇଡ୍ ଷ୍ଟେଶନରେ ସର୍ଭିସ୍/ଆବାସିକ ବିଲ୍ଡିଂ ଆଦି ପାଇଁ ଜୋନାଲ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ); ₹୧,୩୮,୦୦,୦୦୦/–; ₹୨,୧୯,୦୦୦/– । (୭) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୬, ତାରିଖ: ୨୬।୦୯।୨୦୨୫** । ମଣ୍ଡଳ ଯନ୍ତ୍ରୀ/ମଧ୍ୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚକ୍ରଧରପୁରଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ; ₹୧,୬୯,୨୯,୦୦୦/–; ₹୨,୩୪,୭୦୦/– । (୮) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୭, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ 'ଏ' କ୍ୟାବିନ୍ (କିମି ୪୦୭/୧୧)ରୁ ଚାନ୍ଦିପୋଷି (କିମି ୪୩୮/୦) ଏବଂ ଦୁମେର୍ତା (କିମି ୪୧୨/୧୧)ରୁ ଲିଙ୍କ୍ ସି (କିମି ୫୭୯/୫) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୫,୭୩,୦୦୦/–; ₹୨,୪୬,୫୦୦/– । (୯) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ-।।)/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୩,୦୫,୦୦୦/–; ₹୨,୪୬,୫୦୦/– । (୧୦) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୯, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ମନୋହରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୨୨,୭୫,୦୦୦/–; ₹୨,୬୧,୪୦୦/– । (୧୧) **ସିକେପି-ସେଣ୍ଟ୍ରାଲ-୨୫-୨୬-୪୦, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ପି.ୱେ/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ ସେକ୍ସନ ଚାନ୍ଦିପୋଷି (କିମି ଏକ୍ସ-୪୩୮/୦)ରୁ ବରସୁଆଁ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୪୦,୦୦୦/–; ₹୨,୨୯,୨୦୦/– । (୧୨) **ସିକେପି-ସେଣ୍ଟ୍ରାଲ-୨୫-୨୬-୪୧, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବିମଲଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୬୮,୩୦,୦୦୦/–; ₹୨,୩୪,୨୦୦/– । (୧୩) **ସିକେପି-ଇଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୮,୦୯,୮୯୯.୯୯; ₹୨,୪୯,୧୦୦/– । (୧୪) **ସିକେପି-ଇଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଆଦିତ୍ୟପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୩୯,୯୯୯.୯୯; ₹୨,୨୯,୨୦୦/– । (୧୫) **ସିକେପି-ଇଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୪୩,୫୫,୦୦୦/–; ₹୨,୨୧,୮୦୦/– । (୧୬) **ସିକେପି-ଇଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାହାଲଦା ରୋଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ଅଁଳାକୋରି, ଅଁଳାକୋରି-ଗୋରୁମହିଷାଣି ଏବଂ ଅଁଳାକୋରି-ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୮,୭୦,୦୦୦/–; ₹୨,୧୪,୪୦୦/– । (୧୭) **ସିକେପି-ସାଉଥ-୨୫-୨୬-୧୨, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚାଇବାସାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୬୮,୬୦୦/–; ₹୨,୮୮,୯୦୦/– । (୧୮) **ସିକେପି-ସାଉଥ-୨୫-୨୬-୧୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୧୯,୮୩,୩୦୦/–; ₹୩,୦୯,୯୦୦/– । (୧୯) **ସିକେପି-ସାଉଥ-୨୫-୨୬-୧୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାଂଶପାଣିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୫୯,୨୮,୦୦୦/–; ₹୩,୨୯,୬୦୦/– । (୨୦) **ସିକେପି-ସାଉଥ-୨୫-୨୬-୧୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ ଜାମଦାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୮୪,୮୦୦/–; ₹୨,୮୮,୯୦୦/– । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-।/ସିଟି/୩ଇ/କିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-678)

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଜି.ଉଦୟଗିରି,୩।୧୦(ଚିନ୍ମୟ କୁମାର ସେଠୀ) ଜି.ଉଦୟଗିରି ବ୍ଲକ୍ ରଚିଙ୍ଗିଆ ପଞ୍ଚାୟତ ଗଞ୍ଜୁନାଜୁ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ବିଦ୍ୟୁତ୍ ଖୁଣ୍ଟରେ ଏକ କପଡ଼ା ଦଉଡ଼ି ଦ୍ୱାରା ଝୁଲି ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବାଙ୍କେଶର ନାୟକଙ୍କ ପୁଅ ରାଜ ନାୟକ(୨୨) ବିଦ୍ୟୁତ୍ ଖୁଣ୍ଟରେ ଝୁଲି ଥିବା ସକାଳେ ସାହି ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଏଏସଆଇ ବଣ୍ଟି ଡଣ୍ଡିଆ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କେଶ୍ ନଂ. ୧୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ କିପରି ଏକ କପଡ଼ା ଦ୍ୱାରା ଯୁବକ ଆତ୍ମହତ୍ୟା କଲା ସେ ନେଇ ଅଞ୍ଚଳରେ ଆଲୋଚନା ଚାଲିଛି।

### ତିନି ଠାକୁରଙ୍କ ମହାମିଳନ ଯାତ୍ରାକୁ ନିମନ୍ତ୍ରଣ କଲେ ମା'ଗଙ୍ଗାଦେବୀ

ଗଞ୍ଜାମ, ୩।୧୦(ବିଦ୍ୟାଧର ସାହୁ/ଅଖିଳ ତରାଇ) ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୁରୁଣା ବନ୍ଧ ନିକଟରେ ଅବସ୍ଥିତ ମା'ଗଙ୍ଗା ଦେବୀଙ୍କ ପୀଠରେ ଶୁକ୍ରବାର ଠାରୁ ୨ ଦିନିଆ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ବାସିନ୍ଦା ଗୁରୁବାର ମା'ଙ୍କୁ ବାଦ୍ୟବାଜଣା ବଜାଇ ଗ୍ରାମ୍ୟ ପରିକ୍ରମା କରିଥିଲେ। ସେହିପରି ଅନୁରୂପ ଭାବେ ପୁଇଁତଳା ଗ୍ରାମରେ ଖଣ୍ଡେଶ୍ୱର ମହାପ୍ରଭୁ ଓ ବରପଲ୍ଲୀ ଗ୍ରାମରେ ପୁଡୁକେଶ୍ୱର ମହାପ୍ରଭୁଙ୍କୁ ଗ୍ରାମ୍ୟ ପରିକ୍ରମା ସହ ଦାରଠାକୁର ଭୋଗ ଖାଇଥିଲେ। ଶୁକ୍ରବାର ମା'ଗଙ୍ଗାଦେବୀ ସହ ୨ ଠାକୁର ତ୍ରିବେଣୀ ମଠ ଛକ ଠାରେ ଏକତ୍ରିତ ହୋଇଥିଲେ। ତିନି ଠାକୁରଙ୍କ ମହାମିଳନ ପର୍ବ ପରେ ମା'ଗଙ୍ଗାଦେବୀ ଯାତ୍ରା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରିଥିଲେ। ସେଠାରୁ ସମସ୍ତେ ଋଷିକୁଲ୍ୟା ନଦୀକୁ ସାନ୍ନ ପାଇଁ ଯାଇଥିଲେ। ଶେଷରେ ପୁଣି ସମସ୍ତେ ଶୋଭାଯାତ୍ରା କରି ନିଜ ନିଜ ମନ୍ଦିରରକୁ ଫେରିଥିଲ। ମା'ଗଙ୍ଗାଦେବୀ ଫେରିବା ପରେ ତାଙ୍କ ପୀଠରେ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ୨ଟି ରାମାୟଣ ନାଟକ ପରିବେଷଣ ହୋଇଥିଲା। ଏହି ଯାତ୍ରାକୁ ପୁରୁଣା ବନ୍ଧ ଗ୍ରାମ ସମେତ ପାଳିବନ୍ଧ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମ ସହଯୋଗ କରୁଛନ୍ତି।

### ବର୍ଷା ବେଳେ ନିଖୋଜ ଯୁବକଙ୍କ ମୃତଦେହ ଜବତ

ମୋହନା,୩।୧୦ (ମନ୍ମଥ ମିଶ୍ର)

ଲଘୁଚାପଜନିତ ଲଗାଣ ବର୍ଷା ବେଳେ ଗଜପତି ଜିଲା ମୋହନା ଥାନା ଆନ୍ତର୍ଗତ ବନ୍ଧାଗୁଡା ଗାଁର ଯୁବକ ଲକ୍ଷ୍ମଣ ମଲ୍ଲିକ (୩୮) ଲୁଡୁରୁ ଗାଁକୁ ଗାଈନେଇ ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ଓ ପରିବାର ତାଙ୍କ ଫେରିବା ବିଳମ୍ବ ହେବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶୁକ୍ରବାର ସକାଳ ୭ଟାରେ ନଦୀ ପଠାରେ ଏକ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ଅଗ୍ନିଶମବାହିନୀ ଓ ପୋଲିସକୁ ଜଣାଇଥିଲେ। ପରିବାର ଲୋକେ ମଧ ସେଠାରେ ପହଞ୍ଚି ଲକ୍ଷ୍ମଣଙ୍କ ମୃତଦେହ ଚିହ୍ନଟ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ମୋହନା ପୋଲିସ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ପୋଲିସ ମୃତଦେହ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପାରଳାଖେମୁଣ୍ଡି ମେଡିକାଲକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

### ବିଜେଡି ମିଡିଆ ସେଲ୍ ସଂଯୋଜକ ହେଲେ ରାଜେନ୍ଦ୍ର

ଫୁଲବାଣୀ, ୩।୧୦ (ରାକେଶ କୁମାର ରାଉତ) ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦିର୍ଦ୍ଦେଶକ୍ରମେ ଦଳର ଜୋନ ଏବଂ ଜିଲା ଆଇଟି ଓ ସୋଶିଆଲ ମିଡିଆ ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି। କନ୍ଧମାଳ ଜିଲା ସୋଶିଆଲ ମିଡ଼ିଆ ସେଲ୍ ସଂଯୋଜକ ଭାବରେ ପୁଣି ରାଜେନ୍ଦ୍ର ପାଢ଼ୀଙ୍କୁ ମନୋନୀତ କରାଯାଇଛି। ଏନେଇ ରାଜେନ୍ଦ୍ର କହିଛନ୍ତି ଯେ, ଆଗରୁ ଯେପରି ମୁଁ ଦାୟିତ୍ୱ ତୁଲାଇ ଆସୁଥିଲି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପୁଣି ଥରେ ମୋତେ ଚୟନ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ଆଗାମୀ ଦିନରେ ମୋ ଦାୟିତ୍ୱ ସୂଚାରୁ ରୂପେ ପାଳନ କରିବି ବୋଲି ସେ କହିଛନ୍ତି।

# ଟେକ୍ସଟାଇଲ୍ ମିଲ୍ ନ କରି ଠକିଲା ସଂସ୍ଥା

ଛତ୍ରପୁର,୩।୧୦(ସନ୍ତୋଷ ପାଢ଼ୀ):

ପାୱାର ଲୁମ କୋ-ଅପରେଟିଭ ସୋସାଇଟି ଲିମିଟେଡ଼ ସଂସ୍ଥା ଟେକ୍ସଟାଇଲ ମିଲ ପ୍ରତିଷ୍ଠା କରିବାକୁ ବ୍ରହ୍ମପୁର ଶିଳ୍ପାଞ୍ଚଳରେ ଇଡ୍‌କୋର ୩ଟି ଶେଡ୍ ଲିଜ ନେଇଥିଲା। ଉକ୍ତ ସଂସ୍ଥା ଟେକ୍ସଟାଇଲ ମିଲ ପ୍ରତିଷ୍ଠା କଲାନାହିଁ। ସଂସ୍ଥା ମାଲିକ ଲିଜ ବାବଦ ଅର୍ଥ ପୈଠ ନ କରିବା ଏବଂ ଟେକ୍ସଟାଇଲ ମିଲ ଚାଲୁ ନ ଥିବାରୁ ଉକ୍ତ ୩ ଶେଡ୍‌ର ଲିଜ ଇଡକୋ ବାତିଲ କରିଥିଲା। ଅପରପକ୍ଷରେ କୋର୍ଟ କେସ କରି ପରେ ୨୦୦୭ରେ ଇଡ୍‌କୋ କର୍ତ୍ତୃପକ୍ଷ ବିଜୟୀ ହୋଇଥିଲେ। ଉକ୍ତ ୩ ଶେଡ୍ (ସି/୧ ଓ ୨ ଏବଂ ଏ/୪) ଖାଲି କରିବା ସହ ଏଗୁଡ଼ିକୁ ହସ୍ତାନ୍ତର କରିବାକୁ ଇଡ଼କୋ କର୍ତ୍ତୃପକ୍ଷ ବ୍ରହ୍ମପୁର

### ଇଡ୍‌କୋର ୩ ଶେଡ୍‌ରେ ତାଲା ପକାଇଛି ଭବିଷ୍ୟନିଧି ଅଫିସ

ପାୱାର ଲୁମ କୋ ଅପରେଟିଭ ସୋସାଇଟି ଲିମିଟେଡ଼ ସଂସ୍ଥାକୁ ୨୦୦୭ ଅକ୍ଟୋବର ୧୬ ତାରିଖରେ ନୋଟିସ କରିଥିଲେ। ତେବେ ଶେଡ଼ ହସ୍ତାନ୍ତର ନ କରି ସେଥିରେ ଥିବା ସମସ୍ତ ସାମଗ୍ରୀ ନେଇ ଉକ୍ତ ସଂସ୍ଥା ଚମ୍ପଟ ମାରିଥିଲା। ଅପରପକ୍ଷରେ ସଂସ୍ଥାର ବକେୟା ଥିବାରୁ ବ୍ରହ୍ମପୁର ସ୍ଥିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଆଞ୍ଚଳିକ ଅଫିସ ଉକ୍ତ ୩ ଶେଡ଼ ଫାଟକରେ ୨୦୦୭ରୁ ଏପର୍ଯ୍ୟନ୍ତ ୧୮ ବର୍ଷ ଧରି ତାଲା ପକାଇ ନିଜ ଅକ୍ତିଆରରେ ରଖିଛି। ୩ ଶେଡ୍‌ର ତାଲା ଖୋଲି ହସ୍ତାନ୍ତର କରିବାକୁ ଇଡ଼କୋ କର୍ତ୍ତୃପକ୍ଷ ବାରମ୍ବାର ଚିଠି ( ୫୮୦୦ ଓ ୧୭୬୪/ ୨୦୦୭, ୧୦୫୬/ ୨୦୧୩,୯୭୮/ ୨୦୨୦) ଲେଖିଥିଲେ ମଧ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ଆଞ୍ଚଳିକ ଅଫିସ ଶୁଣୁ ନ ଥିବା ଜଣାପଡିଛି। ପୁଣି ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂସ୍ଥାର କମିଶନରଙ୍କୁ ବ୍ରହ୍ମପୁର ଇଡ଼କୋ ଡିଭିଜନ ମୁଖ୍ୟ ଇଂ. ଧନୁର୍ଜୟ ମାଝୀ ଚିଠି ଲେଖିଛନ୍ତି।

ଶେଡ୍ ହସ୍ତାନ୍ତର ହେଉ ନ ଥିବାରୁ ୨୨ ବର୍ଷ ହେଲା ଇଡ଼କୋ ବିପୁଳ ରାଜସ୍ୱ କ୍ଷତି ସହିବାରେ ଲାଗିଛି। ଏପରିକି ଉକ୍ତ ଶେଡ୍‌ଗୁଡିକୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଉଦ୍ୟୋଗୀଙ୍କୁ ଲିଜ ଆକାରରେ ପ୍ରଦାନ କରାଯାଇପାରୁନି।

ସୂଚନାଯୋଗ୍ୟ, ୨୦୦୦ ମସିହାରେ ତତ୍କାଳୀନ ସରକାର, ସମବାୟ ନିଗମ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ସୁପାରିଶକ୍ରମେ ସଂସ୍ଥାକୁ ଟେକ୍ସଟାଇଲ ମିଲ ସ୍ଥାପନ ପାଇଁ ବ୍ରହ୍ମପୁର ଶିଳ୍ପାଞ୍ଚଳ ସ୍ଥିତ ୩ଟି ଶେଡ୍ ଇଡ଼କୋ କର୍ତ୍ତୃପକ୍ଷ ଲିଜରେ ଦେଇଥିଲେ। ଉକ୍ତ ଜମିରେ ଏହି ସଂସ୍ଥା ପକ୍ଷରୁ କୋଠା ନିର୍ମାଣ କରି ଟେକ୍ସଟାଇଲ ମିଲ ହୋଇଥିଲା। ହେଲେ ତାହା କାର୍ଯ୍ୟକ୍ଷମ ନ ହେବାରୁ ଶିଳ୍ପ ଚଳାଅ ନଚେତ ଉକ୍ତ ୩ ଜମିର ଶେଡ଼ ଫେରାଇବାକୁ ଇଡ଼କୋ କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାକୁ ନୋଟିସ କରିଥିଲେ। ତେବେ ଏହା ଖାଲି ନ ହେବାରୁ ୨୦୦୪ରେ ଏ ସମ୍ପର୍କରେ କୋର୍ଟରେ କେସ ଆରମ୍ଭ ହୋଇଥିଲା। ୩ ବର୍ଷ ପରେ ଇଡ଼କୋ ସପକ୍ଷରେ କୋର୍ଟ ରାୟ ମିଳିଥିଲା।

## ଲଘୁଚାପ ବର୍ଷାରେ ବେହାଲ ଦାରିଙ୍ଗବାଡ଼ି

# ଭାସିଗଲା ଅସ୍ଥାୟୀ ପୋଲ, ଯାତାୟାତ ଠପ୍



ଅସ୍ଥାୟୀ ପୋଲ ଭାସିଯିବା ପରେ ସୃଷ୍ଟି ହୋଇଥିବା ଘାଇ।

ଦାରିଙ୍ଗବାଡ଼ି,୩।୧୦ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍ ତିଲୋରୀ ପଞ୍ଚାୟତ ଦେଇ ଯାଇଥିବା ଗୁମାଡ଼ି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଉକ୍ତ ଗୁମାଡ଼ି ନଦୀରେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଯାତାୟାତ ପାଇଁ ଏକ ଅସ୍ଥାୟୀ ପୋଲ ସହ ଡାଇଭର୍ଶନ ରାସ୍ତା କରାଯାଇଥିଲା। ତେବେ ଲଗାଣ ବର୍ଷା ଫଳରେ ଗୁରୁବାର ଜଳସ୍ତର ବୃଦ୍ଧି ପାଇ ଶୁକ୍ରବାର ସକାଳେ ଅସ୍ଥାୟୀ ପୋଲଟି ଧୋଇ ଯାଇଛି। ଚଳିତବର୍ଷ ବର୍ଷାରେ ଉକ୍ତ ପୋଲ ବାରମ୍ବାର ଧୋଇ ଯାଉଥିବା ନଜିର ରହିଥିବା ବେଳେ ପୁଣିଥରେ ସିମନବାଡ଼ିଠାରୁ ବୁଡ଼ାଗୁଡ଼ା ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏ ଘଟଣାକୁ ନେଇ ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତ ଦାସଙ୍କ ନିର୍ଦ୍ଦେଶକ୍ରମେ ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରୋଜ ପାତ୍ର, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିହର ଦାସ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କେଶରୀ ସ୍ୱାଇଁ ପ୍ରମୁଖ ଘଟଣାର ଅନୁଧ୍ୟାନ କରିଥିଲେ। ଏହାସହ ସେହି ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନୋଟିସ ଜାରି କରିଛନ୍ତି।

# ସାର ଯୋଗାଣ ଦାବିରେ ରାସ୍ତାରୋକୋ

ଦିଗପହଣ୍ଡି/ପାଟପୁର,୩।୧୦(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ସାହାସପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ସାର ଯୋଗାଣ କରାଯାଉ ନ ଥିବା ପ୍ରତିବାଦରେ ଚାଷୀମାନେ ବୁଧବାର ରାସ୍ତାରୋକ କରିଥିଲେ। ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ଖୁବଶୀଘ୍ର ସାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଏନେଇ ସମବାୟ ସମ୍ପାଦକ ନାରାୟଣ ରାଉଳଙ୍କୁ ପଚାରିବାରୁ ପୂର୍ବରୁ ୪୫୦ ବସ୍ତା ସାର ଚାଷୀଙ୍କୁ ନିର୍ଦ୍ଧାରିତ ଦର ୨୭୦ ଟଙ୍କା ଲେଖାଏଁ ବିକ୍ରୀ କରାଯାଇଥିଲା। କିଛି ବ୍ୟକ୍ତି ୨୭୦ ଟଙ୍କାରେ ସାର କିଣି ନେଇ ତାହାକୁ ବସ୍ତା ପ୍ରତି ୬ ଶହ ଟଙ୍କାରେ



ଉତ୍ତେଜିତ ଚାଷୀଙ୍କ ରାସ୍ତା ଅବରୋଧ ।

କଳାବଜାର କରି ବିକ୍ରୀ କରୁଛନ୍ତି। ପରେ ସମବାୟ ସମିତିକୁ ୬୭୫ ବସ୍ତା ସାର ଆସିବା ପରେ ଗତ ୧୫ ତାରିଖରେ ଚାଷୀଙ୍କୁ ବିକ୍ରୀ କରାଯିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୫ ଶହ ସାର ବସ୍ତା ଚାଷୀଙ୍କୁ ବିକ୍ରୀ କରାଯିବା ପରେ ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଧସ୍ତାଧସ୍ତି ହେବାରୁ ଉପସ୍ଥିତ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ସାର ବିକ୍ରୀ ବନ୍ଦ କରାଯାଇଥିଲା। ଚାଷୀ ସାର ନ ପାଇବା କାରଣରୁ ହାଟପଦା ଛକରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାପରେ ରାସ୍ତାରୋକ ହଟିଥିଲା।

## ସରିଲା ଆର୍. ଉଦୟଗିରି ବଣିକ ସଂଘ ଦଶହରା

ଆର. ଉଦୟଗିରି,୩।୧୦(ମନୋଜ ପାଢୀ) ଗଜପତି ଜିଲା ଆର୍. ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କଲୋନୀ ମହାବୀର ବଣିକ ସଂଘର ୧୫ତମ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଷଷ୍ଠୀ ତିଥିରେ ବିଲ୍ୱଧିବାସ, ଜଳଯାତ୍ରା, ସୋମବାର ମହାସପ୍ତମୀରେ ସୂର୍ଯ୍ୟପୂଜା ସହ ଯଜ୍ଞ, ମଙ୍ଗଳବାର ମହାଷ୍ଟମୀ ଓ ସନ୍ଧିପୂଜା ସନ୍ଧ୍ୟା ଆଳତି ପୁଷ୍ପାଞ୍ଜଳି ଅର୍ପଣ, ବୁଧବାର ମହାନବମୀ ଚଣ୍ଡୀପାଠ, ସନ୍ଧ୍ୟା ଆଳତି ହୋଇଥିଲା। ବହୁ ସଂଖ୍ୟକ ଅଞ୍ଚଳବାସୀ ମା'ଙ୍କ ଆଳତି ଦର୍ଶନ କରିବା ସହ କୃପା ଭିକ୍ଷା ଲାଭ କରିଥିଲେ। ଗୁରୁବାର ଦଶମୀ ତିଥିରେ ମା'ଙ୍କ କୁମାରୀ ପୂଜା, ଅପରାଜିତା ପୂଜା, ଆଳତି ପୁଷ୍ପାଞ୍ଜଳି ଓ ପୂର୍ଣ୍ଣାହୁତି ହୋଇଥିଲା। ଚଳିତ ବର୍ଷ ଶ୍ରୀ ତାରିଣୀ ପ୍ରଧାନ ଓ ତାଙ୍କ ସ୍ତ୍ରୀ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ବଣିକ ସଂଘ ସଭାପତି ରବୀନ୍ଦ୍ରନାଥ ରଥଙ୍କ ତତ୍ତ୍ୱାବଧାନରେ ହୋଇଥିବା ପୂଜାରେ ଉପ ସଭାପତି ଦୁଃଖିଶ୍ୟାମ ପାତ୍ର, ଭୈରବ ଘଡ଼ାଇ, ମୃତ୍ୟୁଞ୍ଜୟ ପଣ୍ଡା, କାଳୁ ଆଚାର୍ଯ୍ୟ, ଭୈରବ ବିଷୋୟୀ, ତ୍ରିନାଥ ପ୍ରଧାନୀ, ରାମକୃଷ୍ଣ ମହାନ୍ତି, ମନୋଜ ସାହୁ, ନୀଳାଞ୍ଚଳ ପାଣିଗ୍ରାହୀ, ଯୁବକ ସଂଘ ସଭାପତି ମୁନା ଦଳାଇ ଓ ସଦସ୍ୟମାନେ ପରିଚାଳନା କରିଥିଲେ। ସପ୍ତମୀ ତିଥିଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ମା'ଙ୍କ ପୂଜାମଣ୍ଡପଠାରେ ଖିରି ଖେଚୁଡ଼ି, ପୁଲାଓ୍ୱିଅନ୍ନ, ହାଲୁଆ ଆଦି ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବଣ୍ଟା ଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।

## ଲଘୁଚାପ ବର୍ଷାରେ ପରିବା ଚାଷ ନଷ୍ଟ

# ଉଜୁଡ଼ିଲା ବନ୍ଧା, ଫୁଲ କୋବି ଚାଷ



ଲଗାଣ ବର୍ଷା ଯୋଗୁ ନଷ୍ଟ ହୋଇଥିବା ଫସଲକୁ ଚାଷୀ ଦେଖୁଛନ୍ତି।

ଦାରିଙ୍ଗବାଡ଼ି,୩।୧୦ (ଅରୁଣ ସାହୁ )

ଦାରିଙ୍ଗବାଡ଼ି ଅଞ୍ଚଳରେ ୩ ଦିନ ଲଘୁଚାପ ବର୍ଷା ହୋଇଛି। ଫଳରେ ଅଞ୍ଚଳର ପନିପରିବା ଚାଷୀ ବହୁ କ୍ଷତି ସହିଛନ୍ତି। ଚାଷ ଜମିରୁ ଏବେ ପାଣି ଝର ବାହାରିଥିବାରୁ ବର୍ଷା କମିଥିଲେ ମଧ ଜଳ କମିନାହିଁ। ଫଳରେ ବନ୍ଧା, ଫୁଲ କୋବି ସମେତ ବିନ, ବାଇଗଣ, ଟମାଟୋ, ଆଳୁ ଚାଷ ନଷ୍ଟ ହୋଇଛି। ଉକ୍ତ ବ୍ଲକ୍ ଶ୍ରୀନିକେତା ପଞ୍ଚାୟତରେ ପ୍ରାୟ ୨୦ ଜଣ ଚାଷୀଙ୍କ ବନ୍ଧା ଓ ଫୁଲ କୋବି ଜମିରେ ପାଣି ଜମିବା ସହ ମୂଳ ଶଡ଼ା ହେବା ସହ ରୋଗପୋକ ଯୋଗୁ ଶହ ଶହ ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି। ଯଦି ଶନିବାର ରବିବାର ସୁଦ୍ଧା ଖରା ନ ହୁଏ ତେବେ ଆହୁରି ବଡ଼ କ୍ଷତି ହେବା ଆଶଙ୍କା କରାଯାଇଛ। ଏନେଇ ମହିଳା ଚାଷୀ ପୁଷ୍ପଲତା ବେହେରା, ତାଙ୍କ ସ୍ୱାମୀ ସନ୍ତୋଷ ବେହେରା ୨୦ ହଜାର ବନ୍ଧା ଓ ଫୁଲ କୋବି ଚାଷ କରିଥିଲେ। ଏବେ ଜମିରେ ଝର ଫୁଟି ଗଛରେ ମୂଳ ଶଡ଼ା ହେବା ସହ ରୋଗ ପୋକ ଲାଗିଯାଇଛି। ସେହିପରି ଆଉ କିଛି ଦିନ ପରେ ଚାଷୀ ପୁଷ୍ପଲତା ବନ୍ଧା କୋବି ଅମଳ କରି ବିକ୍ରି କରିବାକୁ ରହିଥିବା ବେଳେ ଅମଳ ପୂର୍ବରୁ ହିଁ ଲଗାଣ ବର୍ଷାରେ ଚାଷ ଉଜୁଡ଼ି ଯାଇଛି। ପୁଷ୍ପଲତା ଋଣ କରି ଏହି ଚାଷ କରିଥିଲେ। ଚଳିତବର୍ଷ ତାଙ୍କ ଫସଲ ବହୁତ ଭଲ ହୋଇଥିଲା। ଆଉ କିଛିଦିନ ପରେ ବନ୍ଧାକୋବି ଅମଳ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ସେ ଲକ୍ଷ୍ୟ ରଖିଥିଲେ। କିନ୍ତୁ ଏବେ ସମସ୍ତ ବନ୍ଧା କୋବି ମୂଳଶଡ଼ା ହୋଇ ନଷ୍ଟ ହୋଇଛି ବୋଲି ପୁଷ୍ପଲତା କହିଛନ୍ତି ।

# କଳିଙ୍ଗା ଘାଟି ରାସ୍ତା କାମ ସମୀକ୍ଷା କଲେ ବିଧାୟକ

ଭଞ୍ଜନଗର,୩।୧୦(ବାବୁଲା ପ୍ରଧାନ):

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବୁଧବାର ଅପରାହ୍ନରେ କଳିଙ୍ଗା ଘାଟିକୁ ଯାଇ ଭୂସ୍ଖଳନରେ ନଷ୍ଟ ହୋଇଥିବା ରାସ୍ତା ମରାମତି କାମର ଅଗ୍ରଗତି ସମୀକ୍ଷା କରିଥିଲେ। କାମ ତ୍ୱରାନ୍ୱିତ କରିବା ପାଇଁ ସେଠାରେ ଉପସ୍ଥିତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାମ ସରିବା ପରେ ଘାଟି ରାସ୍ତାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯିବ। ପ୍ରଥମେ ଦୁଇଚକିଆ, ଚାରିଚକିଆ ଯାନକୁ ଚଳାଚଳ ପାଇଁ ଛଡାଯିବ। ଏହାପରେ ଭାରିଯାନକୁ ଛଡ଼ାଯିବା ଯୋଜନା ଅଛି। କିନ୍ତୁ ଘାଟିରେ ଯାନବାହାନ ଚଳାଚଳ କେବେ ସ୍ୱାଭାବିକ ହେବ ସେ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଠିକ ଭାବେ



ଭଞ୍ଜନଗର ବିଧାୟକ ସମୀକ୍ଷା କରୁଛନ୍ତି।

କହି ପାରୁନାହାଁନ୍ତି। କାମ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଅନ୍ୟପଟେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ କିଛିଦିନ କାମ ଅନୁଧ୍ୟାନ କରିବା ସମୟରେ କଳିଙ୍ଗା ଘାଟି ରାସ୍ତା ସୁରକ୍ଷିତ ନୁହେଁ ବୋଲି ଗଣମାଧ୍ୟମ ଆଗରେ କହିଥିଲେ। ତେଣୁ ଭବିଷ୍ୟତକୁ ଦେଖି ବିକଳ୍ପ ରାସ୍ତା କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଭାଲିଆପଟାଠାରୁ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ ବର୍ତ୍ତମାନ ଥିବା ରାସ୍ତାଟିକୁ ବିକଳ୍ପ ରାସ୍ତା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଘାଟିରେ ଦୁଇଟି ରାସ୍ତା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଦଶହରାରେ ଗଛ ଲଗାଇଲେ ୧୫୬ ପରିବାର

କବିସୂର୍ଯ୍ୟନଗର,୩।୧୦(କୃପାସିନ୍ଧୁ ସ୍ୱାଇଁ): ଦଶହରାରେ ଅବସରପ୍ରାପ୍ତ ସୈନିକ ସଂଘ ଓ ମା' କ୍ଲିନିକ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ଅବସର ସୈନିକ ସଂଘ ପାଇଁ ଉଦ୍ଦିଷ୍ଟ ଜାଗାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୧୫୬ଟି ପରିବାର ସାମିଲ ହୋଇଥିଲେ । ପ୍ରବଳ ବର୍ଷା, ପବନ ସତ୍ତ୍ୱେ ପୂର୍ବରୁ ଖୋଳା ଯାଇଥିବା ୧୫୬ଟି ଗାତରେ ଚାରା ଲଗାଇଥିଲେ। ଏହାର ରକ୍ଷାଣବେକ୍ଷଣ ଦାୟିତ୍ୱ ନିର୍ବାହ କରିବା



ପାଇଁ ମତ ପ୍ରକାଶ ପାଇଥିଲା । ଡା. କଂଗ୍ରେସ ପ୍ରଧାନ ନେତୃତ୍ୱରେ ସରିତା ପ୍ରଧାନ, ମୀରାବାଈ ଦେଓ, ବାଳକୃଷ୍ଣ ପଟ୍ଟନାୟକ, ବିନୁ ବେହେରା, ମନୀଷା ବେହେରା, ପିଙ୍କି ପ୍ରଧାନ, ସନ୍ତୋଷୀ କୁମାରୀ ଡାକୁଆ, ସବିତା ସ୍ୱାଇଁ ସମେତ ୧୫୬ ପରିବାର ଓ ୨୨ ଜଣ ଚାଷୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହାପରେ ଏକ ବନ୍ଧୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

# ଘୁମୁସର ବନଖଣ୍ଡରେ ଶିକାର ବଢୁଛି

## ପାଳି କରି ଜଗୁଛନ୍ତି ବନ କର୍ମଚାରୀ



ବନ କର୍ମଚାରୀ ହୁକିଂ ଯାଞ୍ଚ କରୁଛନ୍ତି।

ଭଞ୍ଜନଗର,୩।୧୦(ବାବୁଲା ପ୍ରଧାନ): ପାର୍ବଣ ସମୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ତାରସିଂ, ଗାଲେରି ଏବଂ ମୁଜାଗଡ ରେଞ୍ଜ ସମେତ ଅନ୍ୟ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ବଢ଼ିଥିବା ଅଭିଯୋଗ ହେଉଛି। ବନ୍ୟପ୍ରାଣୀ ଶିକାର ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଉକ୍ତ ରେଞ୍ଜଗୁଡ଼ିକରେ ପାଳି କରି ଜଙ୍ଗଲ ଜଗିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଟିମ ସନ୍ଧ୍ୟା ୫ଟାରୁ ରାତି ୧୦ଟା ଓ ଆଉ ଗୋଟିଏ ଟିମ ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଜଙ୍ଗଲରେ ଘୁରି ବୁଲୁଛନ୍ତି। କର୍ମଚାରୀମାନେ ବିଶେଷ କରି ହୁକିଂ ଯାଞ୍ଚ କରୁଛନ୍ତି। ବନ ବିଭାଗ ଏବଂ ଟାଟା ପାୱାର କର୍ମଚାରୀ ମିଳିତ ଭାବେ ଯାଞ୍ଚ କରିବା ପାଇଁ ସମନ୍ୱୟ ବୈଠକରେ ନିଷ୍ପତ୍ତି ହେଉଥିଲେ ମଧ ଟାଟା ପାୱାର ତାହାକୁ ଠିକ ଭାବେ ପାଳନ କରୁ ନ ଥିବା ଆଲୋଚନା ହେଉଛି। ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ଘୁମୁସର ଉତ୍ତର ବନଖଣ୍ଡ ବନ୍ୟପ୍ରାଣୀ ସୁରକ୍ଷା ସମିତିର ସଭ୍ୟ ରମେଶ ପାତ୍ର ମଧ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ନିବେଦନ କରିଛନ୍ତି। ଅପରପକ୍ଷେ ପାର୍ବଣରେ ଭଞ୍ଜନଗର ପୋଲିସ ବିଭିନ୍ନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରୁଛି। ଗତ ୩ ଦିନ ମଧରେ ଜୁଆ ଆଡ୍ଡାରୁ ପୋଲିସ ୨୪ ଜଣଙ୍କୁ ଗିରଫ କରିଛି।

## ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ

# ବିଶ୍ୱକୁ ଶାନ୍ତି, ଅହିଂସା ଓ ତ୍ୟାଗର ବାର୍ତ୍ତା ଦେଇଥିଲେ ଗାନ୍ଧିଜୀ

ପାରଳାଖେମୁଣ୍ଡି,୩।୧୦ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଜିଲାସ୍ତରୀୟ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ୧୫୬ ତମ ଏବଂ ଶାନ୍ତି ଦୂତ ଲାଲ ବାହାଦୁର ଶାସ୍ତ୍ରୀଜୀଙ୍କ ୧୨୧ତମ ଜୟନ୍ତୀ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଗାନ୍ଧୀ ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪.୩୦ରେ ଡାକବାଜି ଯନ୍ତ୍ର ଦ୍ୱାରା ଗାନ୍ଧିଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ରାଜା ରାମ ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ସକଳ ୭ଟାରେ ଗାନ୍ଧୀ ଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଗାନ୍ଧୀ ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ସଭାରେ ଭକ୍ତି ସଙ୍ଗୀତ ସଂସଦ ଅନୁଷ୍ଠାନର କଳାକାରମାନଙ୍କ ଦାର ଦ୍ୱାରା ବୈଷ୍ଣବ ଜନତେ ଗାନ୍ଧୀ ଭଜନ ପରିବେଷଣ କରଯାଇଥିଲା। ପରେ ସର୍ବଧର୍ମ ପ୍ରାର୍ଥନାରେ ଗୀତା ପାଠ କରିଥିଲେ ଗୋପାଳ କୃଷ୍ଣ ପଣ୍ଡିତ, ବାଇବେଲ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ପାଠ କରିଥିଲେ ଫାଦର ପ୍ରଦୀପ୍ତ ଲିମ୍ମା ଓ କୋରାନ ପାଠ କରିଥିଲେ ପର୍ବେଜ ଅଲ୍ଲାମ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ମାନିତ ଅତିଥି ରୂପେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମର ଜଣେ ମହାନ ଜନନାୟକ ଥିଲେ ମହାତ୍ମା ଗାନ୍ଧୀ। ସେ ସତ୍ୟ ଓ ଅହିଂସାକୁ ନିଜ ଅସ୍ତ୍ର କରି ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରି ଦେଶକୁ ସ୍ୱାଧୀନତା ଆଣି ଦେଇଥିଲେ। ସାରା ବିଶ୍ୱକୁ ଶାନ୍ତି, ଅହିଂସା ଓ ତ୍ୟାଗର ବାର୍ତ୍ତା ଦେଇଥିଲେ। ତାଙ୍କର ସ୍ୱଚ୍ଛତା ଓ ସରଳ ଜୀବନଶୈଳୀ ଆମ ସମସ୍ତଙ୍କ ପାଇଁ ଏଯାଏ ଉଦାହରଣ ହୋଇ ରହିଛି। ଗାନ୍ଧିଜୀଙ୍କ ପାରଳାଖେମୁଣ୍ଡି ଗସ୍ତ ପାରଳାବାସୀଙ୍କ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଅତିଥିମାନେ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନଚର୍ଯ୍ୟା ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ବନ୍ୟା ଜଳରେ ଭାସିଗଲେ ଛେଳି

ସୋରଡ଼ା,୩।୧୦(ରଜନୀ ମହାପାତ୍ର)

ସୋରଡ଼ା ବ୍ଲକରେ ଲଗାଣବର୍ଷା ଯୋଗୁ ଋଷିକୁଲ୍ୟା, ଜରାଉ ଓ ପଦ୍ମା ନଦୀର ଜଳସ୍ତର ବୃଦ୍ଧିପାଇଛି। ବ୍ଲକର ଅନେକ ଚାଷ ଜମିରେ ପାଣି ମାଡ଼ିଯାଇ ଥିବା ବେଳେ ବହୁଚାଷୀ ପ୍ରଭାବିତ ହୋଇଛନ୍ତି। ଅନ୍ୟପଟେ ଗୌଡଗୋଠ ନିକଟସ୍ଥ ବାଲିନାଳ ବ୍ରିଜମାଟି ଭୁଶୁଡ଼ି ପଡ଼ିଛି। ଏଠାରେ କାମ କରୁ ଥିବା ଶ୍ରମିକମାନେ ମାଟି ଅତଡା ଖସି ବିପଦ ସଙ୍କୁଳ ଅବସ୍ଥାରେ ଥିବାବେଳେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ଡାକରଡ଼ା ଗ୍ରାମର ବଳରାମ ଗୌଡ଼ ନିଜ ଗୁହାଳ ଛେଳି ରଖିଥିବା ବେଳେ ହଠାତ୍ ନଦୀରେ ବନ୍ୟା ଜଳ ଆସିଥିଲା। ଏପରିସ୍ଥିତିରେ ଗୁହାଳରେ ଥିବା ୪୦ଟି ଛେଳିକୁ ବଞ୍ଚାଇବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ ଏବଂ ଶେଷରେ ନିଜ ଜୀବନ ବଞ୍ଚାଇବାକୁ ଯାଇ କୂଳକୁ ଆସିଥିଲେ। ଫଳରେ ଗୁହାଳରେ ଥିବା ୪୦ ଛେଳି ବନ୍ୟା ଜଳରେ ଭାସି ଯାଇଥିବା ବଳରାମ କହିଛନ୍ତି । ସେହିପରି ଅମୃତୁଲୁ ଓ ଅନ୍ୟାନ୍ୟ ଗ୍ରାମରେ ଚାଷୀମାନଙ୍କ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛେଳି ଭାସିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ୭ଟି ଛେଳିକୁ ମୃତ ଅବସ୍ଥାରେ ବନ୍ୟାଜଳରୁ ଉଦ୍ଧାର କରାଯାଇପାରିଛି। ଅନ୍ୟପଟେ ବନ୍ୟା ଜଳରେ ଭାସିଯାଇଥିବା ଛେଳିଙ୍କ ରିପୋର୍ଟ ବାହାର କରି ଏହାର ତଦନ୍ତ କରାଯିବ ଏବଂ ଚାଷୀମାନେ ଏ ସମ୍ପର୍କରେ ସୋରଡା ରାଜସ୍ୱ ବିଭାଗରେ ଆବେଦନ କରିବା ପରେ କ୍ଷତିପୂରଣ ନେଇ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ସୋରଡା ଅତିରିକ୍ତଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ରାଜସେନା ପତି ଓ ଅନ୍ୟାନ୍ୟ ବ୍ଲକ୍ କର୍ମଚାରୀ ମିଶି ବ୍ଲକର ବିଭିନ୍ନ ସ୍ଥାନ ବୁଲି କ୍ଷୟକ୍ଷତି ଆକଳନ କରିବା ସହ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ନିଆଯାଉଥିବା କହିଛନ୍ତି।

### ୫ ପରିବାରର ଘର ଭାଙ୍ଗିଲା

ତୁମୁଡିବନ୍ଧ,୩।୧୦
(ଦୀପକ କୁମାର ପରାସେଠ)

ଲଘୁଚାପଜନିତ ଲଗାଣ ବର୍ଷାରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ଅନେକ ଘରଦ୍ୱାର ଭାଙ୍ଗି ଯାଇଛି। ବ୍ଲକ ଅଞ୍ଚଳରେ ଗୁରୁବାରଠାରୁ ପ୍ରବଳ ବର୍ଷା ସହିତ ପବନ ବୋହିଥିଲା। ତୁମୁଡିବନ୍ଧ ବଡ ସାହିର ବୃଦ୍ଧା ମାମି ପ୍ରଧାନୀ ଘରେ ଶୋଇଥିବା ବେଳେ ବର୍ଷା ଓ ପବନରେ ତାଙ୍କ ଘରର ମାଟି କାନ୍ଥ ହଠାତ୍ ଭୁଶୁଡ଼ି ପଡିଥିଲା। ଘରେ ଥିବା ସମସ୍ତ ଜିନିଷପତ୍ର ନଷ୍ଟ ହୋଇ ଯାଇଥିବା ଜଣାପଡିଛି। ତେବେ ସେ ଓ ତାଙ୍କ ନାତି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସିଲା ପଞ୍ଚାୟତର ପି ଗ୍ରାମର ସୁରେନ୍ଦ୍ର ମୁଠା ମାଝି, ଲାଲୁ ମଲିକ,ଅମ୍ବରାବତୀ ମୁଠାମାଝି ଓ ଜୋହନମୁଠା ମାଝିଙ୍କ ଘର କାନ୍ଥ ଭାଙ୍ଗିଯାଇଛି। ଘରର ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଛି। ରାତି ସାରା ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏସମ୍ପର୍କରେ ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁ କହିଛନ୍ତି, ବର୍ଷାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ କରିବା ପାଇଁ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପଦକ୍ଷେପ ନିଆଯିବ ।

### ବୃଦ୍ଧାଙ୍କ ମୃତଦେହ ଜବତ

ବାଲିଗୁଡ଼ା, ୩।୧୦ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଟାଉନ ସ୍ଥିତ ୫୯ ନଂ. ଜାତୀୟ ରାଜପଥ କଡ଼ରେ ଥିବା ହୋଣ୍ଡା ସୋରୁମ ନିକଟସ୍ଥ ସୁବୋଧ ଆନନ୍ଦ ସାହୁଙ୍କ ଘର ସମ୍ମାନରୁ ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଠାବ କରିଛି । ମୃତ ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି।

### ଯାଦବ ସାହିରେ ଓଷାକୋଠି ପର୍ବ

ବୁଗୁଡ଼ା,୩।୧୦(କାଳି ଚରଣ ଦାଶ)

ବୁଗୁଡ଼ା ଯାଦବ ସାହି ବାସିନ୍ଦାଙ୍କ ପକ୍ଷରୁ ସାହି କୋଠଘରେ ଓଷାକୋଠି ପର୍ବ ପାଳନ ପବିତ୍ର ବିଜୟାଦଶମୀ ଠାରୁ ଆରମ୍ଭ ହୋଇ ଯାଇଛି। ଏହି ପର୍ବ ପାଳନ ଅବସରରେ ପ୍ରଥମେ ସାହି କୋଠଘର କାନ୍ଥରେ କୋଠିଶାଳ ଚିତ୍ର ଅଙ୍କନ କରାଯାଇଥିଲା। ପରେ ନିକଟସ୍ଥ ପୋଖରୀରୁ କଳସ ଯାତ୍ରାରେ ଜଳ ଆଣି ମାନସିକଧାରୀମାନେ ପୂଜାର୍ଚ୍ଚନା କରିଥିଲେ। ପ୍ରତିଦିନ ଘଟ କଳସ ପୂଜା କରାଯିବା ଏବଂ ଝୁଣାରେ ମା'ଙ୍କୁ ପୂଜା କରାଯିବା ସହ ଘଟ କଳସ ଧରି ମା'ଙ୍କ ନିମନ୍ତେ ଗ୍ରାମ ପରିକ୍ରମା ବିଧି ପାଳନ କରାଯାଉଛି। ଜାନି ଆଦିଗା ପାତ୍ର ଓ ବାଉରି ପାତ୍ରଙ୍କ ଦ୍ୱାରା ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କ ନିକଟରେ ପୂର୍ବାହ୍ନରେ ଅନ୍ନ ଭୋଗ ଓ ସନ୍ଧ୍ୟାରେ ବାଳ ଭୋଗ କରାଯାଇ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ଏହି ପର୍ବ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ ।

# ଋଷିକୁଲ୍ୟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ

## ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ



ଆସିକାରେ ଜିଲାପାଳ ଋଷିକୁଲ୍ୟା ବନ୍ୟାଜଳ ସ୍ଥିତି ଅନୁଧ୍ୟାନ କରୁଛି ।

ଆସିକା,୩।୧୦(ସୁରେନ୍ଦ୍ରନାଥସାହୁ)/ପୁରୁଷୋତ୍ତମପୁର, (ସବିତା ମିଶ୍ର)/ଗଞ୍ଜାମ, (ବିଦ୍ୟାଧର ସାହୁ):

ଦୁଇଦିନ ଧରି ଗଞ୍ଜାମ ଜିଲା ସହ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଋଷିକୂଲ୍ୟା ଓ ବଡନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରଭାବିତ ହେଉଛି। ଆସିକାଠାରେ ଋଷିକୂଲ୍ୟାର ବିପଦସଙ୍କେତ ୭.୬ ଫୁଟ ଓ ବଡନଦୀର ୧୧ ଫୁଟ ରହିଥିଲା ବେଳେ ଗୁରୁବାର ବିଳମ୍ବିତ ରାତିରେ ଋଷିକୂଲ୍ୟାରେ ୮ ଫୁଟ ଜଳ ପ୍ରବାହିତ ହୋଇ ବିପଦ ସଙ୍କେତ ଅତିକ୍ରମ କରିଥିଲା। ତେବେ ବଡ଼ନଦୀରେ ମାତ୍ର ୪ ଫୁଟ ରହିଥିଲା। ଶୁକ୍ରବାର ବର୍ଷା ବନ୍ଦ ହୋଇଯିବାରୁ ଉଭୟ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଇଛି । ସନ୍ଧ୍ୟାରେ ଋଷିକୂଲ୍ୟା ଓ ବଡନଦୀରେ ମାତ୍ର ୩ ଫୁଟ ଜଳ ପ୍ରବାହିତ ହେଉଥିବା ଲକ୍ଷ୍ୟ କରାଯାଇଛି। ଏଭଳି ସ୍ଥିତିରେ ଶୁକ୍ରବାର ଜିଲାପାଳ ଭି. କୀର୍ତ୍ତିଭାସନ ଆସିକା, ପୁରୁଷୋତ୍ତମପୁର ଓ ଗଞ୍ଜାମଠାରେ ଋଷିକୁଲ୍ୟା ନଦୀର ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଆସିକାରେ ଜିଲାପାଳ ବଡନଦୀ ଓ ଋଷିକୂଲ୍ୟାର ସ୍ଥିତି ଅନୁଧ୍ୟାନ କରିଥିଲେ। ଶୁକ୍ରବାର ଋଷିକୂଲ୍ୟାର ଉପରମୁଣ୍ଡ ଗଜପତି ଜିଲାରେ ବର୍ଷା କମିଥିବାରୁ ବନ୍ୟାଜଳ ଆଉ ବଢିବ ନାହିଁ ବୋଲି ଅନୁମାନ କରିଛନ୍ତି। ତେବେ ଜଳସମ୍ପଦ ବିଭାଗ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ସ୍ଥିତି ପ୍ରତି ଦୃଷ୍ଟି ରଖାଯାଇଛି । ନଦୀକୂଳବର୍ତ୍ତି ଓ ତଳିଆ ଅଞ୍ଚଳର ଜନସାଧାରଣଙ୍କୁ ନଦୀ ଭିତରକୁ ନ ଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଜିଲାପାଳଙ୍କ ଗସ୍ତ ବେଳେ ଋଷିକୂଲ୍ୟା ଓ ବାହୁଦା ଅବବାହିକାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇ. ରାଜୀବ କୁମାର ପଣ୍ଡିତ, ଆସିକା ତହସିଲଦାର ସଙ୍ଗୀତା ସେନ, ବିଡିଓ ଲିପିନା ଦାସ, ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସନ୍ତୋଷ କୁମାର ଜେନା, ଏନଏସି ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଜିଲାପାଳ ପୁରୁଷୋତ୍ତମପୁର ଆସି ଅନ୍ତିରିଗାଁ ହନୁମାନପଲୀ ଡ୍ୟାମ୍ ଓ ପାଣ୍ଡିଆଛକ ଋଷିକୂଲ୍ୟା ବ୍ରିଜଠାରେ ସ୍ଥିତିର ଅନୁଧ୍ୟାନ କରିଥିଲେ। ବର୍ଷାରେ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତିକୁ ଦେଖି ସରକାରୀ ନିୟମ ପ୍ରକାରେ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଛନ୍ତି। ପରିଦର୍ଶନ ସମୟରେ ତହସିଲଦାର ବିନୋଦ କୁମାର ବେହେରା, ଜଳସେଚନ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସୁବ୍ରତ ପଟ୍ଟନାୟକ, ନିର୍ବାହିଯନ୍ତ୍ରୀ ଅଜିତ କୁମାର ପ୍ରଧାନ ଓ ପୁରୁଷୋତ୍ତମପୁର ସେକ୍ସନ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଦାଶଙ୍କ ସମେତ ରାଜସ୍ୱ ନିରିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳ ଗଞ୍ଜାମ ଦାମୋଦରପୁର ସ୍ଥିତ ଋଷୁକୂଲ୍ୟା ନଦୀ କୂଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଜଳ ସେଚନ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ଘାଇ ସୃଷ୍ଟି ହୋଇ ଜମିରେ ବାଲି



ନଦୀରେ ସୃଷ୍ଟି ହୋଇଥିବା ଘାଇ।

ଧରାକୋଟ,୩।୧୦
(ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଋଷିକୁଲ୍ୟା ନଦୀରେ ଗୁରୁବାର ରାତିରେ ହଠାତ୍ ଜଳସ୍ତର ବଢିବା ଯୋଗୁ ନଦୀ କୁଳିଆବାସୀ ଆତଙ୍କିତ ହୋଇଛନ୍ତି। କୁଶପଡା ନିକଟରେ ଘାଇ ସୃଷ୍ଟି ହୋଇ ନଦୀ ହିଡ଼ ଭାଙ୍ଗିଯିବା ଫଳରେ ବନ୍ୟା ଜଳ ପଶି ପ୍ରାୟ ୩୦ ଏକର ଧାନ ଜମିରେ ବାଲି ମାଡ଼ିଯାଇ ଫସଲ ନଷ୍ଟ ହୋଇଛି। ଧାନ ଓ ଅନ୍ୟାନ୍ୟ ପରିବା ଚାଷରେ ପାଣି ପଶି ବ୍ୟାପକ କ୍ଷତି ହୋଇଛି। ଚାଷୀ କ୍ଷତିପୂରଣ ଦାବି କରି ଶୁକ୍ରବାର ତହସିଲଦାର ଓ ଥାନା ଅଧିକାରୀଙ୍କୁ ଘେରି ପ୍ରବଳ ପାଟିତୁଣ୍ଡ କରିଥିଲେ। ଗୁରୁବାର ରାତ୍ର ପ୍ରାୟ ୧୦ ଟା ସମୟରେ ହଠାତ ଋଷିକୁଲ୍ୟା ନଦୀରେ ଜଳ ସ୍ତର ବଢିଥିଲା। ଏହାର ପ୍ରଭାବରେ ନୂଆଗଡ଼, ବ୍ରହ୍ମଣଦେଇ ଆଦି ଗ୍ରାମ ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ ଉପରେ ଜଳ ପ୍ରବାହିତ ହୋଇଥିଲା। ସେହିପରି ସିଙ୍ଗିପୁର, ଧବଳେଶର ଓ କୁସପଡା ଗ୍ରାମରେ ପାଣି ପଶିଥିଲା। ଗତ ଏକବର୍ଷ ପୂର୍ବେ ଭଞ୍ଜନଗର ଜଳସେଚନ ବିଭାଗ ତରଫରୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବରଡବିଲି, କହିରା ପଲ୍ଲୀ, କୁଶପଡା ସମେତ ଜାନିବିଲି ଆନିକଟ ପର୍ଯ୍ୟନ୍ତ ନୂତନ ନଦୀ ହିଡ ନିର୍ମାଣ କରାଯାଇଥିଲା । କିନ୍ତୁ ଜାହାଡା ବାଲି ଲିଜ ନେଇଥିବା ଲିଜଧାରୀ ବେଆଇନ ଭାବେ କୁଶପଡା ଗ୍ରାମ ନିକଟରୁ ନଦୀ ବନ୍ଧକୁ କାଟି ବାଲି ଚାଲାଣ କରୁଥିବାରୁ ଏହି ରାସ୍ତାଦେଇ ବନ୍ୟାଜଳ ଧାନ ଓ ବିଭିନ୍ନ ପରିବା ଜମିରେ ପଶିବାରୁ ବାଲି ମାଡ଼ି ଯାଇଥିବା କୁଶପଡା ଗ୍ରାମବାସୀ କହିଛନ୍ତି। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ସହ ଯୋଗାଯୋଗ କରିବାରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ନିୟମ ପ୍ରକାରେ କ୍ଷତି ପୂରଣ ଦିଆଯିବ ଓ ଜଳ ସେଚନ ବିଭାଗ ତରଫରୁ ଖୁବ ଶୀଘ୍ର ନଦୀର ହିଡ଼ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଦିଗପହଣ୍ଡି-ସାନଖେମୁଣ୍ଡି ସ୍ଥିତି ସଙ୍ଗିନ



ରାମନଦୀରେ ଆସିଥିବା ବନ୍ୟା ଜଳ।

ଦିଗପହଣ୍ଡି,୩।୧୦(ଅଶେଷ ନାଥ ମିଶ୍ର)

ଗଞ୍ଜାମ-ଗଜପତି ସୀମାନ୍ତ ରାମନଦୀରେ ବନ୍ୟା ଯୋଗୁ ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ପଞ୍ଚାୟତ ବଡ଼ପଦାଠାରେ କାମ ଚାଲିଥିବା ବ୍ୟାରେଜ ଓ ଆନିକଟ ସ୍ପିଲ ୱେର ଅର୍ଦ୍ଧାଧିକ ଅଂଶ ଭାସି ଯାଇଛି। ବଡ଼ପଦା ଗ୍ରାମ ଶ୍ରୀ ଉଦୟନାଥେଶ୍ୱର ଶିବ ମନ୍ଦିର ଅଳ୍ପକେ ବର୍ତ୍ତି ଯାଇଛି। କେନାଲ ଭାଙ୍ଗି ବନ୍ୟାଜଳ ସିନ୍ଧବା, ଚଷାନିମଖଣ୍ଡି, ନିମଖଣ୍ଡିପେଣ୍ଟ, ଶ୍ୟାମସୁନ୍ଦରପୁର ପଲୀ ପ୍ରଭୃତି ଗ୍ରାମର ରାସ୍ତା ଉପରେ ପାଣି ଚାଲୁଛି। ରାମନଦୀ ଜଳସେଚନ ପ୍ରକଳ୍ପ ପାର୍ଶ୍ୱରେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଡାକବଙ୍ଗଳା ନିର୍ମିତ ହୋଇଥିଲେ ମଧ୍ୟ ସେଠାରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବାରୁ ନଦୀ ଉପରେ ଥିବା ଗେଟ୍ ଖୋଲା ଯାଇ ନ ଥିଲା। ଫଳରେ ସ୍ପିଲ ୱେର ଅର୍ଦ୍ଧାଧିକ ଅଂଶ ବନ୍ୟା ଜଳରେ ଭାସି ଯାଇଛି। ଶୁକ୍ରବାର ସକାଳ ସୁଦ୍ଧା ରାମନଦୀ ଜଳସେଚନ କାର୍ଯ୍ୟାଳୟର କୌଣସି ଯନ୍ତ୍ରୀ କିମ୍ବା ଅଧିକାରୀ ବୃନ୍ଦ ବ୍ୟାରେଜ୍ ନିକଟରେ ପହଞ୍ଚି ନ ଥିବା ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ଼ ଜଣାଇଛନ୍ତି। ଚଳିତବର୍ଷ ଖରିଫ ଧାନ ଚାଷରେ ଚାଷୀଙ୍କୁ କେନାଲ ଯୋଗେ ପାଣି ଯୋଗାଣରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଉପୁଜିଛି। ରାମ ନଦୀରୁ କେନାଲ ଯୋଗେ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦିଆ ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି

## ରାମନଦୀରେ ବନ୍ୟା

ଚେତାବନୀ ଦେଇଛନ୍ତି। ଏନେଇ ରାମନଦୀ ପ୍ରକଳ୍ପ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଛେଳିଗଡ଼ କେନାଲ ଡିଭିଜନ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଇଂ.ସରୋଜ ନାୟକଙ୍କୁ ପଚାରିବାରୁ ରାମନଦୀ ସେଚ ପ୍ରକଳ୍ପର ସମସ୍ତ କ୍ଷୟକ୍ଷତି ଅତିଶୀଘ୍ର ଅନୁଧ୍ୟାନ କରାଯାଇ ମରାମତି ଓ ପୁନଃ ନିର୍ମାଣ କରାଯିବ। ଚାଷୀଙ୍କୁ ଆବଶ୍ୟକ ଜଳ ଯୋଗାଣରେ କୌଣସି ଅବହେଳା କରାଯିବ ନାହିଁ ବୋଲି ଜଣାଇଛନ୍ତି। ସେହିପରି ଫାସିଗୁଡ଼ା ଗ୍ରାମ ନିକଟ କୃଷ୍ଣସାଗରରେ ପାଣି ଭର୍ତ୍ତି ହୋଇଯିବାରୁ ଉଦବୃତ୍ତ ପାଣି ଗାଁ ମଧ୍ୟକୁ ମାଡ଼ି ଆସିଲା। ରାସ୍ତା ଉପରେ ପ୍ରାୟ ୫ ଫୁଟ ପାଣି ପ୍ରବାହିତ ହେବାରୁ ଫାସିଗୁଡ଼ା-ଭୀଷ୍ମଗିରି ଗ୍ରାମକୁ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ଫାସିଗୁଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ ଏନେଇ ପ୍ରଶାସନକୁ ଜଣାଇବା ପରେ ରାତି ପ୍ରାୟ ସାଢ଼େ ୧୦ଟାରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାର, ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ, ବିଡ଼ିଓ ଅନାମିକା ପାଣ୍ଡେ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଖୋଲିଲା ଘୋଡ଼ାହାଡ଼ ଡ୍ୟାମ୍‌ର ୪ ଗେଟ୍

ଦିଗପହଣ୍ଡି,୩।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଖମାରୀ ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମ୍‌ର ଜଳସ୍ତର ୧୧୬.୭୦ ମିଟରରେ ପହଞ୍ଚିବାରୁ ଗୁରୁବାର ରାତିରେ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଉପସ୍ଥିତିରେ ଡ୍ୟାମର ୪ ଟି ଗେଟ୍ ଖୋଲାଯାଇଛି। ନଦୀ ମଧ୍ୟକୁ ଗୁରୁବାର ପାଣି ଛଡାଯାଇଛି। ଜିଲାପାଳଙ୍କ ସହ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ବ୍ରହ୍ମପୁରସ୍ଥିତ ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନ ଋଷିକୁଲ୍ୟା-ନାଗାବଳୀ ଓ ବଂଶଧାରା ଅବବାହିକାର ମୁଖ୍ୟଯନ୍ତ୍ରୀ ଇଂ. ନିର୍ବାଣ ଭୋଇ, ଚିକିଟି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ସୁବ୍ରତ ପଟ୍ଟନାୟକ, ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ, ବିଡିଓ ଅନାମିକା ପାଣ୍ଡେ, ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲେଡବନ୍ଧ ବ୍ରିଜ ମରାମତି ଆରମ୍ଭ



ଆରମ୍ଭ ହୋଇଥିବା ପୋଲ ମରାମତି ।

- ପ୍ରବଳ ବର୍ଷାରେ ବ୍ରିଜ୍‌ର ଉଭୟ ପାର୍ଶ୍ୱ ଧୋଇ ହୋଇଯାଇଥିଲା
- ୨୪ ଘଣ୍ଟା ଧରି ବନ୍ଦ ରହିଛି ବ୍ରହ୍ମପୁରରୁ ରାୟଗଡ଼ା ଯାତାୟାତ

ମୋହନା,୩।୧୦ (ମନ୍ମଥ ମିଶ୍ର)

କିଛିଦିନ ହେବ ଲଘୁଚାପଜନିତ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ବୁଧବାରଠାରୁ ଅତି ପ୍ରବଳ ବର୍ଷା ଯୋଗୁ ଗୁରୁବାର ସନ୍ଧ୍ୟାରେ ମୋହନା ନିକଟରେ ଥିବା ଲେଡବନ୍ଧ ବ୍ରିଜ ଉପରେ ପ୍ରାୟ ୩ ଫୁଟର ପାଣି ପ୍ରବାହିତ ହୋଇ ରାସ୍ତା ନଷ୍ଟ ହୋଇ ଉଭୟ ପାର୍ଶ୍ୱରେ ଯାତାୟାତ ଠପ ହୋଇଯାଇଛି। ବିଶେଷ କରି ୩୨୬ନଂ. ଜାତୀୟ ରାଜପଥରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ହେଲା ବ୍ରହ୍ମପୁରଠାରୁ ରାୟଗଡ଼ା, ଜୟପୁର, କନ୍ଧମାଳ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବ୍ରିଜର ଉଭୟପାର୍ଶ୍ୱ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଶୁକ୍ରବାର ପାଗ ଶୁଖିଲା ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ମରାମତି ଆରମ୍ଭ ହୋଇଛି। ଦୁର୍ଘଟଣା ଏଡାଇବାକୁ ଘଟଣାସ୍ଥଳରେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀଙ୍କ ନିର୍ଦ୍ଦେଶରେ ପୋଲର ଉଭୟ ପାର୍ଶ୍ୱ ରାସ୍ତାରେ ବାରିକେଡ୍ କରାଯାଇଛି। ଏହାଦ୍ୱାରା ଯେକୌଣସି ଗାଡି ଦୂରରୁ ବାରିକେଡ୍ ଦେଖି ଅଟକିଯିବ ଏବଂ ଦୁର୍ଘଟଣା ଘଟିବନାହିଁ। ଶନିବାର ମରାମତି କାର୍ଯ୍ୟ ଶେଷ ହୋଇଯିବ ବୋଲି ଆଶା କରାଯାଉଛି। ପୋଲ ମରାମତି ଚାଲିଥିବାରୁ ବ୍ରହ୍ମପୁରଠାରୁ ରାୟଗଡ଼ା, ଜୟପୁର, କନ୍ଧମାଳ ଗାଡିଗୁଡିକ ଲୁହଗୁଡ଼ି, ଚାନ୍ଦିପୁଟ ରାସ୍ତାଦେଇ ମୋହନା ରାସ୍ତାରେ ଚଳାଚଳ କରିଛି।

# ଲଗାଣ ବର୍ଷା ଗୁମ୍ମା ବ୍ଲକରେ କରିଛି ବ୍ୟାପକ କ୍ଷତି

ଗୁମ୍ମା ୩। ୧୦(ପ୍ରବୀଣ କୁମାର ଲିମା ):

ଲଘୁଚାପଜନିତ ଲଗାଣ ବର୍ଷାରେ ଗୁମ୍ମା ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ପାହାଡିଆ ଅଞ୍ଚଳ ଅଜୟଗଡ଼ -ନାମନଗଡ଼, ଗୁମ୍ମା -ବୁର୍ଡିଙ୍ଗ ରାସ୍ତାରେ ଗଛ ପଡି ଯାତାୟାତ ଠପ୍ ହୋଇଛି। ତହସିଲଦାର ଶରତ ଶବରଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ, ଅଜୟଗଡ ପିଇଓ ଏବଂ ସରପଞ୍ଚ ସୁଲମୀ ଶବର ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରାଇଥିଲେ। ସେହିପରି ଆଶ୍ରୟଗଡ ବୁରୁଡିଙ୍ଗକୁ ସଂଯୋଗ କରୁଥିବା ସେତୁ ଧୋଇଯିବା ହେତୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। କୁଜସିଂ ପଞ୍ଚାୟତର ଅଢେଇ-କୁଜସିଂ ରାସ୍ତାରେ ମାଟି ଅତଡ଼ା ଖସି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେଠାରେ ଖବର ଲେଖା ହେବାଯାଏ ପ୍ରଶାସନ ପହଞ୍ଚିନାହିଁ। ନାମନଗଡ ପଞ୍ଚାୟତ ବାରବା ଗ୍ରାମରେ ଗୁହାଳ ଉପରେ ଗଛ ପଡି ଗୋଟିଏ ଛେଳି ମରିଥିବା ଜଣାପଡିଛି। ଅନେକ ଘର ଭାଙ୍ଗିଥିବା ବେଳେ ପାହାଡିଆ ଅଞ୍ଚଳର ଅନେକ ରାସ୍ତା ଧୋଇଯାଇଛି। ଜିବା ପଞ୍ଚାୟତର ତଳିଆ ଅଞ୍ଚଳରେ ଅନେକ ଘର ଜଳବନ୍ଦୀରେ ଥିବା ଦେଖିବାକୁ ମିଳିଛି। ବ୍ଲକର ବହୁ ଚାଷ ଜମି ଜଳମଗ୍ନ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା କରିବାକୁ ଲୋକେ ଦାବି କରିଛନ୍ତି।

### ଗଛରୁ ପଡି ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୩।୧୦(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିଥାନା କୋଳିଦାସପୁର ଗ୍ରାମରେ ନଡ଼ିଆ ଗଛରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଗୋପପୁର ଗ୍ରାମର କୃଷ୍ଣ ନାହାକ (୫୦)। କୃଷ୍ଣ କୋଳିଦାସପୁର ଗ୍ରାମର କବି ପରିଡାଙ୍କ ନଡ଼ିଆ ଗଛରୁ ନଡିଆ ତୋଳିବାକୁ ଆସି ନଡିଆ ତୋଳୁଥିବା ବେଳେ ତଳକୁ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ହିଞ୍ଜିଳି ଥାନାରେ ନଂ. ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରିଛି।

# ଶଙ୍ଖନଦୀରେ ବନ୍ୟା ଆସି ଲୋକଙ୍କ ଘର, ଦୋକାନରେ ପଶିଲା ପାଣି



ବନ୍ୟା ଜଳରେ ବୁଡି ରହିଥିବା ଏକ ଗାଡ଼ି।

ଆର.ଉଦୟଗିରି, ୩।୨୫ (ମନୋଜ ପାଢୀ)

## ବର୍ଷା ଜଳରେ ଗାଡି ଭାସିଲା

ଗଜପତି ଜିଲାରେ ଗତ କିଛି ଦିନ ହେଲା ଲଘୁଚାପଜନିତ ଲଗାଣବର୍ଷା ଲାଗିରହିଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଶୁକ୍ରବାର ପବଳ ବର୍ଷା ହେତୁ ଶଙ୍ଖ ନଦୀର ବନ୍ୟା ଆସି ବନ୍ୟାପାଣି ପଟ୍ଟନାୟକ କଲୋନୀରେ ପଶିଛି। ଲୋକଙ୍କ ଘରେ ବନ୍ୟା ପାଣି ପଶିଛି। ସାହି ରାସ୍ତାରେ ଥିବା ଏକ ବୋଲେରୋ ବୁଡିଯାଇଛି । ପୋଲ ଉପରେ ୧ ଫୁଟ ଉଚ୍ଚର ବର୍ଷାପାଣି ପ୍ରବାହିତ ହେଉଛି । ଉଦୟଗିରିରୁ ରାମଗିରିକୁ ସଂଯୋଗ କରୁଥିବା ରାସ୍ତାରେ ଗଛ ପଡିଛି। ଖଜୁରୀପଦା ୩୨୬ ଜାତୀୟ ରାଜପଥରେ ୨ ଫୁଟ୍‌ର ପାଣି ପ୍ରବାହିତ ହେଉଥିବା ବେଳେ ଛେଳିଗଡ଼ ପଞ୍ଚାୟତର ଡେଙ୍ଗାଆମ୍ବ ନିକଟରେ କଲଭର୍ଟ ଭୁଶୁଡି ପଡିଛି। ମହେନ୍ଦ୍ରଗଡ଼ର ଲବାର ସିଂଠାରେ ଏକ ଘର ଭୁଶୁଡିପଡ଼ିଛି। ପ୍ରଶାସନ ତରଫରୁ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ କେନାଲ ଓ ନାଳଗୁଡିକ ସଫା ହେଉ ନ ଥିବାରୁ ରାସ୍ତାରେ ପାଣି ଆସି ଆଦିକନ୍ଦ ରଇତଙ୍କ ଦୋକାନରେ ପଶିଛି। ସେହିପରି ଖସଡ଼ା ନଦୀରେ ମଧ୍ୟ ପାଣି ଦୁଇକୂଳ ଲଙ୍ଘିଛି। ଏହି ବର୍ଷାରେ ମକା ଫସଲ କ୍ଷତିଗ୍ରସ୍ତ ହୋଇଛି। ଉଦୟଗିରି ଓ ମହେନ୍ଦ୍ରଗଡ଼ ମଧ୍ୟରେ ଯାତାୟତ ବନ୍ଦ ରହିଛି। ରାସ୍ତାରେ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ଯାନବାହାନ ଗୁଡିକ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରି ନ ପାରି ଅଟକି ରହିଛି।

# ଅହିଂସା ମାର୍ଗ ସବୁବେଳେ ଆଦର୍ଶ ହୋଇ ରହିବ



ଅତିଥିଙ୍କ ସହ ପୁରସ୍କୃତ ପିଲାମାନେ।

ଫୁଲବାଣୀ, ୩।୧୦
(ରାକେଶ କୁମାର ରାଉତ)

ଜିଲା ପ୍ରଶାସନ ଓ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ତରଫରୁ ଫୁଲବାଣୀ ସହରରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯିବା ସହିତ ସହରରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରାଯାଇଛି। ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦର ସଭାଗୃହରେ ସର୍ବଧର୍ମ ପ୍ରାର୍ଥନା ଓ ଗାନ୍ଧୀ ବିଚାର ଓ ଦର୍ଶନ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଜିଲାପାଳ ବେଦଭୂଷଣ ଯୋଗଦେଇ ମହାତ୍ମା ଗାନ୍ଧୀ ସ୍ୱାଧୀନତାର ଅର୍ଥ ସମସ୍ତଙ୍କ ପାଖକୁ ପହଞ୍ଚାଇଥିଲେ। ବ୍ରିଟିଶ ସରକାରଙ୍କ ବିରୋଧରେ ଲଢ଼େଇରେ ସମସ୍ତଙ୍କୁ ସାମିଲ କରି ଭାରତକୁ ସ୍ୱାଧୀନ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ ହୋଇ ରହିବ। ତାଙ୍କର ଅହିଂସାର ମାର୍ଗ ସମସ୍ତ ମାନବ ସମାଜ ପାଇଁ ଏକ ଆଦର୍ଶ ହୋଇ ରହିଛି ଏବଂ ରହିଥିବ। ଆଗାମୀ ଯୁବପୀଢ଼ି ଏହି ମହାନ ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପରିଷଦ ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ଗାନ୍ଧୀ ବିଚାର ଓ ଦର୍ଶନ ଉପରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦାନ କରାଯାଇଥିଲା। ପିଏ ଆଇଟିଡ଼ିଏ ଗଦାଧର ପାତ୍ର ଧନ୍ୟବାଦ ଦେଇଥିଲେ।




ବ୍ରହ୍ମପୁର ସହରରେ ମା’ ଦୁର୍ଗାଙ୍କୁ ବିସର୍ଜନ କରିବାକୁ ଅସ୍ଥାୟୀ ପୋଖରୀକୁ ନିଆଯାଉଛି। (ଫଟୋ: ସମୀର)

# ସହରରେ ଜମୁଛି ଜୁଆଆଡ୍ଡା, ପଥଭ୍ରଷ୍ଟ ଯୁବପିଢ଼ି

ବ୍ରହ୍ମପୁର , ୩।୧୦( ସୁବାସ ଚନ୍ଦ୍ର ପାଢ଼ୀ)

ପାର୍ବଣ ଋତୁ ସରି ଆସୁଛି। ପରମ୍ପରା ଅନୁଯାଇ ପାର୍ବଣ ସମୟରେ ଜିଲାର ସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ଚାରିଆଡେ ଜୁଆ ଖେଳ ଜମିଥାଏ । ଗୋଟିଏ ପଟେ ବେକାର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ସେମାନଙ୍କୁ କମ ସମୟରେ ଅର୍ଥ ଉପାର୍ଜନ ଚିନ୍ତା ଘାରିଛି। ତେଣୁ ବ୍ରହ୍ମପୁର ସହରରେ ଜୁଆ ଭଳି ରାସ୍ତା ଆପଣେଇଛନ୍ତି ଯୁବପିଢ଼ି। ବ୍ରହ୍ମପୁର ସହରରେ ଏବେ ପୁଳାପୁଳା ଟଙ୍କା ଜୁଆରେ ଉଡୁଛି। ପୋଲିସ ବିଭିନ୍ନ ସମୟରେ ଚଢ଼ଉ କରି ଏଭଳି ଜୁଆଆଡା ଠାବ କରୁଛି। ବ୍ରହ୍ମପୁର ସହରରେ ଜୁଆ କିଛି ନୂଆ କଥା ନୁହେଁ। ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ କେତେକ ଅସାମାଜିକ ପୋଲିସ ଆଖିରେ ଧୂଳି ଦେଇ ଜୁଆଖେଳ ଚଳାଉଥିବା ନଜିର ରହିଛି। ପୋଲିସ ସେମାନଙ୍କୁ ଗିରଫ ମଧ କରିଛି। ଏବେ ପୁଣିଥରେ ସହରର ବିଭିନ୍ନ ସ୍ଥାନରେ ଏଭଳି ଜୁଆ ଖେଳ ଚାଲିଥିବା ଅଭିଯୋଗ ହେଉଛି। ଅଧିକାଂଶ ଲୋକ ଟଙ୍କା ଲୋଭରେ ପଡି ଜୁଆଖେଳରେ ନିଜକୁ ସାମିଲ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଗତମାସ ୨୫ ତାରିଖ ବଡ ବଜାର ଥାନା ପୋଲିସ ଏଭଳି ଏକ ଜୁଆଆଡ୍ଡା ଠାବ କରି ମୋଟ ୧୭ଜଣ ଜୁଆଡିଙ୍କୁ କାବୁ କରିଥିଲା। ଜଣେ ବ୍ୟକ୍ତି ନିଜର ଘରେ ଜୁଆଆଡ୍ଡା ଚଳାଉଥିବା ପୋଲିସ ତଦନ୍ତରେ ଜଣାପଡିଛି। ସେଠାରୁ ୫ଲକ୍ଷରୁ ଅଧିକ ଟଙ୍କା ଜବତ କରିଥିଲା। ସେହିପରି ଗତ କିଛି ଦିନ ମଧ୍ୟରେ ବ୍ରହ୍ମପୁର ପୋଲିସ ୧୧ ଜୁଆଆଡ୍ଡା ଠାବ କରିଥିଲା। ମୋଟ ୭ଲକ୍ଷ ଦୁଇ ହଜାର ଟଙ୍କା, ଗାଡ଼ି ମୋବାଇଲ ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ କରିଥିଲା। ସେହିପରି ମୋଟ ୭୯ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଥିଲେ। କାମଧନ୍ଦା ହରାଇବା ପରେ କମ ସମୟରେ ଅର୍ଥ ଉପାର୍ଜନ କରିବା ପାଇଁ କିଛି ଲୋକ ଜୁଆଖେଳ ଭଳି ସର୍ଟକଟ ରାସ୍ତା ଆପଣେଇଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ବାଜାବାଜଣାରେ ମା’ଙ୍କୁ ମେଲାଣି

ବ୍ରହ୍ମପୁର,୩।୧୦(ସ୍ମୃତି ରଞ୍ଜନ ମହାଲିକ)

ଜିଲା ପ୍ରଶାସନର ନିୟମାନୁଯାୟୀ ଶୁକ୍ରବାର ସହରର ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୦ ଦିନ ଧରି ଚାଲିଥିବା ମା’ ଦୁର୍ଗାଙ୍କୁ ପୂଜା ସରିଛି। ସହରବାସୀ ମା’ଙ୍କୁ ଭକ୍ତିପୂତ ଭାବେ ମେଲାଣି ଦେଇଛନ୍ତି। ଭସାଣୀକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପୂଜା ମଣ୍ଡପ ସମେତ ବିଭିନ୍ନ ଛକରେ ଉପସ୍ଥିତ ଥିଲେ। ସକାଳୁ ପୂଜା ମଣ୍ଡପ ପକ୍ଷରୁ ମା ଦୁର୍ଗାଙ୍କ ଭସାଣୀ ପଟୁଆର ଆରମ୍ଭ ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ଗୋସାଣୀ ନୂଆ ଗାଁ, ମିନାକ୍ଷୀ ନଗର, ଫାଷ୍ଟ ଗେଟ ଓ ଆମ୍ବପୁଆ ବିବେକ ବିହାର ଭଳି ୪ ସ୍ଥାନରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ସନ୍ଧ୍ୟାରେ ମା’ଙ୍କ ଭସାଣୀ ସମୟରେ ବାଜା ବାଜଣାରେ ସହର ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରଶାସନ ପକ୍ଷରୁ ଡିଜେ ବାରଣ ଥିବାରୁ କମିଟି ପକ୍ଷରୁ ସିଙ୍ଗ ବାଜା, ଧୁମଧାଡକା, ମୃଦଙ୍ଗ ଓ ଜୋଡି ଶଙ୍ଖ ଆଦି ପାରମ୍ପରିକ ବାଜା ସହକାରେ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ବାଦ୍ୟର ତାଳେ ତାଳେ ଶ୍ରଦ୍ଧାଳୁମାନେ ନାଚି ନାଚି ମାଙ୍କୁ ମେଲାଣି ଦେଇଥିଲେ। ଟ୍ରକ ଓ ଟ୍ରାକ୍ଟର ଗୁଡିକରେ ମାଙ୍କୁ ନେବା ସମୟରେ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଅସ୍ଥାୟୀ ପୋଖରୀ ନିକଟରେ ମୂର୍ତ୍ତି ବିସର୍ଜନ ପାଇଁ ସ୍ୱତନ୍ତ୍ର କ୍ରେନର ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ପୋଖରୀ ନିକଟରେ ପୋଲିସ ମୁତୟନ ରହିଥିଲେ।

# ନାଳ ଭିତରକୁ ବାଇକ୍ ଖସି ୩ ଯୁବକ ମୃତ

ଦାରିଙ୍ଗବାଡି, ୩।୧୦ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ଡୁଲୁରୀ ପାଇନବଣ ନିକଟରେ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ପାରିନି। ପୋଲିସ ସେମାନଙ୍କ ପରିଚୟ ଜାଣିବା ପାଇଁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ଏସ୍‌ଆଇ ଜୟନ୍ତ ସେଠୀ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଦାରିଙ୍ଗବାଡି ପଟୁ ଏକ ବାଇକ୍‌ରେ ୩ ଯୁବକ କଫି ବଗିଚା ରାସ୍ତା ଦେଇ ବ୍ରାହ୍ମଣୀଗାଁ ପଟକୁ ଯାଉଥିଲେ। ତେବେ ଡୁଲୁରୀ ପାଇନ ବଣ ପୂର୍ବରୁ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍‌ଟି ଡୁଲୁରୀ ନାଳ ଭିତରକୁ ଖସି ପଡିଥିଲା। ଖବରପାଇ ଅଗ୍ନିଶମ ବିଭାଗ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଧବଳେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହାବିଲଦାର ସତ୍ୟ ନାରାୟଣ ବେହେରା, ଡ୍ରାଇଭର ଚିନ୍ମୟ ପରିଡ଼ା,ସାଜନ ବେହେରା, ଜୁଗୁନୁ ବେହେରା, ପ୍ରିୟବ୍ରତ ସେନାପତି, ସୌରାଜ ଡାକୁଆ ପହଞ୍ଚି ଗୁରୁତର ୩ ଜଣଙ୍କୁ ଉଦ୍ଧାର କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରଖାଯାଇଛି।

# ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ସହକାରୀ ବାଣିଜ୍ୟକର ଅଧିକାରୀଙ୍କ ପେନସନ ବନ୍ଦ

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ସହକାରୀ ବାଣିଜ୍ୟକର ଅଧିକାରୀ ରମେଶଚନ୍ଦ୍ର ବେହେରାଙ୍କ ପେନସନ ବନ୍ଦ ହୋଇଯାଇଛି । ଦୋଷୀ ସାବ୍ୟସ୍ତ ପରେ ରମେଶଙ୍କ ପେନସନ ବନ୍ଦ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ସେହିକ୍ରମରେ ତାଙ୍କ ନିୟମିତ ଓ ଅସ୍ଥାୟୀ ପେନସନକୁ ବନ୍ଦ କରି ଦିଆଯାଇଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶଥାଉକି, ରମେଶଚନ୍ଦ୍ର ବେହେରା ଗଞ୍ଜାମ ଜିଲା ଚିକିଟି ଚେକ ଗେଟରେ ସହକାରୀ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା । ସେହିକ୍ରମରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ବାସଭବନ ସମେତ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ତାଙ୍କ ନିକଟରୁ ବିପୁଳ ସମ୍ପତ୍ତି ଠାବ ହୋଇଥିଲା । ଏହି ମାମଲାର ବିଚାରଣ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଚାଲୁ ରହିଥିଲା । ଜାନୁଆରୀ ୨୦ ତାରିଖ ୨୦୨୪ରେ ଭିଜିଲାନ୍ସ ଅଦାଲତ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ ।

# ପୋଖରୀରେ ବୁଡି ୨ ଜଣଙ୍କ ମୃତ୍ୟୁ

ଦିଗପହଣ୍ଡି,୩।୧୦(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଓ କୈଠଖଣ୍ଡି ପଞ୍ଚାୟତ ପେଣ୍ଠୁରାବାଡି ଗ୍ରାମ ପୋଖରୀରେ ବୁଡି ୨ ଜଣଙ୍କ ମୃତ୍ୟୁ ଘଟିଛି। ସିଦ୍ଧେଶ୍ୱର ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ଏସ. ରାଜମଣୀ ରେଡ୍ଡୀ (୫୫) ବଜାପଲ୍ଲୀ ଗ୍ରାମକୁ କୌଣସି କାମରେ ଯାଇଥିଲେ। ସେଠାରୁ ଫେରି ନିକଟସ୍ଥ ପୋଖରୀରେ ଗାଧୋଉଥିବା ବେଳେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି କୈଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମର ବାଞ୍ଛାନିଧି ମହାରଣା (୬୬) ଗୁରୁବାର ସକାଳୁ ଗ୍ରାମ ପେଣ୍ଠୁରାବାଡି ଗ୍ରାମକୁ ଫୁଲ ତୋଳିବା ପାଇଁ ଯାଇ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଶୁକ୍ରବାର ସକାଳେ ପରିବାର ଲୋକେ ଖବରପାଇ ପେଣ୍ଠୁରାବାଡି ଗ୍ରାମକୁ ଯାଇ ଖୋଜାଖୋଜି କରିବା ସମୟରେ ପୋଖରୀ ନିକଟରେ ତାଙ୍କର ଜୋତା ଓ ଛତା ପଡ଼ିଥିବା ଦେଖିଥିଲେ। ଅଗ୍ନିଶମଙ୍କ ପ୍ରଚେଷ୍ଟାରେ ବୃଦ୍ଧଙ୍କ ମୃତଦେହ ଠାବ କରାଯାଇଥିଲା ।




## ପାନ୍ଥନିବାସ ଜଗୁଆଳଙ୍କ ମୃତ୍ୟୁ, ଥାନାରେ ଏତଲା

ଗୋପାଳପୁର, ୩।୧୦(ନବୀନ ରାଜ ଆଚାରୀ)ଗୋପାଳପୁର ପାନ୍ଥନିବାସର ଜଗୁଆଳିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୟାଗଡ଼ ଜିଲାର କରବର ଗ୍ରାମର ସୁଧୀର ସାହୁ (୪୩)। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପାନ୍ଥନିବାସରେ ୟୁଟେକ ସର୍ଭିସ ସଂସ୍ଥାରେ ସୁଧୀର ଜଗୁଆଳ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାତିରେ ସେ ଶୋଇବା ପାଇଁ ନିଜ ରୁମକୁ ଯାଇଥିଲେ। ବୁଧବାର ସକାଳେ ସେଠାରେ ଥିବା ଅନ୍ୟ କର୍ମଚାରୀ ମାନେ ସୁଧୀର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାସ୍ତା ଉପରେ ମଦ ବିକ୍ରି କରି ୪ ଗିରଫ

ବ୍ରହ୍ମପୁର, ୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦଶହରାରେ ରାସ୍ତା ଉପରେ ମଦ ବିକ୍ରି କରୁଥିବା ୪ ଯୁବକଙ୍କୁ ବଡବଜାର ପୋଲିସ ଗିରଫ କରିଛି। ସେମାନେ ହେଲେ ଲୋଚାପଡାର ଦିଲୀପ କୁମାର ପଟ୍ଟନାୟକ, ବ୍ରଜନଗରର ରାହୁଲ ପୋଦାର, ନୀଳମାଧ ସାହୁ ଓ ରାମେଶ୍ୱର ପଣ୍ଡା। ପୋଲିସ ସେମାନଙ୍କ ନିକଟରୁ ୧୧.୩୮୦ ଲିଟର ବିଦେଶୀ ମଦ, ଏକ ସ୍କୁଟି ଗାଡି ଓ ମଦ ବିକ୍ରି କରି ପାଖରେ ରଖିଥିବା ୩୬ହଜାର ୧୦ ଟଙ୍କା ଜବତ କରିଛି। ମାମଲା ନଂ ୪୯୫/୨୫ ରେ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ପ୍ରେମନଗର ପ୍ରଥମ ଲାଇନରେ ଗୁରୁବାର ରାତ୍ର ମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ୪ଯୁବକଙ୍କୁ କାବୁ କରିଥିଲା।

## ଜୁଆଆଡ୍ଡାରେ ଚଢାଉ, ୧୩ ଗିରଫ

ବୁଗୁଡ଼ା, ୩।୧୦ (କାଳି ଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ନଗୁଡୁ, ଚିଲିଖମା ଓ ସଙ୍କୁରୁ ଆଦି ୩ଟି ଗ୍ରାମରେ ଚାଲିଥିବା ଜୁଆ ଖେଳ ଉପରେ ପୋଲିସ ଚଢାଉ କରି ୧୩ ଜଣଙ୍କୁ ଗିରଫ କରିଛି। ଏହାସହ ତାଙ୍କ ନିକଟରୁ ସହ ୪୧ ହଜାର ୧୮୦ ଟଙ୍କା, ଅନେକ ମୋବାଇଲ ଓ ତାସ ଜବତ କରିଛି। ଗୁରୁବାର ରାତିରେ ନଗୁଡୁ ଗ୍ରାମ ଛକରେ ଚାଲିଥିବା ଜୁଆଖେଳ ଉପରେ ଚଡାଉ କରି ୬ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୮,୪୮୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ତାସ ଜବତ କରିଥିଲା। ଏନେଇ କେଶ୍ ନଂ. ୬୨୧/୨୫ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଶୁକ୍ରବାର ସକାଳେ ପୁଣି ଚିଲିଖମା ଗାଁର ଆଡୁଆ ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଡାଉ କରି ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫,୫୬୦ ଟଙ୍କା, ୨ଟି ମୋବାଇଲ ଓ ତାସ ଜବତ କରି କେଶ୍ ନଂ. ୬୨୨/୨୫ରେ ମାମଲା ରୁଜୁ କରିଛି। ଅନ୍ୟପଟେ ସଙ୍କୁରୁ ଗ୍ରାମର ରୋଡସାହିରେ ଚାଲିଥିବା ଜୁଆଖେଳ ଉପରେ ଚଡାଉ କରି ୪ ଜଣ ଜୁଆଡ଼ିଙ୍କୁ ଗିରଫ ସହ ୭,୧୪୦ ଟଙ୍କା ଓ ତାସ ଜବତ ଘଟଣାରେ କେଶ୍ ନଂ. ୬୨୩/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଏସିଆନ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ବ୍ରହ୍ମପୁର କ୍ରୀଡାବିତ୍‌ଙ୍କୁ ସ୍ୱର୍ଣ୍ଣ



କ୍ରୀଡାବିତ୍ କାହ୍ନା ବେହେରାଙ୍କୁ ଶୁଭେଚ୍ଛା ଦିଆଯାଉଛି।

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

କାଶ୍ମୀର ଠାରେ ଅନୁଷ୍ଠିତ ତୃତୀୟ କନିଷ୍ଠ ଏସିଆନ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ବ୍ରହ୍ମପୁରର ଉଦୀୟମାନ କ୍ରୀଡାବିତ୍ କାହ୍ନା ବେହେରା। ଏହି ଏସିଆନ ଚାମ୍ପିଅନସିପରେ ୧୨ଟି ଦେଶରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ୮ଜଣ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତନ୍ମଧ୍ୟରୁ କାହ୍ନା ବେହେରା ସୋଲୋ ଇଭେଣ୍ଟରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସଫଳତାରେ ପେନ୍‌ଚାକ ସିଲାଟ ଆସୋସିଏସନ ଗଞ୍ଜାମ ଅଧିନରେ ପ୍ରଶିକ୍ଷଣ ନେଉଥିବା କାହ୍ନା ବେହେରାଙ୍କ ଏହି ପ୍ରଦର୍ଶନୀରେ ଓଡ଼ିଶା ପେଞ୍ଚାକ ସିଲାଟ ଆସୋସିଏସନ ଓ ଗଞ୍ଜାମ ପେନ୍‌ଚାକ ସିଲାଟ ଆସୋସିଏସନ ସଂଘର ସାଧାରଣ ସମ୍ପାଦକ ଶ୍ରୀଧର ସାହୁ, ସଭାପତି ରବି କୁମାର ସାହୁ, ଉପସଭାପତି ଭୃଗୁରାମ ପଣ୍ଡା,ଟେକ୍ନିକାଲ ନିର୍ଦ୍ଦେଶକ ଡାନି ସ୍ନେହାଂଶୁ ବିଷୋୟୀ ଶୁଭେଚ୍ଛା ଜଣାଇଛନ୍ତି।

## ଗ୍ୟାସ୍ ସିଲିଣ୍ଡରରୁ ଅଗ୍ନିକାଣ୍ଡ ପୋଡ଼ିହୋଇ ୨ ମହିଳା ଗୁରୁତର

ଚିକିଟି,୩।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିବ୍ଲକ କତୁରୁପଞ୍ଚାୟତ ଅନ୍ତର୍ଗତ ଚନ୍ଦବାଡ଼ ଗ୍ରାମରେ ବୁଧବାର ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ପୋଡି ହୋଇ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ହେମଲତା ବେହେରା (୩୯) ଓ ରେବତୀ ବେହେରା (୬୪) । ଚନ୍ଦନବାଡ଼ ଗ୍ରାମର ହେମଲତା ବେହେରା କୌଣସି କାମରେ ରେବତୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ରେବତୀ ରୋଷେଇ କରିବା ସହ ହେମଲତାଙ୍କ ସହିତ କଥା ହେଉଥିଲେ। ହଠାତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଯାଇ ଉଭୟଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଉଭୟେ ପୋଡି ହୋଇଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ଦୁଇ ମହିଳା ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଗ୍ରାମରେ ପହଞ୍ଚି ରେଡକ୍ରସରୁ ୨୦ ହଜାର ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ସମ୍ମାନିତ ହେବେ ୪ ଓଡିଶୀ ନୃତ୍ୟ ଗୁରୁ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଭାପତି ଓ ସଂପାଦକ।

ବ୍ରହ୍ମପୁର,୩।୧୦(ସ୍ମୃତି ରଞ୍ଜନ ମହାଲିକ)

ଯୁବ ପିଢିଙ୍କୁ ସଂସ୍କୃତି ଓ ପରମ୍ପରା ସହ ଜଡିତ ରଖିବା ଏବଂ ଓଡିଶୀ ସଂସ୍କୃତିକୁ ବଜାୟ ରଖିବା ପାଇଁ ସହରର ଓଡିଶୀ ସାଧନା ପୀଠ ଶନିବାର ଗଞ୍ଜାମ କଳା ପରିଷଦ ପରିସରରେ ନିର୍ବାଣ ନୃତ୍ୟ ଉତ୍ସବ ଆୟୋଜନ କରିବ। ଏ ନେଇ ସାଧନା ପୀଠ ସଭାପତି ଝରଣା ପଣ୍ଡା ଅରବିନ୍ଦ ନଗରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡିଶା ଆଦର୍ଶ ସମ୍ମାନ, ଓଡିଶୀ ନୃତ୍ୟ ଗୁରୁ ସତ୍ୟବାଦୀ ସାହୁଙ୍କୁ ଶୀରୋମଣି ସମ୍ମାନ, ଗୁରୁ ଗାୟତ୍ରୀ ରଣବୀରଙ୍କୁ ଶ୍ରେଷ୍ଠ ଉପାସକ ସମାନ ଓ ସୃଷ୍ଟି ସାହୁଙ୍କୁ ସତ୍ୟ ନାରାୟଣ ସାହୁ ସ୍ମୃତି ସମାନରେ ସମାନିତ କରାଯିବ। ଏହି ୪ ଗୁରୁ ସମ୍ମାନିତ ହେବେ ବୋଲି ସେ କହିଛନ୍ତି। ଏଥିସହ ଉତ୍ସବରେ ୧୦୦ ନୃତ୍ୟକାର ନୃତ୍ୟ ପରିବେଷଣ କରିବେ। ତତସହିତ ଗୁରୁ ସୁରଜ କୁମାର ସାହୁ, ଗାୟତ୍ରୀ ରଣବୀର ଓ ସୃଷ୍ଟି ସାହୁ ଏକକ ନୃତ୍ୟ ପରିବେଷଣ କରିବେ ବୋଲି ସଭାପତି ସୂଚନା ଦେଇଛନ୍ତି। ସାଧନା ପୀଠର ସଂପାଦକ ସୁରଜ କୁମାର ସାହୁ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# କଳିଙ୍ଗ ସାହିତ୍ୟ ସମାଜର ‘କଳିଙ୍ଗର ସ୍ୱର’ ଶାରଦୀୟ ସଂଖ୍ୟା ପାଠକାର୍ପିତ



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣାଞ୍ଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ପ୍ରକାଶ ପାଇ ଆସୁଥିବା ତ୍ରୟ-ମାସିକ ସାହିତ୍ୟ ପତ୍ରିକା ‘କଳିଙ୍ଗର ସ୍ୱର’ ଶାରଦୀୟ ସଂଖ୍ୟାର ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଆଶ୍ରମ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗ ସାହିତ୍ୟ ସମାଜର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ଆବାହକତ୍ୱରେ ସମ୍ପାଦକ ଡ. ଶରତ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂପାଦନା ମଣ୍ଡଳୀ ସଦସ୍ୟ କବି ମନୋରଞ୍ଜନ ପାଣିଗ୍ରାହୀ, ଡ. କୁଳମଣି ଓଝା ଓ ଡ. ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ‘କଳିଙ୍ଗର ସ୍ୱର’ ପୂଜାସଂଖ୍ୟାରେ ପ୍ରକାଶିତ ଲେଖାଗୁଡ଼ିକର ରୂପ-ରଚନା ବିଷୟ ସଂକ୍ଷେପରେ ଆଲୋକପାତ କରିଥିଲେ । ଆମନ୍ତ୍ରିତ ଅତିଥି ରୂପେ ଗଞ୍ଜାମ ଜିଲା ଭାଜପା ସଭାପତି ସରୋଜ କୁମାର ସାବତ, ଉତ୍କଳ ଆଶ୍ରମ ରୋଡ ଦୁର୍ଗାପୂଜା ସମିତି ସଭାପତି ନାରସୁ ଜେନା, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ବନମାଳୀ ପାଣିଗ୍ରାହୀ, ଡ. ରମେଶ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ଡ. ନୃସିଂହାନନ୍ଦ ସାସମଲ, ଡ. ଅଶୋକ କୁମାର ପଣ୍ଡା, ନଳିନୀକାନ୍ତ ଗୌଡ଼ ଓ କାଳୀପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ପତ୍ରିକା ସଂପର୍କରେ ଆଲୋକପାତ କରିଥିଲେ । ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ଛତ୍ରପୁର,୩।୧୦(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାସ୍ତରୀୟ ଜାତିର ଜନକ ମହାତ୍ମା ଗାନ୍ଧୀ ୧୫୬ତମ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଛତ୍ରପୁର ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ଛତ୍ରପୁରସ୍ଥିତ ଇନଡୋର ଷ୍ଟାଡିୟମ ଠାରେ ପାଳିତ ହୋଇଯାଇଛି। ପ୍ରାତଃରେ ଡାକବାଜି ଯନ୍ତ୍ର ଦ୍ୱାରା ଗାନ୍ଧିଜୀଙ୍କ ପ୍ରିୟଭଜନ ଗାନ କରାଯାଇ ସହର ପରିକ୍ରମା କରାଯାଇଥିଲା। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲାପାଳ ଭି. କୀର୍ତି ଭାସନ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୃଣାଳିକା ରାଥୋଡ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ପ୍ରମୁଖ ପୋଲିସ ପ୍ୟାରେଡ ପଡିଆଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କଳାକାର ଗଣେଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛତ୍ରପୁର କଳା ବିକାଶ କେନ୍ଦ୍ରର କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ନିରଞ୍ଜନ ତ୍ରିପାଠୀ ପବିତ୍ର ଶ୍ରୀମଦଭଗବତ ଗୀତା, ମହମ୍ମଦ ଏହେଶାନ ରାଜାକ ପବିତ୍ର କୋରାନ ଓ ରେଭେଣ୍ଡର ସନ୍ତୋଷ ରାୟଙ୍କ ଦ୍ୱାରା ପବିତ୍ର ବାଇବେଲ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



# ୨୬,୭୦୦ ଗ୍ରାମକୁ ଟେଲିକମ ସଂଯୋଗ

## ବିଏସ୍‌ଏନ୍‌ଏଲ୍‌ର ସ୍ୱଦେଶୀ ୪ଜି ନେଟୱର୍କ ଉନ୍ମୋଚିତ

ଭୁବନେଶ୍ୱର,୩।୧୦

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ଟାଟା କନସଲଟାନ୍‌ସି ସର୍ଭିସେସ୍ (ଟିସିଏସ), ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଟେଲିମ୍ୟାଟିକ୍ସ (ସି-ଡଟ) ଏବଂ ତେଜସ୍ ନେଟୱର୍କସ୍ ଲିମିଟେଡ୍ ସହଭାଗିତାରେ ଭାରତ ଟେଲିକମ୍ ଷ୍ଟାକ୍ ଉନ୍ମୋଚନ କରାଯାଇଛି। ଏହା ଏକ ଆଧୁନିକ, ସୁରକ୍ଷିତ ସମାଧାନ ଯାହା ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ସହ ବିକଶିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୬,୭୦୦ ଗ୍ରାମକୁ ଟେଲିକମ୍ ସଂଯୋଗ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆତ୍ମନିର୍ଭରଶୀଳ ଭାରତର ଦର୍ଶନରୁ ଏହା ପ୍ରେରିତ ହୋଇଛି। ୪ଜି ଏବଂ ସ୍ୱୟଂସମ୍ପୂର୍ଣ୍ଣ ସ୍ୱଦେଶୀ ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ନିର୍ମାଣ କରୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ଦେଶରେ ପରିଣତ ହୋଇଛି । ଏକ ମିଶନ୍ ମୋଡ୍ ପ୍ରୋଗ୍ରାମ୍ ଭାବରେ ଟିସିଏସ୍ ଡାଟା ସେଣ୍ଟର୍ ସ୍ଥାପନ, ସି-ଡଟର ଇପିସି କୋର୍ ଆପ୍ଲିକେସନ୍, ତେଜସ୍‌ଙ୍କ ବେସ୍ ଷ୍ଟେଶନ୍ ଏବଂ ୧ଲକ୍ଷରୁ ଅଧିକ ସାଇଟରେ ରେଡିଓ ଭିତ୍ତିଭୂମି ସ୍ଥାପନ ଏବଂ କାର୍ଯ୍ୟକ୍ଷମ ଏବଂ ୨୪/୭ ବାସ୍ତବ ସମୟ ନେଟୱର୍କ ପରିଚାଳନା ପାଇଁ ଟିସିଏସର କଗନିଟିଭ୍ ନେଟୱର୍କ ଅପରେସନ୍ସ (ଟିସିଏସ୍ ସିଏନଓପି) ପ୍ଲାଟଫର୍ମର ଉପଯୋଗ କରି ଏହାର କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲା। ଏହି ପ୍ରକଳ୍ପ ଟିସିଏସ୍, ବିଏସଏନଏଲ୍, ଟେଲିକମ୍ ବିଭାଗ, ମ୍ୟାନିନ୍ଦ୍ରେ ଆଣ୍ଡ କୋ, ସି-ଡଟ, ତେଜସ୍, ଆଇ ଆଣ୍ଡ ସି ପାର୍ଟନର୍ସ ଦ୍ୱାରା 'ମିଶନ୍-ମୋଡ୍'ରେ ପରିଚାଳିତ ହେଉଛି। ଏହା ଦୁଇ ବର୍ଷର ମଧ୍ୟରେ ଶେଷ ହୋଇଥିଲା ଯାହା ବିଏସଏନ୍‌ଏଲ୍‌ର ୨ଜି/୩ଜି ନେଟୱର୍କକୁ ଦ୍ରୁତତମ ୪ଜି ନେଟୱର୍କ କରିଥିଲା। ଏହା ଭାରତର ଜାତୀୟ ସୁରକ୍ଷାକୁ ସଶକ୍ତ କରୁଛି ଏବଂ ସହରୀ ଏବଂ ଗ୍ରାମୀଣ ବାସିନ୍ଦାଙ୍କୁ ସମାନ ସୁଯୋଗ ପ୍ରଦାନ କରୁଛି ଯାହା ଦ୍ୱାରା ଅନଲାଇନ୍ ଶିକ୍ଷା, ନାଗରିକ ସେବା, ଟେଲିମେଡିସିନ୍, ଇ-ଗଭର୍ନାନସ ଆଦି କାର୍ଯ୍ୟକୁ ସରଳ କରିଛି। ବିଏସଏନଏଲର ସିଏମଡି ରବର୍ଟ ଜେ ରବି କହିଛନ୍ତି ଯେ, 'ଆଜି, ଆମେ ଜାତୀୟ ଗୌରବ ପାଇଁ ଏକ ଐତିହାସିକ ଉପଲବ୍ଧି ପାଳନ କରୁଛୁ। ଆମର ସ୍ୱଦେଶୀ ୪ଜି ନେଟୱର୍କରେ ଜାତୀୟ ଶୁଭାରମ୍ଭ କରାଯାଇଛି। ବିଏସଏନଏଲ ଟିମର ଅବିଶ୍ରାନ୍ତ ପରିଶ୍ରମରୁ ସୃଷ୍ଟି ହୋଇଥିବା ଏହି 'ମେଡ୍ ଇନ୍ ଭାରତ' ଷ୍ଟାକ୍ ଆମ ଡିଜିଟାଲ୍ ଭବିଷ୍ୟତକୁ ସୁରକ୍ଷିତ କରୁଛି । ଏହି ସଂଯୋଗର ଲାଭ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ, ଯାହାଦ୍ୱାରା ଡିଜିଟାଲ୍ ଅନ୍ତର ସମ୍ପୂର୍ଣ୍ଣ ହ୍ରାସ ପାଇବ ବୋଲି ସେ କହିଛନ୍ତି। ବିଏସଏନଏଲର ନିର୍ଦ୍ଦେଶକ (କଞ୍ଜ୍ୟୁମର ମୋବିଲିଟି- ସିଏମ) ସନ୍ଦୀପ ଗୋଭିଲ୍ କହିଛନ୍ତି, ସ୍ୱଦେଶୀ ୪ଜି ଏକ ଡିଜିଟାଲ୍ ସାମାଜିକ ସମାନ ସମାଜ ଗଠନ ପାଇଁ ଏକ ମୂଳଦୁଆ ଅଟେ । ଏହା ୫ଜି ଏବଂ ତା'ଠାରୁ ଅଧିକ ପାଇଁ ବିକଶିତ ହେବାକୁ ପ୍ରସ୍ତୁତ। ଭାରତର ବିକାଶ କାହାଣୀ ସାର୍ବଭୌମ, ଘରୋଇ ପ୍ରଯୁକ୍ତି ଦ୍ୱାରା ଶକ୍ତିଶାଳୀ ହେବା ଏହାକୁ ପ୍ରମାଣିତ କରୁଛି। ଟିସିଏସର ପରାମର୍ଶଦାତା (ଟେଲିକମ୍ ଷ୍ଟ୍ରାଟେଜିକ୍ ଇନିସିଏଟିଭସ )ଏବଂ ତେଜସ୍ ନେଟୱର୍କସର ଅଧ୍ୟକ୍ଷ ଏନ. ଗଣପତି ସୁବ୍ରମଣ୍ୟମ୍ କହିଛନ୍ତି ଯେ, ବିସ୍ତୃତ, ବିଶ୍ୱସ୍ତ ଏବଂ ସଫ୍ଟୱେର୍ ଅପଗ୍ରେଡ କରାଯାଇ ପାରୁଥିବା ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ବିକଶିତ କରିଥିବା ଦେଶ ତାଲିକାରେ ଭାରତ ସ୍ଥାନ ପାଇଥିବାରୁ ଆମେ ନିଜକୁ ଗର୍ବିତ ମନେ କରୁଛୁ।

# ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବ ଭିମ୍ ଆପ୍

ଭୁବନେଶ୍ୱର,୩।୧୦

ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସଏଲ)ର ଭାରତର ନିଜସ୍ୱ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଭିମ ପେମେଣ୍ଟ ଆପ୍ ପକ୍ଷରୁ 'ମିଠି ଦିୱାଲି'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ରିହାତି ଏବଂ ଅଫର ପ୍ରଦାନ ସହ ଏହି ଅଭିଯାନ ମହିଳା କାରିଗର ଏବଂ ଉଦ୍ୟୋଗୀଙ୍କ ପାଇଁ ଦୈନନ୍ଦିନ ଦେୟକୁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଅକ୍ଟୋବର ୧ରୁ ୩୧ ମଧ୍ୟରେ ଭିମ ପେମେଣ୍ଟ ଆପରେ ୧୦ କିମ୍ବା ତା'ଠାରୁ ଅଧିକ କାରବାର ସମ୍ପୂର୍ଣ୍ଣ କରି ଭାରତରେ ମହିଳା ନେତୃତ୍ୱରେ ଚାଲୁଥିବା ବ୍ୟବସାୟଗୁଡ଼ିକୁ ସହଯୋଗ ପ୍ରଦାନ କରିପାରିବେ। 'ଅସ୍ୱାୟର ଫର ହର' ସହଯୋଗିତା ଏହି ଅଭିଯାନ ଆରମ୍ଭ କରାଯାଇଛି। ଏନବିଏସଏଲର ପରିଚାଳକ ନିର୍ଦ୍ଦେଶକ ଲଳିତା ନାଟାରାଜ କହିଛନ୍ତି ଯେ, 'ମିଠି ଦିୱାଲି' ମାଧ୍ୟମରେ ଆମେ ପ୍ରତିବର୍ଷ ଏହି ଆନନ୍ଦରେ ଏକ ଉଦ୍ଦେଶ୍ୟ ଯୋଡିବା ପାଇଁ ଲକ୍ଷ୍ୟ ରଖିଛୁ।

# ରିଲାଏନ୍ସ ଜୁଏଲ୍‌ସର ଦୀପାବଳି କଲେକ୍ସନ



ଭୁବନେଶ୍ୱର, ୩।୧୦

ରିଲାଏନ୍ସ ଜୁଏଲ୍‌ସ, ଦୀପାବଳି ଅବସରରେ ନୂଆ ଉତ୍ସବ ଅଳଙ୍କାର କଲେକ୍ସନ୍ ଆଣିଛି। ଏହା ସହ ପ୍ରଥମ ଥର ପାଇଁ ବଲିଉଡ ତାରକା ରବୀନା ଟଣ୍ଡନ ଓ ତାଙ୍କ ଝିଅ ରଶା ଥାଡାନୀ ଏହି ବ୍ରାଣ୍ଡର ଆମ୍ବାସାଡାର ହୋଇଛନ୍ତି। ରିଲାଏନ୍ସର ଗ୍ରୁପ ସିଏମଓ ଗାୟତ୍ରୀ ଯାଦବ କହିଛନ୍ତି, ଭାରତୀୟଙ୍କ ପାଇଁ ସୁନା ଖାଲି ଅଳଙ୍କାର ନୁହେଁ, ଏହା ଆମର ପରମ୍ପରା ଓ ପରିଚୟର ଅଂଶ। ଏଥିରେ ଲକ୍ଷ୍ମୀ ଆକୃତି, ରଙ୍ଗୋଲି, ଲଣ୍ଠନ, ଦୀପ, ଗେଣ୍ଡୁଫୁଲ, ପଦ୍ମ ଓ ମୟୂର ଡିଜାଇନ ସୁନା ଓ ହୀରାରେ ତିଆରି ଅଳଙ୍କାର ରହିଛି। ଏହାରେ କାନଫୁଲ, ଚୋକର, ଲମ୍ବା ହାର, ଚୁଡ଼ି ଓ ମୁଦି ଅଛି, ଯାହା ଦୀପାବଳି, ଧନତେରାସ ଓ ବିବାହ ପାଇଁ ଉପଯୁକ୍ତ। ରବୀନା ଟଣ୍ଡନ ଓ ରଶା ଥାଡାନୀ କହିଛନ୍ତି, ଅଳଙ୍କାର ଆମ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥାଏ। ଏହି ସଂଗ୍ରହ ଉତ୍ସବର ଆନନ୍ଦ ଓ ପରମ୍ପରାକୁ ସୁନ୍ଦର ଭାବେ ଦେଖାଉଛି। ଏହି ଦୀପାବଳିରେ ରିଲାଏନ୍ସ ଜୁଏଲସ୍ ୧୦୦% ପୁରୁଣା ସୁନା ବଦଳ ମୂଲ୍ୟ ଦେଉଛି। ଏହା ସହ ସୁନା ଅଳଙ୍କାର ଗଢ଼ା ମଜୁରୀ ଉପରେ ୪୫% ଓ ହୀରା ମୂଲ୍ୟ ଓ ଗଢ଼ା ମଜୁରୀ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ରିହାତି ନଭେମ୍ବର ୨ ଲାଗୁ ହେବ। ଏହି ନୂଆ କଲେକ୍ସନ ଦେଶର ୧୪୦ରୁ ଅଧିକ ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଉପଲବ୍ଧ।

# ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ'

ଭୁବନେଶ୍ୱର,୩।୧୦
(ଅନୁରାଧା ମହାରଣା)




ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ ଇଲେକ୍ଟ୍ରୋନିକ୍ସ' ସେଲ୍ ଆରମ୍ଭ ହୋଇଛି। ଏଥିରେ ଟିଭି, ଫ୍ରିଜ, ଏସି, ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଜିନିଷ ଉପରେ ବଡ଼ ରିହାତି ମିଳୁଛି। ଏହି ସେଲ ଅକ୍ଟୋବର ୨୫ ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ଜିଓ ମାର୍ଟ ଓ www. reliancedigital.in ରେ ଚାଲିବ। ବ୍ୟାଙ୍କ କାର୍ଡରେ ୧୫,୦୦୦ ପର୍ଯ୍ୟନ୍ତ ରିହାତି ଓ ପେପର ଫାଇନାନ୍ସରେ ୩୦,୦୦୦ ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ମିଳିବ। ରିଲାଏନ୍ସ ଡିଜିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୬୫ ଇଞ୍ଚ ତୋଶିବା କ୍ୟୁଏଲଇଡି ଟିଭି ୪୫,୯୯୦ରେ, ଆଇଫୋନ୍ ୧୬ଇ ୪୪,୯୯୦ରେ, ୧ ଟନ୍ ଏସି ୧୭,୯୯୦ରେ ଓ ଡବଲ ଡୋର ଫ୍ରିଜ ୧୮,୯୯୦ରେ ମିଳୁଛି। ଏହା ସହ ଓାଶିଂମେଶିନ, ରୋଷେଇ ଜିନିଷ ଓ ସ୍ମାର୍ଟଓାଚ୍‌ରେ ୫%ରୁ ୧୫% ରିହାତି ଅଛି। ଉତ୍ସବ ପାଇଁ ଜିନିଷ କିଣିବାର ଏହା ହେଉଛି ସବୁଠୁ ଭଲ ସମୟ ବୋଲି କମ୍ପାନୀ କହିଛି।

# ରାଇସା ଏବଂ ରାଇମାନାଙ୍କୁ ମହାତ୍ମା ଆୱାର୍ଡ

ଭୁବନେଶ୍ୱର,୩।୧୦




ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱ ଏବଂ ସାମାଜିକ ପ୍ରଭାବରେ ଯୁବ ନେତୃତ୍ୱ ବର୍ଗରେ ରାଇସା ଇଲା ପଣ୍ଡା ଏବଂ ରାଇମାନା ରଶନା ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ପୁଡୁଚେରୀର ପୂର୍ବତନ ଉପରାଜ୍ୟପାଳ ଡ. କିରଣ ବେଦୀ, ରାଜଘାଟର ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏ ଆନ୍ନାମଲାଇ, କୋଙ୍କଣ ରେଳ ନିଗମର ସିଏମ୍‌ଡି ସନ୍ତୋଷ କୁମାର ଝା, ଏବଂ ମହାତ୍ମା ଫାଉଣ୍ଡେଶନର ତତ୍ତ୍ୱାବଧାନରେ ପୁରସ୍କାର ପ୍ରତିଷ୍ଠା କରିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ଅମିତ ସଚଦେବ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏବଂ ଶୈଫାଳିକା ପଣ୍ଡାଙ୍କ ଝିଅ ରାଇସା ଏବଂ ରାଇମାନା ୨୦୧୮ ମସିହାରେ ଷ୍ଟ୍ରାଇଭ ପ୍ରତିଷ୍ଠା କରିଥିଲେ ଏବଂ ସୀମାନ୍ତ ବର୍ଗର ଲୋକଙ୍କୁ ସଶକ୍ତ କରିବା ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ। ଫୁଟବଲକୁ ପିଲାମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏକ ମାଧ୍ୟମ ଭାବରେ ବ୍ୟବହାର କରି ଏହି ଷ୍ଟ୍ରାଇଭ ମହିଳାମାନଙ୍କୁ ଜୀବିକା ତାଲିମ ମଧ୍ୟ ପ୍ରଦାନ କରେ, ଯାହା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲ୍‌ଏମ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ପୁରସ୍କାର ଗ୍ରହଣ କରି ରାଇସା ଇଲା ପଣ୍ଡା କହିଛନ୍ତି, ସଶକ୍ତ1କରଣ ହେଉଛି ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ମୋ ଭଉଣୀ, ରାଇମାନା ଏବଂ ମୁଁ ଏହି ମାନ୍ୟତା ପାଇବା ପରେ ଆମର ଯାତ୍ରା ଜାରି ରଖିବାକୁ ପ୍ରତିବଦ୍ଧ। ଅନ୍ୟାନ୍ୟ ବର୍ଗରେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ତଥା ସାମାଜିକ କର୍ମୀ ମଲ୍ଲିକା ସାରାଭାଇ, ସିପ୍ଲାର ଅଧ୍ୟକ୍ଷ ଡ. ୟୁସୁଫ ହାମିଦ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆପୋଲୋ ଟାୟାର୍ସ ଏହି ମହାତ୍ମା ପୁରସ୍କାର ୨୦୨୫ ଗ୍ରହଣ କରିଛନ୍ତି।

# ଆଜିଠାରୁ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଲାଗୁ

ଭୁବନେଶ୍ୱର,୩।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଏକ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଘୋଷଣା କରିଛି। ଶନିବାରଠାରୁ ଲାଗୁ ହେବାକୁ ଥିବା ଏହି ନୂଆ ସିଷ୍ଟମ ଅନୁସାରେ ଚେକ୍ ଗୋଟିଏ ଦିନରେ କ୍ଲିୟର ହେବ। ଏପରି ହେବା ଦ୍ୱାରା ଗ୍ରାହକଙ୍କୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆରବିଆଇ କହିଛି ଯେ, ଏବେ କେବଳ କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିୟର ହୋଇପାରିବ। ଆରବିଆଇ କହିଛି ଯେ, ଗୋଟିଏ ଦିନରେ ଚେକ୍ କ୍ଲିୟର କରିବା ପାଇଁ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ୍) ବ୍ୟବହାର କରିବେ। ଏହି ସିଷ୍ଟମରେ ଗ୍ରାହକ ଯେତେବେଳେ ବ୍ୟାଙ୍କରେ ଚେକ୍ ଜମା କରିବେ, ବ୍ୟାଙ୍କ ତାହାର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇବ। ସମ୍ପୃକ୍ତ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଯଦି ଚେକରେ ଠିକ ତାରିଖ, ପେମେଣ୍ଟ ନାମ, ରାଶି ଓ ସ୍ୱାକ୍ଷର ବ୍ୟାଙ୍କରେ ଥିବା ସ୍ୱାକ୍ଷର ସହ ମେଳ ଖାଏ, ତେବେ ଚେକ ସେହି ଦିନ କ୍ଲିୟର ହୋଇଯିବ। ମାତ୍ର ଯଦି ଚେକରେ କୌଣସି ଓଭରରାଇଟିଂ ଥାଏ, ତାହାକୁ ଅବୈଧ ମାନି ପ୍ରତ୍ୟାଖ୍ୟାନ କରାଯିବ। ଆରବିଆଇ କହିଛି ଯେ, ଏହି ନୂଆ ଚେକ କ୍ଲିୟରାନ୍ସ ସିଷ୍ଟମ ଦୁଇ ପର୍ଯ୍ୟାୟରେ ଲାଗୁ ହେବ। ପ୍ରଥମ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଚେକ୍ ଜମା ହେବା ପରେ ସମ୍ପୃକ୍ତ ବ୍ୟାଙ୍କକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚେକ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ ଆରମ୍ଭ ହେବ। ଏଥିରେ ଚେକ୍ କ୍ଲିୟର ହେବାର ସମୟସୀମାକୁ ମାତ୍ର ୩ ଘଣ୍ଟାକୁ କମାଇ ଦିଆଯିବ। ଏହା ଗ୍ରାହକଙ୍କ ପାଇଁ ବହୁତ ସୁବିଧାଜନକ ହେବ, କାରଣ ପୂର୍ବରୁ ଚେକ୍ କ୍ଲିୟର ହେବାକୁ ୨-୩ ଦିନ ଲାଗୁଥିଲା, ଯାହା ଅନେକ ଅସୁବିଧାର କାରଣ ହେଉଥିଲା।

## ରାଜ୍ୟ ଖବର

# ୯ରୁ ମାସେବ୍ୟାପୀ ବିଜେଡି ପାଳିବ ଜନସମ୍ପର୍କ ପଦଯାତ୍ରା

## ଜନସମ୍ପର୍କ ଅଭିଯାନର ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଛନ୍ତି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘର ଘର ବୁଲି ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନର ଭାଜପା ଶାସନର ବିଫଳତା ନେଇ ବିଜେଡି ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି। ଏହା ନଭେମ୍ବର ୯ ପର୍ଯ୍ୟନ୍ତ ମାସେବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବାର୍ତ୍ତା ଦେଇ ନବୀନ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଅହିଂସାକୁ ଭାରତର ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାରେ ୧୨୪୭.୧ମିମି ବର୍ଷା ରେକର୍ଡ

# ବର୍ଷା ଯୋଗୁ ୨ ଟ୍ରେନ୍ ବାତିଲ

## ୩ ଘଣ୍ଟା ବିଳମ୍ବରେ କୋରାପୁଟ ଷ୍ଟେଶନରୁ ଛାଡ଼ିଲା ହୀରାଖଣ୍ଡ ଏକ୍ସପ୍ରେସ୍

କୋରାପୁଟ,୩।୧୦
(ଅମିତାଭ ବେହେରା)

କୋରାପୁଟ ଜିଲାରେ ଗୁରୁବାର ୧୨୪୭.୧ମିମି ବର୍ଷା ହୋଇଛି। ବର୍ଷା ଯୋଗୁ ଶୁକ୍ରବାର ପାଇଁ ବିଶାଖାପାଟଣା-କିରୁଣ୍ଡୁଲ ଏବଂ କିରୁଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ବାତିଲ ହୋଇଥିବା ସୂଚନା ମିଳିଛି। ଗୁରୁବାର ହୀରାଖଣ୍ଡ ଏକ୍ସପ୍ରେସ୍ ୩ ଘଣ୍ଟା ବିଳମ୍ବ ତଥା ରାତି ୧୧ଟା ୪୫ରେ କୋରାପୁଟ ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ବାହାରି ଶୁକ୍ରବାର ସକାଳ ୭ଟା ୩୦ରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଜିଲାର ଲମତାପୁଟ ବ୍ଲକରେ ସର୍ବାଧିକ ୧୪୧.୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ନୀଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି। ଜିଲାର ଜୟପୁର ବ୍ଲକରେ ୯୭.୪ ମିମି, ବୋରିଗୁମ୍ମା ବ୍ଲକରେ ୮୧.୬ ମିମି, କୋଟପାଡ଼ରେ ୧୦୮ ମିମି, ନନ୍ଦପୁରରେ ୭୯ ମିମି, କୁନ୍ଦୁରାରେ ୯୭.୬ ମିମି, ବୈପାରୀଗୁଡାରେ ୮୪ ମିମି, କୋରାପୁଟରେ ୮୬ ମିମି, ସେମିଳିଗୁଡ଼ାରେ ୧୩୧ ମିମି, ଲକ୍ଷ୍ମୀପୁରରେ ୧୧୪ ମିମି, ଦଶମନ୍ତପୁରରେ ୬୭ ମିମି, ପଟ୍ଟାଙ୍ଗିରେ ୭୯.୪ ମିମି, ନାରାୟଣପାଟଣାରେ ୪୯.୮ ମିମି, ବନ୍ଧୁଗାଁ ବ୍ଲକରେ ୩୦.୬ ମିମି ବର୍ଷା ହୋଇଥିବା ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ସୂଚନାନୁଯାୟୀ, ଗୁରୁବାର ଲଘୁଚାପ ଓ ଅବପାତ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ସହ ପଥର ଖସି ରାସ୍ତା ଅବରୋଧ ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ୨ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲା। ସେହିପରି ସମଲେଶ୍ୱରୀ ଟ୍ରେନ ରାୟଗଡାଠାରେ ଅଟକି ରହିଥିଲା। ଗୁରୁବାର ବର୍ଷା ଯୋଗୁ କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଳାଗୁଡା ଗାଁ ନିକଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ବର୍ଷା ଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକ ରହିଥିବା ସୂଚନା ମିଳିଛି।



ପାହାଡ଼ରୁ ମାଟି ଅତଡ଼ା ଧସି ରେଳ ଲାଇନ୍‌ରେ ପଡ଼ିଛି।

# ମୋଟୁରୁ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା

କାଲିମେଳା, ୩।୧୦ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅଧୀନ ମୋଟୁ ସୀମାନ୍ତ ମୁଗି ପଏଣ୍ଟରୁ କଂଗ୍ରେସ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହୋଇଛି। ମୋଟୁସ୍ଥିତ ମୁଗି ପଏଣ୍ଟରେ ଆୟୋଜିତ ସଭାରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପିସିସି ରାଜ୍ୟ ଉପସଭାପତି ଅମିତ ହୁସେନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ରାଜ୍ୟ ମିଡିଆ ସେଲ୍ ସଭାପତି ଅରବିନ୍ଦ ଦାସ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା ସଭାପତି ଜି.ଶ୍ରୀନିବାସ ରାଓ, ବିଧାୟକ ପ୍ରାର୍ଥୀ ମାଲା ମାଡ଼ି ପ୍ରମୁଖ ଯୋଗଦେଇଥିଲେ। ପିସିସି ସଭାପତି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାର ଅନେକ ମିଛ ପ୍ରତିଶ୍ରୁତି ଦେଇଥିବା ପିସିସି ସଭାପତି କହିଥିଲେ। ଓଡ଼ିଶାର ନ୍ୟାୟ ପାଇଁ ଲଢ଼େଇ। ସରକାରୀ ଉଦାସୀନତା ବିରୋଧରେ ଏହି ପଦଯାତ୍ରା ଜନ ଆନ୍ଦୋଳନ ଭାବେ ରାଜ୍ୟବ୍ୟାପୀ ଜାରି ରହିବ ବୋଲି ସେ କହିଛନ୍ତି।

ଲଗାଣ ବର୍ଷା ସତ୍ତ୍ୱେ ଏହି ବିଶାଳ ପଦଯାତ୍ରାରେ ଓଡ଼ିଶା ଏବଂ ଛତିଶଗଡ଼ ସୁକ୍‌ମା ଜିଲାରୁ ବହୁ କଂଗ୍ରେସ ନେତା, ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରାଟି ମୋଟୁରୁ କାଲିମେଳା ଏବଂ ପରେ ପୋଟେରୁ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାତ୍ରିଯାପନ ପରେ ପୁଣି ଶୁକ୍ରବାର ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ୧ବର୍ଷ ଧରି ଚାଲିବ। ସାରା ରାଜ୍ୟରେ ପ୍ରାୟ ୬,୦୦୦ କିଲୋମିଟର ପର୍ଯ୍ୟନ୍ତ ଏହି ପଦଯାତ୍ରା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ। ଭୋଟ ଚୋରି କରି କ୍ଷମତାକୁ ଆସିଥିବା ସରକାରଙ୍କୁ ଗାଦି ଛାଡ଼ିବା ପାଇଁ ଜନ ସମର୍ଥନ ସୃଷ୍ଟି କରାଯିବ ବୋଲି ପଦଯାତ୍ରାରେ ସାମିଲ ନେତାମାନେ କହିଥିଲେ। ଏଥିସହ ରାଜ୍ୟରେ ନାରୀ ନିର୍ଯାତନା, ଅଧିବାସୀଙ୍କୁ ଜଳ, ଜମି, ଜଙ୍ଗଲ ଅଧିକାର ଦେବା, ପୋଲାଭରମ ପ୍ରକଳ୍ପ ଓ ମହାନଦୀ ଜଳ ବିବାଦ ଭଳି ସମସ୍ୟା ସମାଧାନକରି ଲୋକଙ୍କୁ ନ୍ୟାୟ ଦେବା ଲକ୍ଷ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମହିଳାମାନେ ନିର୍ଯାତନାର ଶିକାର ହେଉଥିବା ବେଳେ ସରକାର ଆଖି ବୁଜି ଦେଉଥିବା କଂଗ୍ରେସ ନେତାମାନେ କହିଥିଲେ। ଏହି ପଦଯାତ୍ରାରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ଥିଲେ।



ମୁଗି ପଏଣ୍ଟରେ ଆୟୋଜିତ ସଭାରେ କଂଗ୍ରେସ ନେତାମାନେ।

# ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

## ବନ ଅଧିକାରୀ ବିଳମ୍ବରେ ପହଞ୍ଚିବାରୁ ତାତିଲେ ଲୋକେ

ନାକଟିଦେଉଳ,୩।୧୦(ବୈକୁଣ୍ଠନାଥ ସାହୁ )

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଥୁରିଆ ଗ୍ରାମରେ ବୁଧବାର ବଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଦଳି ମାରିଦେଇଛି ଦନ୍ତା। ମୃତ ବୃଦ୍ଧ ହେଲେ ଧୂତ ଦେହୁରୀ(୬୦)। ରେଢ଼ାଖୋଲ ପୋଲିସ ଗୁରୁବାର ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ସୀମା ଦ୍ୱନ୍ଦ୍ୱକୁ ନେଇ ବନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ଧୂତ ଗାଁ ମୁଣ୍ଡ ଧାନ କ୍ଷେତ ନିକଟରେ ଏକ ତେନ୍ତୁଳିଗଛ ତଳେ କୁଡ଼ିଆ କରି ଦୀର୍ଘ ବର୍ଷ ହେଲା ଏକାକୀ ରହି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ଧାନ ଖାଇବା ପାଇଁ ଦନ୍ତା ଗାଁରେ ପଶିଥିଲା। ଧୂତ ଶୋଇଥିବା ବେଳେ ଦନ୍ତା ତାଙ୍କ ଘର ଭାଙ୍ଗି ତାଙ୍କୁ ପାଦରେ ଦଳି ମାରି ଦେବା ସହ ଶରୀରକୁ ଖଣ୍ଡବିଖଣ୍ଡିତ କରିଦେଇଥିଲା। ଗୁରୁବାର ସକାଳୁ କେତେଜଣ ଗ୍ରାମବାସୀ ଧାନ କ୍ଷେତକୁ ଯାଇ ଥିବାବେଳେ ଖଣ୍ଡବିଖଣ୍ଡିତ ଶରୀର ଦେଖି ନାକଟିଦେଉଳ ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ଘଟିଥିବା ସ୍ଥାନର ସୀମାକୁ ନେଇ ଉଭୟ ନାକଟିଦେଉଳ ରେଞ୍ଜ ଏବଂ ରେଢ଼ାଖୋଲ ରେଞ୍ଜ ପରସ୍ପରକୁ ଦୋଷ ଦେଇ ଦୀର୍ଘସମୟ ଧରି ବନ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ରେଢ଼ାଖୋଲ ଡିଏଫ୍‌ଓ ଏଲାଭରେସନ କେ ସଦଳବଳ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଘେରି ଯାଇ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ । ମୃତକଙ୍କ ସମ୍ପର୍କୀୟଙ୍କୁ ଅନୁକମ୍ପା ରାଶି, ନର ହନ୍ତା ଦନ୍ତାକୁ ଅଞ୍ଚଳରୁ ତଡ଼ିପାର ସହିତ ସମ୍ପୃକ୍ତ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ଦାବି ନେଇ ଲୋକେ ଦୀର୍ଘ ସମୟ ଧରି ପାଟିତୁଣ୍ଡ କରିଥିଲେ। ଡିଏଫ୍‌ଓ ଏଲାଭରେସନ କେ ଏବଂ ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ ବେହେରା ଏବଂ ରେଢ଼ାଖୋଲ ପୋଲିସ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ସମ୍ପର୍କୀୟଙ୍କୁ ଶୀଘ୍ର ଅନୁକମ୍ପା ରାଶି ଯୋଗାଇ ଦିଆଯିବା ସହ ସମ୍ପୃକ୍ତ ରେଞ୍ଜର କର୍ମଚାରୀଙ୍କ କାର୍ଯ୍ୟକଳାପକୁ ତଦନ୍ତ କରି ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ।

# ୧୦୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସଂଗଠନକୁ ପୁଣି ଲାଗିଲା ଏକ ବଡ ଝଟ୍‌କା। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ଏକାସଙ୍ଗରେ ୧୦୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧ କୋଟି ୬ ଲକ୍ଷ ୩୦ ହଜାର ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ମଧ୍ୟ ସାମିଲ ଅଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମସମର୍ପଣ କରିଥିବା ବେଳେ ବିଜାପୁର ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ଆତ୍ମସମର୍ପଣ କରିଥିବା ୧୦୩ ମାଓବାଦୀଙ୍କ ମଧ୍ୟରୁ ଡିଭିସିଏମ୍‌ର ଜଣେ, ପିପିସିଏମ୍‌ର ୪ ଜଣ, ଏସିଏମ୍‌ର ୪ ଜଣ, ପ୍ଲାଟୁନ ପାର୍ଟି ସଦସ୍ୟ ଜଣେ, ଡିଏକେଏମ୍‌ଏସ୍ ଅଧ୍ୟକ୍ଷ ୩ ଜଣ, ସିଏନ୍‌ଏମ୍ ଅଧ୍ୟକ୍ଷ ୪ ଜଣ, କେଏଏମ୍‌ଏସ୍ ଅଧ୍ୟକ୍ଷ ୨ଜଣ, ଏରିଆ କମିଟି ପାର୍ଟିସଦସ୍ୟ ୫ ଜଣ, ମିଲିସିଆ କମାଣ୍ଡର ଓ ଡେପୁଟି କମାଣ୍ଡର ୫ଜଣ, ଜନତାନା ସରକାର ଅଧ୍ୟକ୍ଷ ୪ଜଣ, ପିଏଲଜିଏ ସଦସ୍ୟ ଜଣେ, ସିଏନ୍‌ଏମ୍ ସଦସ୍ୟ ୧୨ଜଣ, ଜନତାନା ସରକାର ଉପାଧ୍ୟକ୍ଷ ୪ଜଣ, ଡିଏକେଏମ୍‌ଏସ୍ ଉପାଧ୍ୟକ୍ଷ ଜଣେ, ଜନତାନା ସରକାର ସଦସ୍ୟ ୨୨ଜଣ, ମିଲିସିଆ ପ୍ଲାଟୁନ ସଦସ୍ୟ ୨୩ ଜଣ ଜିପିସି ୨ଜଣ, ଡିଏକେଏମ୍‌ଏସ୍ ସଦସ୍ୟ ୪ଜଣ, ଭୁମକାଲ ମିଲିସିଆ ସଦସ୍ୟ ଜଣେ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ଜଣ ହାର୍ଡକୋର ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ସହ ଶାନ୍ତିପୂର୍ଣ୍ଣ ଓ ସମ୍ମାନଜନକ ଜୀବନ ବିତାଇବା ପାଇଁ ପ୍ରେରଣା ଦିଆଯିବ ବୋଲି ବିଜାପୁର ପୋଲିସ ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି


**ଏସିସି କାର୍ଯ୍ୟାଳୟକୁ ଆସି ଟ୍ରଫି ନେବାକୁ କହିଲେ ନକ୍‌ଭି**

## ଆଇସିସି ନିକଟରେ ଫେରାଦ ହେବ ବିସିସିଆଇ

**ଦୁବାଇ, ୩।୧୦ (ପି.ଟି.)**

ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି ରହିଥିବା ବେଳେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମହସିନ ନକ୍‌ଭି ଇତିମଧ୍ୟରେ କହିଛନ୍ତି, ଭାରତୀୟ ଦଳ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ଟ୍ରଫି ସଂଗ୍ରହ କରିନେଲେ ତାହାକୁ ସେ ସ୍ୱାଗତ କରିବେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ତାଙ୍କର ଏକ ପୋଷ୍ଟରେ ସେ କହିଛନ୍ତି, ରବିବାର ପୁରସ୍କାର ବିତରଣ ଉତ୍ସବରେ ସେ ତାଙ୍କ କାର୍ଯ୍ୟକଳାପକୁ ନେଇ ମଙ୍ଗଳବାର ଅନୁଷ୍ଠିତ ଏସିସି ଏଜିଏମ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ କ୍ଷମା ମାଗିଛନ୍ତି ବୋଲି ରିପୋର୍ଟରେ ଯାହା ପ୍ରକାଶ ପାଇଛି ତାହା ଭିତ୍ତିହୀନ। ସୂଚନାଯୋଗ୍ୟ, ପୁରସ୍କାର ବିତରଣ ଉତ୍ସବରେ ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳ ଏସିସି ଚେୟାରମ୍ୟାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବାରୁ ନକ୍‌ଭି ଟ୍ରଫିକୁ ନେଇ ଚାଲିଯିବାପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନକ୍‌ଭି ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଓ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଅଟନ୍ତି, ତାଙ୍କ ଆଚରଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେ ହେଉଛି। 'ଏକ୍ସ'ରେ ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଟ୍ରଫି ହସ୍ତାନ୍ତର କରିବା ଲାଗି ସେ ଏବେ ମଧ୍ୟ ପ୍ରସ୍ତୁତ ଅଛନ୍ତି, ସେମାନେ ଚାହିଁଲେ ଆସି ତାଙ୍କଠାରୁ ନେଇଯାଇ ପାରନ୍ତି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି କିମ୍ବା ବିସିସିଆଇ ନିକଟରେ କେବେ ଭୁଲ୍ ମାଗି ନାହାନ୍ତି କିମ୍ବା ଭବିଷ୍ୟତରେ ମାଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଏସିସି ଏଜିଏମ୍‌ରେ ଭାରତ ତରଫରୁ ଆଶିଷ ଶେଲର ଓ ରାଜୀବ ଶୁକ୍ଲା ପ୍ରତିନିଧିତ୍ୱ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରବା ପରେ ଚାମ୍ପିୟନ ଦଳକୁ ଟ୍ରଫି ହସ୍ତାନ୍ତର କରାଯାଇ ନ ଥିବାରୁ ଦୁହେଁ ଆପତ୍ତି କରିବା ସହିତ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ନକ୍‌ଭି ବିସିସିଆଇ ଅଫିସିଆଲଙ୍କୁ କହିଥିଲେ, ସେ ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ସେଦିନ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯିବା ଦ୍ୱାରା ଏହା ବିସିସିଆଇ ଅଫିସିଆଲଙ୍କୁ ଆହୁରି ବ୍ୟଥିତ କରିଥିଲା। ବିସିସିଆଇ ଏହି ପ୍ରସଙ୍ଗକୁ ନଭେମ୍ବରରେ ହେବାକୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ଉଠାଇବ। ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପରକୁ ୩ଥର ଭେଟିଛନ୍ତି। ଭାରତ ଫାଇନାଲ ସମେତ ପ୍ରତ୍ୟେକ ମ୍ୟାଚରେ ବିଜୟ ଲାଭ କରିଛି। ଭାରତ ଏହି ଇଭେଣ୍ଟ ବେଳେ ପାକିସ୍ତାନ ଖେଳାଳିଙ୍କ ସହ 'ନୋ ହ୍ୟାଣ୍ଡସେକ୍ ପଲିସି' ଆପଣେଇଥିଲା। ଏହା ପିସିବିକୁ କ୍ରୋଧିତ କରିଥିଲା। ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଶତ୍ରୁତା ଚରମସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରାୟୋଜିତ ଏହି ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ଭାରତୀୟ ପର୍ଯ୍ୟଟକଙ୍କ ପ୍ରାଣହାନି ଘଟିଥିଲା। ପରେ ଭାରତ ତରଫରୁ 'ଅପରେଶନ ସିନ୍ଦୂର' ଶୀର୍ଷକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୀମା ଆରପଟେ ରହିଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦିଆଯାଇଥିଲା।


ଏସିଆ କପ୍ ଟ୍ରଫି ଓ ମହସିନ ନକ୍‌ଭି।

# ରସନାରା ପରୱିନଙ୍କ ଅବସର



**ଭୁବନେଶ୍ୱର, (ତପନ ସ୍ୱାଇଁ), ୩।୧୦**
**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୯୨ ମେ ୪ରେ ବଲାଙ୍ଗୀରରେ ଜନ୍ମିତ ରସନାରା ୨୦୧୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୧୩ ମହିଳା କ୍ରିକେଟ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୋଟିଏ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଘରୋଇ କ୍ରିକେଟରେ ଓଡ଼ିଶା ପକ୍ଷରୁ ବହୁ ସଂଖ୍ୟାରେ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ତାଙ୍କର ଅବଦାନକୁ ଦୃଷ୍ଟିରେ ରଖି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅନ୍ୟ ସମସ୍ତ ସଦସ୍ୟମାନେ ରସନାରାଙ୍କୁ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ରୋସନାରା ଓଡିଶା ପୋଲିସ ବିଭାଗରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

# ଫିନେଷ୍ଟା ନ୍ୟାଶନାଲରେ ଆହାନଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଫିନେଷ୍ଟା ନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ବାଳିକା ଡବଲ୍ସରେ ଓଡ଼ିଶାର ଆହାନ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ସଭିତା ଭୁବନେଶ୍ୱର ଓ ଆହାନଙ୍କ ଯୋଡ଼ି ଫାଇନାଲରେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷ ଓ ତାମିଲନାଡୁର ଦୀପଶିଖା ଭି.ଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ଆହାନଙ୍କ ପାଇଁ ଏହା ସ୍ମରଣୀୟ ସପ୍ତାହ ହୋଇଛି। କାରଣ ସେ ଗୁରୁଗ୍ରାମଠାରେ ଡବ୍ଲ୍ୟୁ୧୫ରେ ପଦାର୍ପଣ କରି ଓଡ଼ିଶାର ପ୍ରଥମ ବାଳିକାଭାବେ ଆଇଟିଏଫ୍ ମହିଳା ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଫଳରେ ତାଙ୍କ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍ ୧୮୧୮ ରହିଛି। ଗୁରୁକୁଳ ଟେନିସ ଏକାଡେମୀରେ କୋଚ୍ ସନ୍ତୋଷ କୁମାର ମଲିକ ଏବଂ ମେଣ୍ଟର ତଥା ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କ ନିକଟରୁ ଟ୍ରେନିଂ ନେଉଥିବା ଆହାନ ଲଗାତର ସଫଳତା ହାସଲ କରି ଓଡ଼ିଶା ଟେନିସ ପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି।


ଡବଲ୍ସରେ ଟାଇଟଲ ବିଜୟୀ ଆହାନ।

# କେନିଆ, ଜାପାନ କୋଚ୍‌ଙ୍କୁ କାମୁଡ଼ି ଦେଲା ବୁଲା କୁକୁର

**ନୂଆଦିଲ୍ଲୀ, ୩।୧୦ (ପି.ଟି.):** ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ କେନିଆ ଓ ଜାପାନର କୋଚ୍ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଆୟୋଜକଗଣଙ୍କ ପାଇଁ ଏହା ଏକ ଲଜ୍ଜାଜନକ ବିଷୟ। ସ୍ଥାନୀୟ ଏକ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ପରେ ଦୁହେଁ ବିପଦ ମୁକ୍ତ ଅଛନ୍ତି। ଖବର ଅନୁସାରେ ଜବାହରଲାଲ ନେହରୁ ଷ୍ଟାଡିୟମର ପ୍ରତି ଯୋଗିତାସ୍ଥଳ ବାହାରେ କେନିଆ କୋଚ୍ ଡେନିସ ମାରାଗିଆ ତାଙ୍କର ଜଣେ ଆଥଲେଟଙ୍କ ସହ କିଛି କଥା ହେଉଥିବା ବେଳେ ଏକ ବୁଲା କୁକୁର ଆକସ୍ମିକ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ଜାପାନିଜ ମହିଳା କୋଚ୍ ମିକୋ ଓକୁମାତ୍ସୁ ମୁଖ୍ୟ ପ୍ରତିଯୋଗିତା ସ୍ଥଳ ନିକଟବର୍ତ୍ତୀ ଏକ ୱାର୍ମଅପ୍ ଟ୍ରାକ୍‌ରେ ତାଙ୍କ ଆଥଲେଟମାନଙ୍କ ଟ୍ରେନିଂ କାର୍ଯ୍ୟ ତଦାରଖ କରୁଥିବା ବେଳେ ଏକ ବୁଲା କୁକୁର ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସକାଳ ୧୦ଟାରେ ଏହି ଘଟଣା ଘଟିଥିବା ପ୍ରକାଶ।

**ମହିଳା କ୍ରିକେଟ ବିଶ୍ୱକପ**

# ଇଂଲଣ୍ଡ, ବାଂଲାଦେଶ, ଅଷ୍ଟ୍ରେଲିଆ ବିଜୟୀ

**ଗୁଆହାଟୀ, ୩।୧୦:** ମହିଳା କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଇଂଲଣ୍ଡ ୧୦ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନରେ ଅଲ୍‌ଆଉଟ ହୋଇଥିଲା। ୭୦ ରନର ବିଜୟ ଲକ୍ଷ୍ୟକୁ ପିଛାକରି ଇଂଲଣ୍ଡ ୧୪.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୩ ରନ ସଂଗ୍ରହ କରି ନେଇଥିଲା। ଆମି ଜୋନ୍ସ ୪୦ ଓ ଟାମି ବିଉମଣ୍ଟ ୨୧ ରନରେ ଅପରାଜିତ ରହିଥିଲେ। କଲମ୍ବୋରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ବାଂଲାଦେଶ ୭ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୩୦ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୩୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଇନ୍ଦୋରରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଆଶଲେ ଗାର୍ଡନର (୧୧୫)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୪୯.୩ ଓଭରରେ ୩୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍ (୧୧୨)ଙ୍କ ଶତକ ସତ୍ତ୍ୱେ ୪୩.୨ ଓଭରରେ ୨୩୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ୨୨ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶା (ବାଳିକା ଓ ବାଳକ) ଦଳ ଇନ୍ଦୋର ଯାତ୍ରା କରିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ବାଳିକା-ବିଶ୍ୱମୟୀ ହାତୀ (ଅଧିନାୟିକା), ଅଲିଶା ପ୍ରିୟଦର୍ଶିନୀ, ସୁଶ୍ରୀ ଲେଙ୍କା, ପଲ୍ଲବୀ ସାହୁ, ସୃଷ୍ଟି, ନଫିସା ନାଜ୍। ବାଳକ-ପ୍ରୀତୀଶ ଆର୍ଯ୍ୟନ ଜେନା (ଅଧିନାୟକ), ରାଜୀବ ସାହୁ, ଧ୍ରୁବଜ୍ୟୋତି ସ୍ୱାଇଁ, ସ୍ୱସ୍ତିକ ସୁକୁମାର ପ୍ରହରାଜ, ମୋହନ ପାତ୍ର, ପ୍ରୀତ ପ୍ରୀତମ ଜେନା, ଅର୍ମାନ ସୁବୁଦ୍ଧି।


ଇନ୍ଦୋରରେ ଆୟୋଜିତ ଜାତୀୟ ରୋଲ୍ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଭାରତୀୟ ମହିଳା ଦଳର ଟ୍ରେନିଂ ବେଳେ ସାପ

**କଲମ୍ବୋ, ୩।୧୦ (ପି.ଟି.):** ଆର୍. ପ୍ରେମାଦାସା ଷ୍ଟାଡିୟମରେ ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ ଦଳ ଟ୍ରେନିଂ ନେଉଥିବା ବେଳେ ଏକ ସାପର ଅବିର୍ଭାବ ଦ୍ୱାରା ଚହଳ ସୃଷ୍ଟି କରିଥିଲା। ଏହି ସାପ ଅବଶ୍ୟ ବିଷାକ୍ତ ନୁହେଁ କିମ୍ବା ଦଂଶନ କରି ନ ଥାଏ, କେବଳ ମୂଷାର ସନ୍ଧାନରେ ଥାଏ। ସିଂହଳୀ ଭାଷାରେ ଏହାକୁ ଗାରାଣ୍ଡିଆ କୁହାଯାଇଥାଏ। ଏଭଳି ସରୀସୃପ ଏହି ଭେନ୍ୟୁରେ ଦେଖାଦେବା ଅସ୍ୱାଭାବିକ ନୁହେଁ। ଶ୍ରୀଲଙ୍କା ପ୍ରିମିୟର ଲିଗ୍ ବେଳେ ଜୁଲାଇରେ ଶ୍ରୀଲଙ୍କା-ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ ବେଳେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁକ୍ରବାର ଭାରତୀୟ ଖେଳାଳିମାନେ ସେଣ୍ଟର ଉଇକେଟରୁ ନେଟ୍ସ ଆଡକୁ ଯାଉଥିବା ବେଳେ ଷ୍ଟାଡିୟମର ଷ୍ଟାଣ୍ଡ ତଳେ ରହିଥିବା ଡ୍ରେନ୍‌ରେ ଏହି ଧୂସର-ବାଦାମି ରଙ୍ଗର ସାପଟିକୁ ଦେଖିବାକୁ ମିଳିଥିଲା। ଏଥିରେ ଭୟଭୀତ ନ ହୋଇ ଭାରତୀୟ କ୍ରିକେଟର, ସପୋର୍ଟ ଷ୍ଟାଫ୍ ଏପରିକି ଉପସ୍ଥିତ ଗଣମାଧ୍ୟମ କର୍ମଚାରମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

# କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଛି। ପ୍ରଥମ ଦିବସରେ ୨ ରାଉଣ୍ଡ ଏବଂ ପରବର୍ତ୍ତୀ ୪ ଦିନରେ ଅବଶିଷ୍ଟ ୭ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହେବ। ଜିମ୍ବାୱେରୁ ଜଣେ ଏବଂ ଭାରତର ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଭାଗ ନେଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଦୂରଦର୍ଶୀ ମିଡିଆର ଚିଫ୍ ଏଡିଟର ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଚେସ୍ ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ୮୯ ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ୨,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।


ଅତିଥିମାନେ ଗୋଟି ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ସାହିଲଙ୍କ ଉପରୁ ବାସନ୍ଦ ହଟିଲା

**ନୂଆଦିଲ୍ଲୀ, ୩।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ବିଶିଷ୍ଟ ଭଲିବଲ ଖେଳାଳି ସାହିଲ କୁମାରଙ୍କ ଉପରେ ଲାଗୁ ହୋଇଥିବା ସାମୟିକ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି। ଦୂଷିତ ଉତ୍ପାଦ ବ୍ୟବହାର ଦ୍ୱାରା ସାହିଲ ଡୋପ୍ ଟେଷ୍ଟରେ ଧରାପଡ଼ି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ନିଷ୍ପତ୍ତି ସାହିଲଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେ ଚଳିତ ପ୍ରାଇମ୍ ଭଲିବଲ୍ ଲିଗ୍ ସିଜନ-୪ରେ ଗୁରୁବାର କାଲିକଟ ହିରୋଜ ବିପକ୍ଷ ମ୍ୟାଚରେ ହାଇଦ୍ରାବାଦ ବ୍ଲାକ୍ ହକ୍ସ ତରଫରୁ ଖେଳିପାରିବେ। ସାହିଲଙ୍କୁ ଜୁନ୍ ୧୨ରେ ସାମୟିକ ନିଲମ୍ବନ କରାଯାଇଥିଲା।

# ବ୍ୟକ୍ତିଗତ ଶ୍ରେଷ୍ଠ ସତ୍ତ୍ୱେ ସୁଚିତ୍ରା ୬ଷ୍ଠ

**ବିଶ୍ୱ ପାରା ଆଥଲେଟିକ୍ସ**

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ସୁଚିତ୍ରା ପରିଡ଼ା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୫/୫୬ ଫାଇନାଲରେ ସୁଚିତ୍ରା ୧୮.୨୯ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଛନ୍ତି। ଲାଟିଭିଆର ଡିଆନା କ୍ରୁମିନା ୨୬.୧୮, ବ୍ରାଜିଲର ରାଇସା ରୋଚା ମାଚାଡୋ ୨୩.୯୦ ଓ ଇରାନର ଜେନାବ ମୋରାଡି ରାସନୋଉ ୨୨.୦୬ ମିଟର ଥ୍ରୋ କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।



ଗ୍ୱାଲିୟରଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ୭ମ ଜାତୀୟ ହୁଇଲ ଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ୧୦ରୁ ଊର୍ଦ୍ଧ୍ୱ ରାଜ୍ୟ ଦଳ ଅଂଶଗ୍ରହଣ କରୁଛନ୍ତି।


**Classified Everyday**
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296.
D-1941

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552.
D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952.
D-02

ResortatPuriinvestment- 20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925.
D-2172




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.**
D-1985

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255.
D-76495

**AFFIDAVIT**

By virtue of an affidavit before Notary Public, Kantabanji 03.10.2025 that before marriage I known as Laxmi Bag D/o- Padindra @ Phanindra Bag which is mentioned in my previous Aadhaar Card and Bank account. But after marriage to Akshya Deep I known as Laxmi Deep W/o- Akshya Deep of Village- Barghati, P.O./P.S.- Deogaon, Dist.- Bolangir, Odisha is same and one person.
D-2175

# ମଣିଷ ହାଟ

ଗଳ୍ପ

ଆଶୁତୋଷ ଧଳ



ମେଞ୍ଚାଏ ଧୂମାଭ ମେଘମାଳା ସାରା ସହରଟାକୁ ଘୋଡ଼େଇ ରଖିଛି। ପଉଷ ମାସରେ ଝିପିଝିପି ବେଖିଆଲି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି। ଶୀତଚାଦରର ଘୋଡ଼ଣିଟା କଶ୍ମୀରର ଭ୍ରମ ସୃଷ୍ଟି କରିସାରିଲାଣି। ଆସନ୍ତା ଅଠଚାଳିଶ ଘଣ୍ଟା ପର୍ଯ୍ୟନ୍ତ ପାଗ ବଦଳିବାର ସୂଚନା ନାହିଁ।

ଅନିମେଶ କାର୍ ନେଇ ଅଫିସ ବାହାରିଗଲେ। ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍‌ରେ ଦେଇଦେଲେ। ବ୍ୟାଗ୍‌ରେ ଛତା, ପାଣି ବୋତଲ, ଆପେଲ, ବିସ୍କୁଟ ପ୍ୟାକେଟ ରଖିଦେଲେ।

ଅଧୁନା ସଦା ଚଞ୍ଚଳା ସାବିତ୍ରୀ ନିଜର ସମସ୍ତ ନିତ୍ୟକର୍ମ ସାରି ଚାହା କପ୍‌ଟିଏ ଧରି ବାଲ୍‌କୋନିକୁ ଆସିଲେ। ଦୁଲୁକାଏ ବର୍ଷା ମିଶା ଥଣ୍ଡାପବନ ଘର ଭିତରକୁ ଜୋର୍‌କରି ପଶିଆସିଲା। ସରପଟିଆ ଓଦା ହୋଇଗଲେ ସେ। ଓଃ କି କୋହଲା ପାଗ। କିଛି କାମରେ ମନ ଲାଗୁ ନ ଥାଏ। ଚାହା ପିଇ ସାରି ସେ ଘର ସଫେଇରେ ଲାଗିପଡ଼ିଲେ।

ନଜର ପଡ଼ିଗଲା ଦୀର୍ଘ ତିରିଶ ବର୍ଷ ପୂର୍ବେ ତିଆରି ହୋଇଥିବା ଜେଜେମା'ଙ୍କ(ଅନିମେଶଙ୍କ ଜେଜେମା') ପଟ୍ଟଚିତ୍ର ଉପରେ। ଫଟୋଫ୍ରେମ୍ ଉପରେ ଈଷତ୍ ଧୂଳି ମଇଳା ଜମାହୋଇଥିଲା। ସାବିତ୍ରୀ କପଡ଼ାଟେ ଧରି ପୋଛିବାକୁ ଲାଗିଲେ। ପୋଛାପୋଛି ସାରି ସେ ଫଟୋଟିକୁ ପୂର୍ବବତ୍ କାନ୍ଥରେ ଟଙ୍ଗାଇଦେଲେ। ଦୂରରୁ ଥାଇ ଏକଲୟରେ ନିରୀକ୍ଷଣ କଲେ। ଜେଜେମା' ଚେୟାରରେ ବସି ହାତ ଆଗକୁ କରି ଖିଲିଖିଲି ହସୁଥିଲେ। ସାବିତ୍ରୀ ଆହୁରି ପାଖକୁ ଗଲେ। ସ୍ମୃତିର ନିଆଁରେ ସେ ଛଟପଟ ହେଉଥିଲେ।

ଦୀର୍ଘ ଏକତିରିଶ ବର୍ଷ। ଏମିତି ଏକ କୋହଲା ବର୍ଷା ପାଗରେ ସେ ବୋହୂ ହୋଇ ଆସିଥିଲେ। କି ଅଦିନିଆ ବର୍ଷା। ଅମାନିଆ ବର୍ଷା ବେହାଲ କରିଥିଲା ସମସ୍ତଙ୍କୁ। ଘରୁ ବିଦାୟ ନେଇଥିବା ଦୁଃଖରେ ଆଖିର ଲୁହଗୁଡ଼ାକ ଆଖିରେ ଶୁଖିଯାଇଥିଲା। ମୁହଁର ସତେଜ ମଉଳି ଯାଇଥିଲା।

ଆମ୍ବାସାଡର୍ କାର୍‌ଟି ଗାଁ ଯାକ ବୁଲିଆସି ଯେତେବେଳେ ଅନିମେଶଙ୍କ ମାଟିଘରର ବାଉଁଶ ଗେଟ୍ ପାଖରେ ଅଟକି ଗଲା ସେତେବେଳେ କାର୍‌ର ଝରକା ପାଖରେ ଅନେକ ମହିଳା ଭିତରେ ଜଣେ କଳା ମଚମଚ, ଧୁକୁଡ଼ି ଯାଇଥିବା ଚମ, ଅସଜଡ଼ା ପାଚିଲା କେଶଧାରି ପତଳା ୮୦ ବର୍ଷର ବୁଢ଼ୀଟିଏ ଛିଡ଼ା ହୋଇଥିଲେ। ଅନିମେଶ ସହ ସାବିତ୍ରୀ କାର୍‌ର ଗେଟ୍ ଖୋଲି ବାହାରକୁ ଆସିଲେ। ଶଙ୍ଖ ହୁଳହୁଳି ଭିତରେ ଅନିମେଶ କହିଲେ ଇଏ ମୋ' ଜେଜେମା'। ସାବିତ୍ରୀ ପ୍ରଣିପାତ ପୂର୍ବକ ନଇଁଲାବେଳକୁ ଜେଜେମା' ହାତଧରି ମୁଣ୍ଡ ଉଠାଇ ଦେଲେ। ମୋତେ କୋଳାଗ୍ରତ କରି ମୋ' ଓଠରେ ଚୁମ୍ବନ ଦେଲାବେଳେ ଜେଜେମା' କହିଲେ, ଅହିସୁଲକ୍ଷଣୀ ହୋଇଥାଆ, ପାଚିଲା ବାଳରେ ସିନ୍ଦୂର ନାଇଥାଆ।

ନୂଆ ଶାଢ଼ିଟିଏ ଖୋଲି କେଇଜଣ ଉପରେ ଧରିଥିଲେ। ସାବିତ୍ରୀ ତା'ରି ଭିତରେ ନଇଁନଇଁ ଏରୁଣ୍ଡି ଡେଇଁଲେ। ଈଷତ୍ ଆଲୋକ ଥିବା ଅନ୍ଧାରୁଆ ଘରେ ଖଟ ଉପରେ ବସିଲାବେଳକୁ ଜେଜେମା' ମୋ' ପାଖକୁ ଲାଗି ଆସି କହିଲେ ତୋ' ନାଁ କିସ?

ମୁଁ କହିଲି ସାବିତ୍ରୀ।

ମୋ' ନାଁଟିକୁ ତାଙ୍କ ପାକୁଆ ପାଟିରେ ସଠିକ୍ ଉଚ୍ଚାରଣ କରି ନ ପାରି ସେ କହିଲେ, ଆଜିଠୁ ମୁଁ ତୋତେ ସାବି ବୋଲି ଡାକିବି।

ମୋ' ମୁହଁରେ ହସର ସଞ୍ଚାର।

ସେଇଦିନଠୁ ମୁଁ ସାବିତ୍ରୀରୁ ସାବି ପାଲଟି ଗଲି। କେବେ ମୁଁ ଜେଜେମା'ର ନଜରରୁ ହଟିଗଲେ, ଜେଜେମା' ପାଟି କରନ୍ତି ସାବି, ସାବି, ଏ ସାବି କୁଆଡ଼େ ଗଲୁ। ଆ ମୋତେ ଗଣ୍ଡେ ପଖାଳ ବାଢ଼ିଦେବୁ।

ସେତେବେଳେ ଅନିମେଶଙ୍କ ଦୂର ସହରରେ ଚାକିରି। ମଝିରେ ମଝିରେ ଘରକୁ ଆସନ୍ତି। ଜେଜେମା' ମୋର ସବୁ ଖିଆଲ ରଖନ୍ତି। ମୁଁ କ'ଣ ଖାଇବି, କ'ଣ ପିନ୍ଧିବି ସବୁ କଥା ବୁଝନ୍ତି। ଗାଁଗଣ୍ଡାରୁ ଯାହା ଆଣନ୍ତି ମୋରି ଆଗରେ ଅଜାଡ଼ି ଦିଅନ୍ତି। କହନ୍ତି ଏଇଟା ଆମ୍ବୁଲ ଦେଇ ଅଣ କରିବୁ, ଏଇଟା ବାଟିବସା କରିବୁ, ଏଇଟା ପୋଡ଼ି ଚଟଣୀ କରିବୁ।

ଜେଜେମା' ଦଉଡ଼ିଆ ଖଟରେ ଶୋଇପଡ଼ିଲା ବେଳେ ମୁଁ ତାଙ୍କ ପାଦ ପାଖରେ ବସିଯାଏ। ସୋରିଷ ତେଲ ପାଦରେ ଲଗାଇ ଦେଉଦେଉ ଜେଜେମା' କହନ୍ତି ଥାଉ ଥାଉ ସେତିକି ଥାଉ ଏବେ ଯାଆ ଶୋଇପଡ଼ିବୁ। ମୁଁ କିଛିକ୍ଷଣ ଜେଜେମା' ପାଖେ ଶୋଇପଡ଼େ। ଜେଜେମାଙ୍କ ଅନାବିଳ ଭଲ ପାଇବା ମୋତେ ଖୁବ୍ ଆପଣାର କରିଦିଏ, ମୋର ସବୁ ଦୁଃଖକୁ ପାସୋରି ଦିଏ।

ଦିନେ ରାତିରେ ମୁଁ ଖଟ ଉପରେ ଏକୁଟିଆ ଶୋଇଥାଏ। ରାତି ଅନେକ ହେଲାଣି। ନିଦ ଠିକ୍ ସେ ହେଉ ନ ଥାଏ। ଅନିମେଶ ନ ଥାନ୍ତି। ମୁଁ କଡ଼ ଲେଉଟାଉଥାଏ। ଘରଟା ଅନ୍ଧାର। ହଠାତ୍ କାହା ହାତର ସ୍ପର୍ଶ। ମୁଁ ଚମକି ପଡ଼ିଲି। ସାବି, ସାବି ଶୋଇପଡ଼ିଲୁଣି। ଶୋଇଯା, ସେ (ଅନିମେଶ) ପରା ଆଉ ଦୁଇଦିନ ପରେ ଆସିବ।

ମୁଁ କଡ଼ ଲେଉଟଉ ଲେଉଟଉ ପାହାନ୍ତିଆ ହୋଇଯାଏ।

ଜେଜେମା' ଉଠି ଗୋବର ପାଣି ପକାଉପକାଉ ମୁଁ ପହଁରା ଧରି ଅଗଣା ଓଳାଏ।

ସେଇ ବର୍ଷ, କି ଲଗାତାର ବର୍ଷା। ସୁବର୍ଣ୍ଣରେଖାରେ ସାତ ସାତଟି ବନ୍ୟା। ଘର ଆଗରେ ପାଣିର ସୁଅ। ନିତ୍ୟକର୍ମ କରିବା ମୁସ୍କିଲ ହୋଇଯାଏ। ସାନ ଦିଅର କେତେଟା କଦଳୀ ଗଛର ଗଣ୍ଡିରେ ଭେଳାଟିଏ ପ୍ରସ୍ତୁତ କରି ମୋତେ କେତେ ବିଲ ପାର କରି, ବାଉଁଶ କାତ ମାରି ଗାଁ ମୁଣ୍ଡ ଉଚ୍ଚପଠାକୁ ନେଇ ଯାଆନ୍ତି। ମୁଁ ସେଇଠି ମୋର ନିତ୍ୟକର୍ମ ଶେଷ କରେ। ବିଲ ବାଡ଼ିରେ ଅଥଳ ପାଣି।

ସେଦିନ ବନ୍ୟାରେ ମୁଁ ଅପରାହ୍ଣରେ ଦିଅର ସହ ଭେଳାରେ ଯାଇଥାଏ ସେଇ ପଠାକୁ। ଫେରିଲା ବେଳକୁ ଭେଳାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଲା।

କେହି ଜଣେ ଆସି ଜେଜେମା'ଙ୍କୁ କହିଲା ତୋ' ନାତୁଣୀ ବୋହୂ ପାଣିରେ ବୁଡ଼ିଗଲା।

ଜେଜେମା' ହାତରେ ବାଡ଼ି ଖଣ୍ଡେ ଧରି ଆଣ୍ଠୁଏ ପାଣିରେ ଚବର୍ ଚବର୍ କରି ବାହାରି ଆସି କୋହଭରା ଥରିଲା କଣ୍ଠରେ ଡାକ ପକାଇଲେ ସାବି... ସାବି... ଏ ସାବି...

କୁଆଡ଼େ ଗଲୁରେ!

ସାବି... ସାବି... ଏ ସାବି...

ସାଇ ପଡ଼ିଶାର ଲୋକଙ୍କୁ ନେହୁରା ହୋଇ କହିଲେ ମୋ' ବୋହୂ କୁଆଡ଼େ ଭାସିଗଲା, ଦେଖରେ।

ସେତେବେଳକୁ ପଶ୍ଚିମ ଆକାଶର ଅସ୍ତମିତ ସୂର୍ଯ୍ୟର ଲେଲିହାନ ଶିଖା ପାଣିରେ ପଡ଼ି ଚିକ୍‌ମିକ୍ କରୁଥାଏ। ସଞ୍ଜ ନଇଁ ଆସୁଥାଏ। ଗାଁ ଭିତରୁ ଶଙ୍ଖଧ୍ୱନି ଭାସି ଆସୁଥାଏ।

ମୋ' ଦିଅର ଭେଳାକୁ ସଳଖି ମୋତେ ପୁଣି ଭେଳା ଉପରକୁ ଉଠାଇ ଦେଇଥିଲେ। ମୁଁ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିଲି।

ଦୂରରୁ ଜେଜେମା'ର ପାଟି ଶୁଭୁଥାଏ। ଦିଅର ପାଟି କରି କହୁଥିଲେ, ମୁଁ ଆସୁଛି ଜେଜେମା'...

ଜେଜେମା' କାନକୁ ଠିକ୍ ଶୁଭୁ ନ ଥାଏ।

ସେ ସେମିତି ପାଟି କରି ଡାକୁଥାନ୍ତି ସାବି... ସାବି... ଏ ସାବି କୁଆଡ଼େ ଗଲୁରେ...

ଜେଜେମା'ର ବିକଳ କଣ୍ଠଟା ମୋତେ ଶୁଭୁଥାଏ।

ସେ ଡାକରେ ଭରିରହିଥାଏ ଅମାପ ସ୍ନେହ, ଭଲପାଇବା, ଶ୍ରଦ୍ଧା, କରୁଣା। ଯେମିତି ଆମ ଭେଳାଟି ଘରେ ପହଞ୍ଚିଲା ଜେଜେମା' ମୋତେ କୁଣ୍ଢାଇ କାନ୍ଦି ପକାଇଲେ। ତାଙ୍କ ଆଖିରେ ଅଜସ୍ର ଲୁହର ଧାରା।

କେଇଦିନ ଧରି ମୁଁ ନୂଆ ବୋହୂ ହୋଇ ଆସିଛି। ଏତେ ସ୍ନେହ ଭଲପାଇବା ମୋତେ ଆହୁରି ବିହ୍ୱଳିତ କରିଦେଲା। ମୁଁ ଭାବପ୍ରବଣ ହୋଇଗଲି। ଜେଜେମା'ଙ୍କ ବାହୁ ବନ୍ଧନରେ ଛନ୍ଦିହୋଇ ପଡ଼ିଲି।

ମୋ' ବଡ଼ପୁଅର ଏକୋଶିଆ ପରଦିନ ଜେଜେମା' ଆରପାରିକୁ ଚାଲିଗଲେ। ଠିକ୍ ତିରିଶ ବର୍ଷ ତଳେ।

ମୁଁ ଏ ମଣିଷ ହାଟରେ ନିଇତି ମଣିଷ ଖୋଜୁଛି। ଏମିତି ସ୍ନେହୀ ଦରଦୀ ମଣିଷ ଆଜିର ଦୁନିଆରେ ମିଳେନା।

ସାବିତ୍ରୀ ସେମିତି ଜେଜେମା' ଆଖିକୁ ଅନାଇ ରହିଥାନ୍ତି। ଫଟୋ ଭିତରୁ ଥାଇ ଜେଜେମା' ଡାକ ପକାଉ ଥାଆନ୍ତି ସାବି... ସାବି... ଏ ସାବି...

ମୋ: ୯୧୭୮୩୦୦୩୭୭

## ପୁସ୍ତକ ପରିଚୟ


### ଭାଗ୍ୟ




**ମୂଳ ଇଂଲିଶ୍:** କର୍ମଯୋଗୀ
**ଓଡ଼ିଆ ରୂପାନ୍ତର:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ପ୍ରାରମ୍ଭିକ ପୃଷ୍ଠାଗୁଡ଼ିକୁ ବାଦ୍ ଦେଲେ ଆଲୋଚ୍ୟ ବହିଟି ଡିମାଇ ସାଇଜ୍‌ରେ ମାତ୍ର ୬୦ ପୃଷ୍ଠାର କଳେବର ବିଶିଷ୍ଟ, କିନ୍ତୁ ଭାଗ୍ୟ ସମ୍ପର୍କରେ ବହିର ମୂଳ ଲେଖକ କର୍ମଯୋଗୀ ଏଥିରେ ଯେଉଁ ଆଧ୍ୟାତ୍ମିକ ବିଶ୍ଳେଷଣ କରିଛନ୍ତି ; ତାହା ଶାମୁକା ଗର୍ଭରେ ମୁକ୍ତା ପରି ମୂଲ୍ୟବାନ୍ ଓ ବିରଳ। ଏପରି ଏକ ବିରଳ ରଚନାକୁ ଅନୁବାଦକ ବାବାଜି ଚରଣ ସରଳ ଓ ବୋଧଗମ୍ୟ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠିକାପାଠକଙ୍କ ସହଜଗମ୍ୟ କରିପାରିଛନ୍ତି। କର୍ମଯୋଗୀ ତାଙ୍କର ଇଂଲିଶ୍ ମୁଖବନ୍ଧରେ ଲେଖିଛନ୍ତି: "This book explains the process of creation of Luck in our lives. It also brings into fore how The Mother's force helps the formation of Luck." କର୍ମଯୋଗୀ କହିଛନ୍ତି- ଇହ ଜୀବନରେ ଘଟୁଥିବା ପରାଭବର ହେତୁ ହେଉଛି ପୂର୍ବଜନ୍ମ ବା ଅତୀତର କର୍ମ। କିନ୍ତୁ ଦିବ୍ୟଜୀବନ ପ୍ରାପ୍ତିରେ ଅତୀତର ସମସ୍ତ କର୍ମ ମୂଳପୋଛ ହୋଇଯାଏ। ତେଣୁ ଦିବ୍ୟ ଜୀବନ ପାଇଁ ଭବିଷ୍ୟତ ସମ୍ଭାବନାମୟ ହୋଇଉଠେ। ଅନ୍ୟଭାବେ କହିଲେ ହେବ, ଏହା ହେଉଛି ଏହି ଜୀବନରେ ଭାଗ୍ୟ ସୃଷ୍ଟି କରିବାର ପ୍ରଣାଳୀ। ଗ୍ରନ୍ଥର ଶେଷଭାଗରେ କୁହାଯାଇଛି- ମଣିଷ ବା ବ୍ୟକ୍ତି ତାଙ୍କ ଜୀବନରେ ଏପରି କାର୍ଯ୍ୟ ନିର୍ଣ୍ଣୟ କରିବା ଉଚିତ, ଯେଉଁଠି ସେ ନିଜକୁ ସର୍ବାଧିକ ବିସ୍ତୃତ କରିପାରିବ। ଏହି ବିସ୍ତୃତି ହିଁ ହେଉଛି ଭାଗ୍ୟୋଦୟ। ମୋଟାମୋଟି ଭାବେ ଭାଗ୍ୟ ସମ୍ପର୍କରେ ଲିଖିତ ଓ ଅନୂଦିତ ଏହି ପୁସ୍ତକଟି ଯେକୌଣସି ପାଠିକାପାଠକଙ୍କ ପାଇଁ ଅବଶ୍ୟ ପଠନ ଓ ମନନର ଅପେକ୍ଷା ରଖେ।

### ନିତ୍ୟ ଅନିତ୍ୟ





**କବୟିତ୍ରୀ:** ଡ. ସୁମିତ୍ରା ମିଶ୍ର
**ପ୍ରକାଶକ:** ଗାୟତ୍ରୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ. ୧୪୫/-

୪୫ଟି କବିତାର ଶବ୍ଦଘର ଏ ବହିଟି। ଶବ୍ଦେଶବ୍ଦେ ଅନ୍ୱିତ କରିବାର ପ୍ରଚେଷ୍ଟା କରିଛନ୍ତି କବୟିତ୍ରୀ ଜୀବନର ନାନା ଅର୍ଥ ଓ ଅର୍ଥହୀନତା। 'ପ୍ରାକ୍ କଥନ'ରେ ଲେଖିକା କହନ୍ତି: ''ଜୀବନର ବିଭିନ୍ନ ଅନୁଭବ-ଆବେଗ-ଆତ୍ମଦହନକୁ ଆଦର୍ଶ, ଯୁକ୍ତି, ଚିନ୍ତନ ବା କବିପଣର ବାହାଦୁରୀରେ ନୁହେଁ, ବରଂ ନିଚ୍ଛକ ସତ୍ୟଶୀଳତାର ସହ ପ୍ରକାଶ କରିବା ମୋର କବିତ୍ୱର ଲକ୍ଷ୍ୟ। କବୟିତ୍ରୀଙ୍କ ଦୃଷ୍ଟିରେ ତୁଚ୍ଛାତିତୁଚ୍ଛ ଜୀବନର ଅମୂଲ୍ୟ ଦ୍ୟୁତି ନେଇ ଝଟକି ଉଠନ୍ତି। ପିପୀଲିକା, ବୁଢ଼ିଆଣୀ, ଦୂବଘାସ, ଗଙ୍ଗଶିଉଳି, ମାଟି, ଧାନଫୁଲ ଓ ସମୁଦ୍ର ଗର୍ଜନ- ଯାହା ସାଧାରଣ ସଂସାରୀର ଦୃଷ୍ଟିରେ ଉପେକ୍ଷିତ ବା ଅଲକ୍ଷ୍ୟ ରହିଥାଏ, କବିଦୃଷ୍ଟିରେ ସେ ସବୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଅନ୍ତି। ଗ୍ରନ୍ଥସ୍ଥ କେତେକ କବିତାରେ ରହିଛି ମାନବଜୀବନର ଦୈନନ୍ଦିନତା, ସମୟର ଅନୁଭବ, ସ୍ୱପ୍ନ, ସନ୍ଧାନ ଓ ସଂକଟ। ସଂସାରୀ, ସନ୍ନ୍ୟାସୀ, ହରିନାମ, ନିତ୍ୟ ଅନିତ୍ୟ ଆଦି କବିତା ଏହାର ଉଦାହରଣ। ମହାବେଉସା, ନର୍କପଥେ, ତୃଷାର୍ତ୍ତ ଆଦି କବିତାରେ ସାମ୍ପ୍ରତିକ ସମୟ ଉଦ୍ଦୀପିତ ହୋଇଉଠିଛି। ବ୍ୟକ୍ତିଗତ ଆବେଗକୁ ନେଇ ମନଫରୁଆ, ଆବେଗ ବର୍ଷା, ନିକାଞ୍ଚନ ମନ, ବିଷାଦ, ବିଚ୍ୟୁତି ଓ ସଂଘର୍ଷ ଆଦି କବିତା ଗତିଶୀଳ। ନାନା ପ୍ରତିକୂଳତା ଭିତରେ ''ମନଚୁଲି ତଳେ ଏବେ ବି ଜଳୁଛି ଧିମା ଆଞ୍ଚଟିଏ''- ଏ ଆଞ୍ଚ ଲିଭେ କ୍ୱଚିତ୍। ଆଶା, ବହିଟିର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ

''ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ।''
- ଆର୍.କେ. ନାରାୟଣ



**ଆର୍.କେ. ନାରାୟଣଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୦୬ରେ ଓ ପରଲୋକ ୧୩ ମେ ୨୦୦୧ରେ, ଚେନ୍ନାଇରେ। ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ନାରାୟଣସ୍ୱାମୀ। ବିପୁଳ ଲେଖକୀୟ ଯଶର ଅଧିକାରୀ ଏହି ଭାରତୀୟ ଇଂଲିଶ୍ ଲେଖକ ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ିକୁ ନେଇ ରଚିତ 'ମାଲଗୁଡ଼ି ଡେଜ୍' (୧୯୪୩) ପାଇଁ ବିଶ୍ୱ ପ୍ରସିଦ୍ଧ। ଇଂଲିଶ୍ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପଦ୍ମଭୂଷଣ, ସାହିତ୍ୟ ଏକାଡେମୀ ଫେଲୋଶିପ୍ ଓ ବେନ୍‌ସନ୍ ମେଡାଲ ଆଦି ସମ୍ମାନରେ ସମ୍ମାନିତ। ସେ କହନ୍ତି: ''ପ୍ରଚଳିତ ଶିକ୍ଷା ଭାରତକୁ ଏକ ବେକୁଫ୍‌ମାନଙ୍କର ଦେଶରେ ପରିଣତ କରିଛି, ଯେଉଁଥିପାଇଁ ନିଜ ସଂସ୍କୃତିରେ ବି ଆମେ ଆଜି ପର।''

## କବିତା

### ତଥାଗତ

ନରେଶ୍ ଚନ୍ଦ୍ର ମଣ୍ଡଳ

ଅପେକ୍ଷା କରିଛି ମୁଁ
ଗୋଟାଏ ଆତ୍ମୀୟତାର ସକାଳକୁ
ଚାରିପଟେ ନାଗଫାଶର
ଅଦୃଶ୍ୟ ବନ୍ଧନ
ଲୋଭ ଲାଳସା କାମ ମୋହ
ଏବଂ ଅପୂର୍ବ ରୂପ ଲାବଣ୍ୟର
ଅପରୂପ ଚିତ୍ର...

ହୋଇଥାଇପାର ତମେ
ଗୋଟାଏ ଅବଲୁପ୍ତ ବିସ୍ମୟର
ଅମ୍ଳାନ ଦର୍ପଣ
କିମ୍ବା ହୋଇଥାଇପାର
ପ୍ରାଣମୟ ପ୍ରେମ ନିବେଦନର
ବ୍ୟଥାଭରା କରୁଣ ନିର୍ଯାସ।
ତମକୁ କେବଳ ସ୍ପର୍ଶ କରାଯାଇପାରେ
ସ୍ୱପ୍ନରେ...

ତମେ ତଥାଗତ ହୁଅ କି
ଗୋଟାଏ ଅଦୃଶ୍ୟ ପୁରୁଷର
ସମ୍ମୋହିତ ବିଗ୍ରହ ହୁଅ,
ତମେ ଅହଂକାରର ଆକାଶଟିଏ ହୁଅ
କି ଭୟାନକ ଆତଙ୍କର
ବିଜନ ବେଳାଭୂମିଟିଏ ହୁଅ
ମୋର କିଛି ଯାଏନା କି ଆସେନା
ମୋତେ ଖାଲି ଏତିକି କୁହ
କେମିତି ମୁଁ ଛୁଇଁପାରିବି
ଅନ୍ଧାରି ଇଲାକାରେ
ତମର ସେ ବାସ୍ନାୟିତ ଦେହ...

ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

### ଭୂମା ଭୂମି ଭୂମିକା

ଅୟସ୍କାନ୍ତ

ତମ ମିଳନରେ ମୁଁ
ଲାଲ୍ ଗୋଲାପ
ବିରହରେ ନୀଳ ଆକାଶ
ତମକୁ ପାଇ ମୁଁ ଉଲଗ୍ନ ଉନ୍ମତ୍ତ ରୁଦ୍ର
ନ ପାଇ ମହିଷାସୁର!

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

### କରୁଣା

ଗଜାନନ ମିଶ୍ର

ଆ। ବୋଇଲେ ଆସେ କରୁଣା, ଆଉ
ବସ ବୋଇଲେ ବସେ ବାରଣ୍ଡାରେ।

ବସି ବସି ଭାବେ କେତେ କଣ, ଆଉ
ଭାବି ଭାବି କାଟେ ଅବସର ଜୀବନ।

ବାପରେ, ନାଇଁ ପାରିହୁଏ କରୁଣାକୁ,
ଯାଏ ପହଞ୍ଚି କୋଉଠି କୋଉଠି
ଆଖି ପିଛୁଳାକେ
ଯୋଉଟାକୁ କହେ ନିୟତି।

କଳେବଳେ କୌଶଳେ ହୁଏ ହାଜର
ଡାକିଦେଲା ମାତ୍ରେ ଖେଳେ ପାଖରେ
ଗେଲେ ଗେଲେ କହି କହି ନାଇଁ
ହୋଇପାରେ!

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଅବ୍ୟକ୍ତ ଆଶା

ଅନସୂୟା ପଣ୍ଡା

ଗୋପନୀୟ ବତିଟିଏ ହେଇ ଜଳୁଛି
ଅନ୍ଧାରକୁ ଉର୍ଜା ଦେଇ ପରିଣତ ବୟସେ
ଅନ୍ତର୍ଦୃଷ୍ଟିରେ ଜାଣିଛି ଜୀବନ ନଈଟିଏ
ସମୟ ସୁଅରେ ସଅଳ ବହିବା ଶିଖିଛି।

ଉଜୁଡ଼ା ସମ୍ପର୍କର ବୁନିଆଦ ଉପରେ
ଓଟ ପରି ବିଭୋର ନିଜ ରକ୍ତ ସ୍ୱାଦରେ
ସନ୍ତୁଳୁଛି ନିଜ ସହ ଛଳନାରେ ନିରବରେ
ଅବଶିଷ୍ଟ ଆୟୁଷକୁ ଗଣୁଛି ବସି ବାକ୍ୟରେ।

ପୁଣି ବି ଗୋଟେ ନିଃସର୍ତ୍ତ ବିଭୁପ୍ରାଣତା
ଅନୁରଣିତ ଆଶାର କଙ୍କାଳ ଭିତରେ
ଅନୁଭବିବ ହୃଦୟ ଦୀପ ବୁଝିବା ପୂର୍ବରୁ
ମହାନାୟକ ସେଇ ଅଦୃଶ୍ୟ ନିର୍ଦ୍ଦେଶକଙ୍କୁ।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

ଗୀତି-କବିତା

### ମନେପଡ଼ିଗଲେ

ବିଜୟଲକ୍ଷ୍ମୀ ପଟ୍ଟନାୟକ

ମନେପଡ଼ିଗଲେ ସେଦିନର କଥା
ବିଦାରି ହେଉଛି ଛାତି,
ଦିନ ଦ୍ୱିପ୍ରହରେ ଅଦିନ ଝଡ଼ରେ
ଓହ୍ଲାଇ ଆସିଲା ରାତି।

ଆଖି ପିଛୁଳାକେ ପାଦତଳ ମାଟି
ଫାଟି ହୋଇଗଲା ଆଁ,
ଆକାଶଟା ଛିଡ଼ି ମଥାପରେ ପଡ଼ି
ଅନ୍ଧାର କଲା ଦୁନିଆ।

ଝଡ଼ ଚାଲିଗଲା ଝାଡ଼ି ଡେଣା ତା'ର
ସ୍ତବ୍ଧ ହୋଇଲା ମହୀ,
ଉଜୁଡ଼ା ସଂସାର ଅଣ୍ଡାଳି ଖୋଜୁଛି
କାହ୍ନୁ ମୋର ଗଲା କାହିଁ!

ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

# ମାଷ୍ଟରମାଇଣ୍ଡ

ଲଘୁଗଳ୍ପ

ସୁନନ୍ଦା ମହାନ୍ତି

ଶୈଳ ଭାଉଜ ପିଅନ ହେଲେ କ'ଣ ହେଲା ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେ ବଡ଼ଗୁରୁମା'ଙ୍କର ଅତି ପ୍ରିୟ। ସ୍କୁଲକୁ କୋଉ ପିଲା ଆସୁନି ତା' ଘରକୁ ଯାଇ ସୁବିଧା ଅସୁବିଧା ବୁଝିଆସିବା ଓ କୋଉ ପିଲାର ଘର କେଉଁଠି, ତା' ବାପାଙ୍କ ନାମ ଓ ତା' ଘର ବିଷୟରେ ସବୁକିଛି ଶୈଳ ଭାଉଜ ଜିଭ ଆଗରେ। ହେଲେ ଆଜି ଧଡ଼ପଡ଼ ହୋଇ ଫାଷ୍ଟ ହାଫ୍‌ରୁ କମନରୁମ୍‌କୁ ପଠେଇଥିବା ନୋଟିସ୍‌ଟା ଫେରିଆସିବା ଦେଖି ବିଚଳିତ ହୋଇପଡ଼ିଲେ ବଡ଼ଗୁରୁମା'। ନୋଟିସ୍ ଯେତେ ହାର୍ଡ ହେଉନା କାହିଁକି, ସମସ୍ତଙ୍କୁ ବୁଝେଇ ଠିକ୍‌ଠିକ୍ ଦସ୍ତଖତ କରି ଆଣୁଥିବା ବେଳେ ଆଜି ଶୈଳ ଭାଉଜ ଫେରିଆସିବା ଦେଖି କ'ଣ ତାଙ୍କ ଆଉ କିଛି ତ୍ରୁଟି ରହିଗଲା କି ବୋଲି ନୋଟିସ୍‌ଟିକୁ ତନ୍ନତନ୍ନ ପରୀକ୍ଷା କରିଗଲେ ବଡ଼ଗୁରୁମା'। ସରକାରୀ ଚିଠି ନମ୍ବର ଓ ତାରିଖ ସବୁ ତ ପଡ଼ିଛି, ପୁଣି ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଦିଦିମାନେ ନୋଟିସ୍‌ରେ ଦସ୍ତଖତ ନ କରିବା କେତେଦୂର ସମୀଚୀନ ଭାଉଜ! ମୁଁ କ'ଣ ଆଉ କରିବି ଗୁରୁମା', ସରସ୍ୱତୀ ଦିଦି ତ କହିଲେ, କାହିଁ ଗୋଲାପୀ ଗୋଲାପୀ ଗୀତ ଉପରେ ତ ସରକାର କଟକଣା କରି ପାରୁନାହାନ୍ତି। ଛୁଟି ସାରା ଟିଭି, ରେଡିଓ ପୁଣି ମୋବାଇଲ ରିଙ୍ଗ୍‌ଟୋନ୍ ସେଇ ଗୋଲାପୀ ଗୋଲାପୀ ଗୀତ। ପୁଣି ସଙ୍ଗୀତ ନିର୍ଦ୍ଦେଶକମାନଙ୍କ ଉପରେ କଟକଣା ନାହିଁ ଯେ ଖାଲି ଗୋଲାପୀ ଗୋଲାପୀ ଗୀତ ପରୋକ୍ଷରେ ନୁହେଁ, ବରଂ ଗୋଲାପୀ ଦିଦି ବୋଲି ଗୀତ ଲେଖି ପ୍ରତ୍ୟକ୍ଷ ଭାବେ ଆମ ଶାଢ଼ି ରଙ୍ଗକୁ ନେଇ ଜନାଦୃତ ହେବାକୁ ତାଙ୍କ ଉପରେ ସରକାରୀ କଟକଣା ତ ନାହିଁ କହି ପାର୍ବତୀ ଦିଦି ଅଭିଯୋଗ କରୁଥିଲେ। ପୁଣି ଅମ୍ବିକା ଦିଦି କହିଲେ ଆମ ଶାଢ଼ି ତ ଏକରେ ଗୋଲାପୀ ରଙ୍ଗର କଲ, ପୁଣି ତାହା ପୁରୁଣା ହେଲେ ଆମେ କାହାକୁ ଦେଇପାରିବୁନି ପରି କଡ଼ା ନିର୍ଦ୍ଦେଶରେ ଆମେ ଦସ୍ତଖତ କରିପାରିବୁନି। ତାଙ୍କୁ ସାବିତ୍ରୀ ଦିଦି ଓ ପାର୍ବତୀ ଦିଦି ଦୁହେଁ ସମର୍ଥନ କରି କହିଲେ, ଆଗେ ବଡ଼ ଗୁରୁମା' ମାନନ୍ତୁ ତା' ପରେ ଆମକୁ ନୋଟିସ୍ ଦେବେ।

ହାଁ କରି ଅନେଇଥାଆନ୍ତି ବଡ଼ଗୁରୁମା' ଶୈଳ ଭାଉଜଙ୍କୁ। ସେ ନିଜେ ଉଦାହରଣ ସାଜିବା କଥା ତ ଆଗ। କିଏ ମନା କଲା? ସହଜେ କଥାରେ ଅଛି ବଡ଼ ନାଆଟି ଯୁଆଡ଼େ ସାନ ନାଆଟି ସିଆଡ଼େ, ତା'ପରେ ସରକାରୀ ନିୟମକୁ ଅବମାନନା କରିବା କ'ଣ ସହଜସାଧ୍ୟ କଥା! ଦାନାପାଣିକୁ ଭୟ ଅଛି ନା ନାହିଁ! ଷ୍ଟାଫ୍ ନୋଟିସ୍ ବୁଲିଲା। ସେକେଣ୍ଡ ହାଫ୍‌ରେ ଅଫିସରେ ହିଁ ମିଟିଂ। ମିଟିଂ ତ ମିଟିଂ ଜରୁରୀ ମିଟିଂ। ଶୈଳ ଭାଉଜ ଏଥର ନୋଟିସ୍ ବୁଲେଇ ଆଣି ବଡ଼ଗୁରୁମା'ଙ୍କ ଟେବୁଲରେ ଥୋଇ ଦେଇ ଚେୟାର ସବୁ ଝାଡ଼ିଝୁଡ଼ି ରଖୁ ରଖୁ ଆସିଗଲେ ସହକର୍ମୀମାନେ।

ବଡ଼ଗୁରୁମା' କିଛି କହିବା ପୂର୍ବରୁ ସାବିତ୍ରୀ ଗୁରୁମା' କହିଲେ, କ୍ଷମା କରିବେ ଗୁରୁମା'! ଆପଣ ନିଜେ ପରା ଆପଣଙ୍କ ସ୍କୁଲପିନ୍ଧା ଶାଢ଼ି ଦେଇଛନ୍ତି ରାମୀମାଆ ଉମାକୁ। ସେ ଆମ ଘରେ ତଥା ପାର୍ବତୀ ଗୁରୁମା'ଙ୍କ ଘରେ କାମ କରେ।



କହୁଥିଲା ସେ ବିଲକୁ ତା' ସ୍ୱାମୀଙ୍କ ପାଇଁ ଭାତ ନେଇ ଯାଇ ଦେଇ ଆସିବାପରେ ବାଟରେ ତାକୁ ପଛରୁ ହର୍ନ ମାରିମାରି ଜିପ୍‌ଟିଏ ରହିଲା। କିଛି ବୁଝିବା ପରିବର୍ତ୍ତେ କ'ଣ ଦିଦି ଚାରିଟା ପୂର୍ବରୁ ସ୍କୁଲ ଛୁଟି କରି ବିଲ ରାସ୍ତା ଦେଇ ଘରକୁ ଯାଉଛ? ତୁମ ନାମ କୁହ, ତୁମ ସ୍କୁଲ ନାମ କ'ଣ କୁହ, କହି ଯେମିତି ରାମୀମାଆକୁ ପଚାରି ବସିଛି ତ ରାମୀମାଆ କି ଛାଡ଼େ! କହିଲା, କି ବାବୁ ମୁଁ ତୋର ଦିଦି କାଇଁ ହେମି ଗୋ'! ମୋର ମରଦର ଲାଗି ମୁଁ କି ରକମ ଶାଢ଼ି ଚୁଡ଼ି ପିନ୍ଧି କେତେବେଳେ ଅଳସୀ କ୍ଷେତକୁ ଜିମି ତତେ ପଚାରିକି ଯିବି କି? ଡାକିବି ଏବେ ଯଦି ମୋ' ମରଦକୁ ପରସ୍ତେ ଛାଲ ଛଡ଼େଇଦେବ ତୋ' ସହରିଆ ଦିହରୁ ତ। ବାବୁଟା ସିନା ଦଉଡ଼ିକି ଖଣ୍ଡିଆଖାବେରା ହୋଇକି ପଳେଇଲା ଗୋ ଦିଦି, ହେଲେ ଗୋଲାପୀ ଶାଢ଼ିରେ ଧଡି ବଡ଼ ଅଛି କହି ତୁମ ବଡ଼ ଦିଦି ସେଇ ଶାଢ଼ି ଦେଇ ମତେ କି କଲବଲ କଲା ଗୋ' ପଚାରିମି ତୁମ ଦିଦିକୁ। ଆମେ ବଣୁଆ ଜାତି ତିରିଲାକୁ ଏ ବହପରେ ନାଁ, ଗାଁ କିଏ ପଚାରି ନ ଥିଲା ଗୋ' କହି ରାଗୁଥିଲା ଆପଣଙ୍କ ଉପରେ। ବଡ଼ଗୁରୁମା' ଆଉ ପୁରୁଣା ସ୍କୁଲ ଶାଢ଼ି କାହାକୁ ନ ଦେବା ନୋଟିସ ଉପରେ କିଛି ଆଲୋଚନା ନ କରି କହୁଥିଲେ ଏଇ ତ ଅବସର ଆସୁଛି ମୋର। ଶାଢ଼ିଗୁଡ଼ା କାହାକୁ ନ ଦେଇ ନାତି ନାତୁଣୀଙ୍କ କାମରେ ଲଗେଇଦେଲେ ଭଲ ହେବ। ସମସ୍ତେ ଆଉ କିଛି ନ କହି ମିଟିଂ କରିଥିଲେ। ଯିବା ପୂର୍ବରୁ ନୋଟିସ୍‌ରେ ସମସ୍ତେ ଦସ୍ତଖତ କରି ଦେଇଥିଲେ, କିନ୍ତୁ ବଡ଼ଗୁରୁମା' ଆଉ ଉଁ କି ଚୁଁ କିଛି ନ କହିବାରୁ ଶୈଳ ଭାଉଜ ମୁହଁ ଖୋଲିଥିଲା। କହିଲା, ଯାହା କହନ୍ତୁ ରାମୀମାଆ ଆମ କଡ଼ା ମିଜାଜିଆ ଅଫିସରଙ୍କୁ ଦେଇଛି ପାନେ, ନହେଲେ ଏମିତି ସରକାରୀ ନୋଟିସ୍ ଦେଖି ମୁଁ ବି ଭାବୁଥିଲି କଥାଟା କୋଉଠି!

ମୋ: ୯୦୪୦୯୭୭୩୨୭




# ରାହୁଲ, ଜୁରେଲ, ଜାଡେଜାଙ୍କ ଶତକ



ଶତକ ହାସଲ ପରେ ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା।

## ପ୍ରଥମ ଟେଷ୍ଟ: ଦୃଢ଼ ସ୍ଥିତିରେ ଭାରତ

### ■ ଇଣ୍ଡିଆନ ଆର୍ମିକୁ ଶତକ ଉତ୍ସର୍ଗ କଲେ ଜୁରେଲ

**ଅହମଦାବାଦ, ୩।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ୧୬୨ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୪୪୮ ରନ ସଂଗ୍ରହ କରି ନେଇଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୨୮୬ ରନରେ ଅଗ୍ରଣୀଲାଭ କରିଛି।

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୩୬ ରନକରି ଆଉଟ ହୋଇଥିବାବେଳେ ରାହୁଲ (୧୦୦) ହାସଲ କରିଥିଲେ କ୍ୟାରିୟରର ୧୧ଶ ଶତକ। ୨୦୧୬ ଡିସେମ୍ବର ପରେ ଏଠାରେ ପ୍ରଭାବୀ ବ୍ୟାଟିଂ କରି ରାହୁଲ ଶତକ ଶୂନ୍ୟତାକୁ ପୂରଣ କରିଛନ୍ତି। ସାଇ ସୁଦର୍ଶନ ଫେଲ୍ ମାରିଥିଲେ ହେଁ ଅଧିନାୟକ ଶୁବମନ ଗିଲ୍ ଅର୍ଦ୍ଧଶତକ (୫୦ ରନ) ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଜୁରେଲ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ (୧୨୫ ରନ, ୧୫ ଚୌକା, ୩ ଛକା) ହାସଲ କରିଥିବାବେଳେ ଜାଡେଜା ୧୦୪ ରନରେ ଅପରାଜିତ ରହିଛନ୍ତି। ୫ମ ଉଇକେଟରେ ଏ ଦୁହେଁ ଦ୍ୱିଶତକୀୟ ଭାଗୀଦାରି (୨୦୬) ଗଢ଼ିଛନ୍ତି। ଜୁରେଲ ନିଜ ପ୍ରଥମ ଶତକକୁ ଇଣ୍ଡିଆନ ଆର୍ମି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଷ୍ଟମ୍ପ ବେଳକୁ ଜାଡେଜାଙ୍କ ସହ ୱାଶିଂଟନ ସୁନ୍ଦର ୯ ରନରେ ଅପରାଜିତ ରହିଛନ୍ତି। ଜାଡେଜା ନିଜ ଇନିଂସ ମଧ୍ୟରେ ୫ଟି ଛକା ମାରି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ଅର୍ଥାତ ଜଣେ ଭାରତୀୟ ବ୍ୟାଟରଭାବେ ସେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟର ଗୋଟିଏ ଇନିଂସରେ ୩ କିମ୍ବା ତଦୂର୍ଦ୍ଧ୍ୱ ବ୍ୟାଟର ଶତକ ହାସଲ କରିବା ଭାରତ ପାଇଁ ଏହା ୪ର୍ଥ ଦୃଷ୍ଟାନ୍ତ। ପୂର୍ବରୁ ୧୯୭୯, ୧୯୮୬ ଓ ୨୦୦୭ରେ ଏହା ହୋଇଥିଲା। ଚଳିତ ସିଜନରେ ପୂର୍ବରୁ ଲିଡ୍ସରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ, ଗିଲ୍, ରିଷଭ ପନ୍ତ ଏବଂ ମାଞ୍ଚେଷ୍ଟରଠାରେ ଇଂଲଣ୍ଡ ବିପକ୍ଷରେ ଗିଲ, ଜାଡେଜା ଓ ସୁନ୍ଦର ଶତକ ହାସଲ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଘରୋଇ ବୋଲରଙ୍କୁ ମୁକାବିଲା କରି ନ ପାରି ୧୬୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଜଷ୍ଟିନ ଗ୍ରେଭ୍ସ ସର୍ବାଧିକ ୩୨ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ଟି, ଯଶପ୍ରୀତ୍ ବୁମ୍‌ରା ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪, ଲୋକେଶ ରାହୁଲ-୧୦୦, ଶୁବମନ ଗିଲ୍-୫୦, ରଷ୍ଟନ ଚେଜ୍-୨/୯୦, ଜାଡେଜ ସେଲ୍ସ-୧/୫୩, ଜୋମେଲ ୱାରିକାନ-୧/୧୦୨, ଖାରି ପିଏରେ-୧/୯୧)।

## ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଇ ଟ୍ରଫି ପାଇଁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାରି ଯାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ନିକଟରୁ ପରାଜିତ ହୋଇଛି। ୫୯ତମ ମିନିଟରେ ପଶ୍ଚିମବଙ୍ଗର ମୌସୁମୀ ମୁର୍ମୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୫ ତାରିଖରେ ଗୋଆ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ବ୍ରିସ୍‌ବେନ୍, ୩।୧୦ (ପି.ଟି.)**

ଭାରତର ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ଦଳ ଏଠାରେ ବୁଧବାର ଶେଷ ହୋଇଥିବା ପ୍ରଥମ ୟୁଥ୍ କ୍ରିକେଟ ଟେଷ୍ଟରେ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ 'ଏ' ଦଳ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିବା ସହ ଏକ ଇନିଂସ ୫୮ ରନରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୮/୧ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ତେବେ ଦଳ ୪୯.୩ ଓଭରରେ ୧୨୭ରନ ସ୍କୋରରେ ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ଭାରତକୁ ଥରେ ମାତ୍ର ବ୍ୟାଟିଂ କରିବାକୁ ପଡ଼ିଥିଲା। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୨୪୩ରନ ଜବାବରେ ବୈଭବ ସୂର୍ଯ୍ୟବଂଶୀ (୧୧୩ରନ, ୮୬ବଲ୍, ୯ଚୌକା ଓ ୮ଛକା) ଓ ବେଦାନ୍ତ ତ୍ରିବେଦୀ (୧୪୦ରନ, ୧୯୨ ବଲ୍, ୧୯ଚୌକା)ଙ୍କ ଶତକ ବଳରେ ଭାରତୀୟ ଦଳ ୮୧.୩ ଓଭରରେ ୪୨୮ରନ କରିଥିଲା। । ଭାରତ ତରଫରୁ ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ମିଡିୟମ ପେସ୍‌ର ଦୀପେନ୍ଦ୍ର ଦେବେନ୍ଦ୍ରନ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ଆଉ ତିନୋଟି ଉଇକେଟ ସଫଳତା ପାଇଥିବା ବେଳେ ଅବଶିଷ୍ଟ ଉଇକେଟଗୁଡ଼ିକ କିଶନ କୁମାର, ଖିଲନ ପଟେଲ ଓ ଅନମୋଲ୍‌ଜିତ୍ ସିଂ ବାଣ୍ଟି ନେଇଥିଲେ। ଭ୍ରମଣକାରୀ ଦଳ ବିପକ୍ଷରେ ଘରୋଇ ଦଳର ବ୍ୟାଟିଂ ଭୁଶୁଡ଼ି ଯାଇଥିଲା। ଦ୍ୱିତୀୟ ତଥା ଫାଇନାଲ ୟୁଥ୍ ଟେଷ୍ଟ ମ୍ୟାକେଠାରେ ଅକ୍ଟୋବର ୭ରୁ ଆରମ୍ଭ ହେବ। ଏହା ପୂର୍ବରୁ ୟୁଥ୍ ଦିନିକିଆ ସିରିଜରେ ଘରୋଇ ଦଳକୁ ୩-୦ରେ ହରାଇ ଦେଇଛି।

## ମଡର୍ନ ପେଣ୍ଟାଥଲନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**



ଜାତୀୟ ମଡର୍ନ ପେଣ୍ଟାଥଲନ ପାଇଁ ମନୋନୀତ ଓଡ଼ିଶା ଦଳ।

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମଡର୍ନ ପେଣ୍ଟାଥଲନ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରଣବ ଦାସ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମ୍ଭାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମତା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଛନ୍ତି। ଏମ୍.ଡି. ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲଭାବେ ଦଳ ସହ ଯାତ୍ରା କରିବେ। ଇନ୍ଦୋର ଯାତ୍ରା ପୂର୍ବରୁ ଦଳକୁ ମଡର୍ନ ପେଣ୍ଟାଥଲନ ଆସୋସିଏଶନ ପକ୍ଷରୁ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନ ସଭାପତି ବାସୁଦେବ ଓଝା, ସମ୍ପାଦକ ମହମ୍ମଦ ଆଜମ, ଟାଇମ୍ସ ଗୁରୁକୁଳ ଚେୟାରମ୍ୟାନ ଶାରଦା ପ୍ରସାଦ ମିଶ୍ର, ରଞ୍ଜନ କୁମାର ନନ୍ଦ, ନିର୍ଭର କୁମାର ସାମନ୍ତରାୟ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

## ମୀରାବାଈଙ୍କୁ ରୌପ୍ୟ

**ଫୋର୍ଡେ, ୩।୧୦ (ପି.ଟି.):** ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ (୪୮କେଜି) ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର ୪୮କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ୨୦୧୭ରେ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୦୨୨ରେ ରୌପ୍ୟ ଜିତିଥିଲେ। ପୂର୍ବରୁ ସେ ଅବଶ୍ୟ ୪୯କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ଏଥର ସେ ତାଙ୍କ ଓଜନ ପରିମାଣ ହ୍ରାସ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କର ଟୋଟାଲ ଲିଫ୍ଟରେ ୧୯୯କେଜି (ସ୍ନାଚ୍‌ରେ ୮୪କେଜି + କ୍ଲିନ୍ ଆଣ୍ଡ ଜର୍କରେ ୧୧୫କେଜି) ଓଜନ ଉଠାଇ ପଦକ ବିଜେତାଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି।

## ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

**୨୦୨୫-୨୬ ରଣଜୀ ସିଜନ**

■ ଅକ୍ଟୋବର ୧୫ରୁ ବାରବାଟୀରେ ପ୍ରଥମ ମ୍ୟାଚ୍

■ ଓଡ଼ିଶା ଦଳରେ ୩ ନୂଆମୁହଁ


**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ବିସିସିଆଇ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ୨୦୨୫-୨୬ ସିଜନର ପ୍ରଥମ ୩ଟି ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର, ସଦସ୍ୟ ଅବକାଶ ଖଟୁଆ ଓ ଶୁଭ୍ରଜିତ ସାହୁ ଘୋଷଣା କରିଥିବା ୧୫ ଜଣିଆ ଦଳରେ ୩ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ବିତ ଏସ. ବରାଳ ଓ ବାଦଲ ବିଶ୍ୱାଳ। ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱସ୍ତିକ ସାମଲ ଉପ-ଅଧିନାୟକ ହୋଇଛନ୍ତି। ୫ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବରୋଦା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଚଳିତ ମାସ ୧୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ସିଜନରେ ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା ୪ଟି ଘରୋଇ ଏବଂ ୩ଟି ବାହାର ପରିବେଶରେ ଖେଳିବ। ଦ୍ୱିତୀୟ ମ୍ୟାଚ କାନ୍‌ପୁରଠାରେ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାରବାଟୀରେ ତୃତୀୟ ମ୍ୟାଚ ନଭେମ୍ବର ୧ରୁ ୪ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବାକୁ ଥିବାବେଳେ ନାଗପୁରରେ ନଭେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ଗତ ସିଜନର ଚାମ୍ପିୟନ ବିଦର୍ଭ ବିପକ୍ଷରେ ଖେଳିବ। ଏହାପରେ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ମୁକାବିଲା ନଭେମ୍ବର ୧୬ରୁ ୧୯ ଏବଂ ତାମିଲନାଡୁ ବିପକ୍ଷ ମ୍ୟାଚ ବାରବାଟୀରେ ୨୦୨୬ ଜାନୁଆରୀ ୨୨ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ କିନାନ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ସିଜନ ଶେଷ କରିବ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଷ୍ଟାଣ୍ଡବାଇ: ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ସୌରଭ ଗୌଡ଼ା, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ।




ଓଡ଼ିଶା ରଣଜୀ ଦଳ ଘୋଷଣା ଅବସରରେ ଚୟନକର୍ତ୍ତା ଶୁଭ୍ରଜିତ ସାହୁ, ସୌରଜିତ ମହାପାତ୍ର ଓ ଅବକାଶ ଖଟୁଆ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ